# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
7 APRIL 2026
ମଙ୍ଗଳବାର
୭ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 319 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୧୯ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


### ବାପା-ପୁଅ ହାଜତ୍ ମୃତ୍ୟୁ ମାମଲା

## ୯ ପୁଲିସ୍ ଅଧିକାରୀଙ୍କୁ ଫାଶୀଦଣ୍ଡ

**ମଦୁରାଇ, ୬।୪/ଏଜେନ୍ସି:**

ତାମିଲନାଡୁର ବହୁଚର୍ଚ୍ଚିତ ସଥାନକୁଲମ୍ କଷ୍ଟୋଡିଆଲ୍ ଡେଥ୍ (ହାଜତ୍ ମୃତ୍ୟୁ) ମାମଲାରେ ମଦୁରାଇର ଏକ କୋର୍ଟ ସୋମବାର ଏକ ଐତିହାସିକ ଶୁଣାଣି କରିଛନ୍ତି। ଏହି ବର୍ବରକାଣ୍ଡରେ ସମ୍ପୃକ୍ତ ୯ ଜଣ ପୁଲିସ୍ ଅଧିକାରୀଙ୍କୁ କୋର୍ଟ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାକୁ 'ରେୟାରେଷ୍ଟ ଅଫ୍ ରେୟାର' ବା ବିରଳରୁ ଅତି ବିରଳତମ ମାମଲା' ଦର୍ଶାଇ କୋର୍ଟ ପୁଲିସ୍ ପ୍ରଶାସନର ଅତ୍ୟଧିକ ବର୍ବରତା ଓ କ୍ଷମତାର ଅପବ୍ୟବହାରକୁ କଡ଼ା ସମାଲୋଚନା କରିଛନ୍ତି।

ଦୀର୍ଘ ୬ ବର୍ଷ ଧରି ଚାଲିଥିବା ଏହି ମାମଲାରେ ପ୍ରଥମ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ଜି. ମୁଥୁକୁମାରନ୍ ସମସ୍ତ ଅଭିଯୁକ୍ତଙ୍କୁ ହତ୍ୟା ଏବଂ ଅନ୍ୟାନ୍ୟ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ସିବିଆଇ ଏହି ମାମଲାରେ ତଦନ୍ତ କରିଥିବା ବେଳେ ସିବିଆଇ ପକ୍ଷରୁ ଦିଆଯାଇଥିବା ଯୁକ୍ତିକୁ କୋର୍ଟ ଗ୍ରହଣ କରିଥିଲେ। ବିଚାରପତି ଶୁଣାଣି ସମୟରେ କହିଥିଲେ ଯେ, ହାଜତ ମଧ୍ୟରେ ଦିଆଯାଇଥିବା ନିର୍ଯାତନା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା। ବାପା-ପୁଅଙ୍କୁ ରାତିସାରା ଅକଥନୀୟ ନିର୍ଯାତନା ଦିଆଯାଇଥିବାରୁ ସେମାନଙ୍କର



ମୃତ ପି. ଜୟରାଜ, ଜେ. ବେନିକ୍ସ

**ଧାର୍ଯ୍ୟ ସମୟ ବାହାରେ ଦୋକାନ ଖୋଲିଥିବାରୁ ପୁଲିସ୍ ଉଠାଇନେଇଥିଲା**

**ପରେ ରାତିତମାମ ପୁଲିସ କର୍ମଚାରୀମାନେ ମାଡ଼ମାରିଥିଲେ**

**୧୦ମ ଅଭିଯୁକ୍ତଙ୍କ ପୂର୍ବରୁ କୋଭିଡ୍‌ରେ ମୃତ୍ୟୁ ହୋଇସାରିଛି**

ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଏଭଳି କଠୋର ଦଣ୍ଡ ଦିଆଯାଇଛି।

୧୯ ଜୁନ୍ ୨୦୨୦ରେ ଲକଡାଉନ୍ ନିୟମ ଉଲ୍ଲଙ୍ଘନ କରି ଦୋକାନ ଖୋଲା ରଖିବା ଅଭିଯୋଗରେ ବ୍ୟବସାୟୀ ପି. ଜୟରାଜ (୫୯) ଏବଂ ତାଙ୍କ ପୁଅ ଜେ. ବେନିକ୍ସ (୩୧)ଙ୍କୁ ସଥାନକୁଲମ୍ ଥାନାର ପୁଲିସ୍ ଟିମ୍ ଅଟକ ରଖିଥିଲେ। ତେବେ ପରେ ଉଭୟ ବାପା-ପୁଅଙ୍କୁ ଅଭିଯୁକ୍ତ ପୁଲିସ୍‌କର୍ମଚାରୀମାନେ ନିର୍ମମ ଭାବେ ପିଟିଥିଲେ। ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ନ୍ୟାୟିକ ହେପାଜତକୁ ପଠାଯାଇଥିବା ବେଳେ ମାତ୍ର କିଛି ଦିନ ମଧ୍ୟରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଥାନା ଭିତରେ ବାପା-ପୁଅଙ୍କୁ ମାଡ଼ ମାରିବାର ଘଟଣାକୁ ଉଦ୍ଦେଶ୍ୟମୂଳକ ଭାବେ ଥାନା ଭିତରେ ଲାଗିଥିବା ସିସିଟିଭିରୁ ହଟାଇ ଦିଆଯାଇଥିଲା ବୋଲି ମଧ୍ୟ ତଦନ୍ତରୁ ଜଣାପଡ଼ିଥିଲା। ସେହିପରି ନିୟମ ଅନୁସାରେ ଥାନା ଭିତର ତଥା ବାହାର ସିସିଟିଭି ରେକର୍ଡିଂଗୁଡ଼ିକୁ ସୁରକ୍ଷିତ ରଖିବା କଥା କିନ୍ତୁ ସଥାନକୁଲମ୍ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତିଦିନ ସ୍ୱୟଂଚାଳିତ ଭାବରେ ଡିଲିଟ୍ ହୋଇଯାଉଥିଲା, ଯାହା ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଉଦ୍ଧାର ହୋଇପାରିନଥିଲା। ▶▶ ୬

### ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା

## ୨୩ ଜିଲ୍ଲାରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିଯୁକ୍ତ

### ମୋଟ୍ ୪୬ଙ୍କୁ ନିଯୁକ୍ତି ଦେଲେ ମୋହନ ସରକାର

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:**

ରାଜ୍ୟରେ କ୍ଷମତାକୁ ଆସିବାର ମାତ୍ର ୩ମାସ ମଧ୍ୟରେ ସମସ୍ତ ୨୩ଟି ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦକୁ ଭାଙ୍ଗି ଦେଇଥିବା ବିଜେପି ସରକାର ଆଜି ଏସବୁରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟର ୨୩ଟି ସ୍ୱତନ୍ତ୍ର ବିକାଶ ପରିଷଦ(ଏସ୍‌ଡିସି) ଘୋଷଣା କରିବା ସହ ମୋଟ୍ ୪୬ଜଣ ବିଜେପି ନେତାଙ୍କୁ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ ମୋହନ ସରକାର ନିଯୁକ୍ତ କରିଛନ୍ତି। ଲକ୍ଷ୍ୟ ରହିଛି ଜନଜାତିଙ୍କ ସାମଗ୍ରିକ ବିକାଶ। ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ସୋମବାର ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସନ୍ତୋଷ କୁମାର ଅମାତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂଆ ଅଧ୍ୟକ୍ଷ ହୋଇଥିବାବେଳେ ଗାଙ୍ଗି କିଣ୍ଡୋ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ଦେବଗଡ଼ ଜିଲ୍ଲା ପାଇଁ ପ୍ରଶାନ୍ତ ବେହେରା-ଅଧ୍ୟକ୍ଷ, ପ୍ରମିଳା କିଶାନ-ଉପାଧ୍ୟକ୍ଷ, ଢେଙ୍କାନାଳ ଜିଲ୍ଲା ପାଇଁ ନାଉରି ସିଂ-ଅଧ୍ୟକ୍ଷ,



ସେବତୀ ଭୋଇ-ଉପାଧ୍ୟକ୍ଷ, ଗଜପତି ଜିଲ୍ଲା କାମଦେବ ବଡ଼ନାୟକ-ଅଧ୍ୟକ୍ଷ, ପଙ୍କଜିନୀ ଦଳାଇ-ଉପାଧ୍ୟକ୍ଷ, ଗଞ୍ଜାମ ଜିଲ୍ଲା ନୀଳମାଧବ ପାତ୍ର-ଅଧ୍ୟକ୍ଷ, ଲଳିତା ପ୍ରଧାନ-ଉପାଧ୍ୟକ୍ଷ, ଯାଜପୁର ଜିଲ୍ଲା ପାଇଁ ରାଜେନ୍ଦ୍ର କାନ୍ଦୁଲିଆ-ଅଧ୍ୟକ୍ଷ, ଶାନି ଜରିକା-ଉପାଧ୍ୟକ୍ଷ, ଝାରସୁଗୁଡ଼ା ଜିଲ୍ଲା ପାଇଁ ସାମଲ ନାଏକ-ଅଧ୍ୟକ୍ଷ, ସଂଯୁକ୍ତା ଓରାମ-ଉପାଧ୍ୟକ୍ଷଭାବେ ନିଯୁକ୍ତି ପାଇଛନ୍ତି।

ସେହିପରି କଳାହାଣ୍ଡି ଜିଲ୍ଲା ପାଇଁ ବିଜୟ ଦିଶାରୀ-ଅଧ୍ୟକ୍ଷ, ରୀନା ଭୋଇ- ଉପାଧ୍ୟକ୍ଷ, କନ୍ଧମାଳ ଜିଲ୍ଲା ପାଇଁ ମାନଗୋବିନ୍ଦ ପ୍ରଧାନ-ଅଧ୍ୟକ୍ଷ, କଳ୍ପନା କହଁର-ଉପାଧ୍ୟକ୍ଷ, କୋରାପୁଟ ଜିଲ୍ଲା ପାଇଁ ଭଗବାନ ମୁଦୁଲି-ଅଧ୍ୟକ୍ଷ, ସୁକାନ୍ତି ମାଝୀ-ଉପାଧ୍ୟକ୍ଷ, ମାଲକାନଗିରି ଜିଲ୍ଲା ପାଇଁ ଗଙ୍ଗାଧର ସୋଡ଼ି-ଅଧ୍ୟକ୍ଷ, ସାବିତ୍ରୀ ପଡ଼ିଆମୀ-ଉପାଧ୍ୟକ୍ଷ, କେନ୍ଦୁଝର ଜିଲ୍ଲା ପାଇଁ ମମିତା ନାୟକ-ଅଧ୍ୟକ୍ଷ, ମାନସ କୁମା ନାଏକ-ଉପାଧ୍ୟକ୍ଷ, ମୟୂରଭଞ୍ଜ ଜିଲ୍ଲା ପାଇଁ ଡ.ବୁଦ୍ଧନ ମୁର୍ମୁ-ଅଧ୍ୟକ୍ଷ, କୌଶଲ୍ୟ ନାଏକ-ଉପାଧ୍ୟକ୍ଷ, ନବରଙ୍ଗପୁର ଜିଲ୍ଲା ପାଇଁ ବାସନ୍ତୀ ମାଝୀ-ଅଧ୍ୟକ୍ଷ, ତ୍ରିନାଥ ଭତ୍ରା-ଉପାଧ୍ୟକ୍ଷ, ଅନୁଗୁଳ ଜିଲ୍ଲା ପାଇଁ ବଶିଷ୍ଠ ନାୟକ-ଅଧ୍ୟକ୍ଷ, ସୁରୁମୁଣି ଛତର-ଉପାଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି।

ଏହାଛଡ଼ା ବଲାଙ୍ଗିର ଜିଲ୍ଲା ପାଇଁ ବଲ୍ଲଭ ଧରୁଆ-ଅଧ୍ୟକ୍ଷ, ଜୟନ୍ତୀ ଭୋଇ-ଉପାଧ୍ୟକ୍ଷ, ବାଲେଶ୍ୱର ଜିଲ୍ଲା ପାଇଁ ବିପିନ୍ ମାରାଣ୍ଡି-ଅଧ୍ୟକ୍ଷ, ଝରଣା ସିଂ-ଉପାଧ୍ୟକ୍ଷ, ବରଗଡ଼ ଜିଲ୍ଲା ପାଇଁ ଗୋବର୍ଦ୍ଧନ ଭୋଏ-ଅଧ୍ୟକ୍ଷ, ତିଳତ୍ତୋମା ଭୁଏ-ଉପାଧ୍ୟକ୍ଷ, ବୌଦ୍ଧ ଜିଲ୍ଲା ▶▶ ୬

## ୧୪ ନୂଆ କୁଳପତି ନିଯୁକ୍ତ

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:**

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କମ୍ଭମପାଟି ଆଜି ଏକସଙ୍ଗେ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନାମ ଘୋଷଣା କରିଛନ୍ତି। ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ ୨୦୧୭ର ବିଭିନ୍ନ ଧାରାରେ କୁଳପତିମାନଙ୍କୁ ଏହି ନିଯୁକ୍ତି ମିଳିଛି। ରାଜ୍ୟର ପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ଦାୟିତ୍ୱ ମିଳିଥିବାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କୁ ଅବସ୍ଥାପିତ କରାଯାଇଛି। ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପୁନଃନିଯୁକ୍ତି ପାଇଛନ୍ତି।

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଚଣ୍ଡୀପ୍ରସାଦ, ରେଭେନ୍ସାରେ ଅର୍କକୁମାର**

ସେହିପରି କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ର, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ନିଯୁକ୍ତି ମିଳିଥିବାବେଳେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅସୀମା ସାହୁଙ୍କୁ କୁଳପତି ଭାବେ ▶▶ ୬

### ଅଶୁଭ ସୋମବାର

## ଦୁର୍ଘଟଣାରେ ଗଲା ୮ ଜୀବନ

### ଟ୍ରକ୍‌କୁ ପିଟିଲା ଟ୍ରକ୍: ୩ମୃତ

**ସୋର,୬।୪/ଏନ୍ଏନ୍ଏସ୍:**

ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରବିବାର ବିଳମ୍ବିତ ରାତିରେ ୧୬ ନଂ ଜାତୀୟ ରାଜପଥ ଦହିସଡ଼ା ମଡ଼ର୍ଣ୍ଣ ହୋଟେଲ୍ ସମ୍ମୁଖରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ଜେଏଚ ୦୫ ଇଏଫ ୨୯୫୪ ନଂ ବିଶିଷ୍ଟ ଏକ ଟ୍ରକ ରାସ୍ତା ପାର୍ଶ୍ୱରେ ବ୍ରେକ୍ ଡାଉନ ହୋଇ ଛିଡ଼ା ହୋଇଥିଲା। ଏହି ସମୟରେ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ୟୁପି ୮୨ ଟି ୩୮୮୮ ନମ୍ବର ବିଶିଷ୍ଟ ଟ୍ରକ ଛିଡ଼ା ହୋଇଥିବା ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରକରେ ଥିବା ୩ଜଣ ଗାଡ଼ି ଭିତରେ ଚାପି ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଟ୍ରକକୁ କାଟି ସମସ୍ତଙ୍କୁ ଉଦ୍ଧା କରିଥିଲେ। ପରେ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ମେଡିକାଲକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହିତ ସୋର ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଦୁଇ କାର୍ ମୁହାଁମୁହିଁ, ୩ ମୃତ

**ଉମରକୋଟ,୬।୪/ଏନ୍ଏନ୍ଏସ୍:**

ନବରଙ୍ଗପୁର ଜିଲ୍ଲା ଭାରତମାଳା ରାସ୍ତାର ବଡ଼କୁମାରୀ ନିକଟରେ ଦୁଇ କାର୍ ମଧ୍ୟରେ ମୁହଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏଥିସହ ୫ ଜଣ ଆହତ ହୋଇଛନ୍ତି। କୋରାପୁଟ ସୁନାବେଡ଼ା ଠାରୁ ସମ୍ପର୍କୀୟମାନେ କାର୍‌ରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ଚିତାବେଢ଼ା ଗ୍ରାମକୁ ଭୋଜି ଖାଇ ଯାଇଥିଲେ। ଫେରୁଥିବା ବେଳେ ଉମରକୋଟ ବଡ଼କୁମାରୀ ନିକଟରେ ବିପରୀତ ଦିଗରୁ କଳାହାଣ୍ଡି ମଟରରୁ ରାଇଘର ହଳଦୀ ବରଯାତ୍ରୀ ▶▶ ୬

### ଢାବା ଭିତରକୁ ପଶିଲା କାର୍: ୨ମୃତ

**ବୀରମିତ୍ରପୁର,୬।୪/ଏନ୍ଏନ୍ଏସ୍:**



ଢାବା ଭିତରକୁ ପଶିଗଲା କାର୍। ଯେଉଁଥିରେ କାର୍ ଚାଳକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ପାଣ୍ଡି ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥର ଯମୁନାନାଖି ନିକଟରେ ରବିବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ ହେଲେ ଛେଣ୍ଡ ଫେଜ-୨ର କୁନାଲ ଚନ୍ଦ୍ର ନାୟକ (୨୨) ଓ ଚାଳକ ରାଉରକେଲା ତରକେରା ଅଞ୍ଚଳର ମୋହିତ ମହାତୋ (୨୨)। ଅନ୍ୟପକ୍ଷରେ ଗୁରୁତର ସମୀର ନାୟକଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ ସମସ୍ତେ ଏକ କାର୍ ଯୋଗେ ରାଞ୍ଚିରୁ ରାଉରକେଲା ଫେରୁଥିଲେ। ବୀରମିତ୍ରପୁର ପଟୁ ଉକ୍ତ କାର ଦ୍ରୁତ ଗତିରେ ▶▶ ୬

### ଆଜାଦନଗର ବ୍ଲାଷ୍ଟ

## ତଦନ୍ତ କରିବ ଏନ୍ଆଇଏ

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:**

ରାଜଧାନୀ ଭୁବନେଶ୍ୱରସ୍ଥିତ ଆଜାଦନଗର ବିସ୍ଫୋରଣ ଘଟଣାର ତଦନ୍ତ ଏନଆଇଏ କରିବ। ବିସ୍ଫୋରଣ ଘଟଣା, ଅପରାଧିକ ଲିଙ୍କ, ଆତଙ୍କି ହମଲା ସମ୍ପର୍କିତ ତଦନ୍ତ ଏନଆଇଏ କରିବ। ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗରରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ସେହେନଓ୍ୱାଜ ମଲ୍ଲିକ ଓରଫ ▶▶ ୬




### ଓଡ଼ିଶାରେ ଚାଲିବନି

## ବାହାର ରାଜ୍ୟର ପୁରୁଣା ବାଣିଜ୍ୟିକ ଗାଡ଼ି

**ଭୁବନେଶ୍ୱର,କଟକ,୬।୪/ଏନ୍ଏନ୍ଏସ୍:**

ରାଜ୍ୟରେ ପୁରୁଣା ବାହନ ଉପରେ କଡ଼ା ନିୟନ୍ତ୍ରଣ ଲାଗୁ କରିବାକୁ ଓଡ଼ିଶା ସରକାର ଆଜି ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିର୍ଦ୍ଦେଶନାମା ଅନୁସାରେ ଅନ୍ୟ ରାଜ୍ୟରେ ପଞ୍ଜିକୃତ ଏବଂ ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଯାନଗୁଡ଼ିକୁ ଓଡ଼ିଶାରେ ପ୍ରବେଶ କିମ୍ବା ଚାଲିବା ପାଇଁ ଅନୁମତି ମିଳିବ ନାହିଁ। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଏହି ଆଦେଶ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜାରି କରାଯାଇଛି। ରାଜ୍ୟର ପରିବହନ ବ୍ୟବସ୍ଥାକୁ ସୁଧାରିବା ସହ ଯାତ୍ରୀ ସୁରକ୍ଷାକୁ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଏପରି ନିଷ୍ପତ୍ତି ନିଆଯାଇଛି। ୨୦୨୩ ଜୁଲାଇ ୧୯ରେ ହୋଇଥିବା ବୈଠକରେ ଗ୍ରହଣ କରାଯାଇଥିବା ସିଦ୍ଧାନ୍ତକୁ ବର୍ତ୍ତମାନ କଡ଼ାକଡ଼ି ଭାବେ କାର୍ଯ୍ୟକରୀ କରିବାକୁ ଆଦେଶ ଦିଆଯାଇଛି। ନୂତନ ନିୟମ ଅନୁଯାୟୀ, ଏମିତି ପୁରୁଣା ବାହାନମାନଙ୍କୁ ରାଜ୍ୟରେ ଚଳାଚଳ ପାଇଁ କୌଣସି ନୂଆ ପରମିଟ୍ ଦିଆଯିବ ନାହିଁ। ସେହିପରି ଏହି ବାହାନଗୁଡ଼ିକର ଠିକଣା ▶▶ ୬

### ଆଇଡି ଦେଖାଇ ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ

## ନେଇପାରିବେ ୫ କେଜିଆ ଗ୍ୟାସ୍

**ଭୁବନେଶ୍ୱର,୬।୪ /ଏନ୍ଏନ୍ଏସ୍:**

୫ କେଜି ଫ୍ରି ଟ୍ରେଡିଂ ଏଲପିଜି ଗ୍ୟାସ୍ ବିକ୍ରିକୁ ନେଇ ଲାଗିଥିବା କଟକଣା ସୋମବାର ହଟିଛି। ପ୍ରବାସୀ ଶ୍ରମିକ ଓ ଛାତ୍ରଛାତ୍ରୀମାନଙ୍କୁ ୫ କେଜିଆ ଗ୍ୟାସ୍ ମିଳିବ। ପରିଚୟପତ୍ର ଦେଖାଇ କିଣିପାରିବେ। ସେମାନେ ନିଜର ପରିଚୟ ପତ୍ର ଦେଖାଇ ୫ କେଜି ଫ୍ରି ଟ୍ରେଡିଂ ଏଲ୍‌ପିଜି ଭରି ପାରିବେ। ଇ-କେୱାଇସି ହୋଇଥିଲେ ବି ପରିଚୟପତ୍ର ଦେଖାଇ କିଣିପାରିବେ। ତେବେ ଏହା କେବଳ ଗ୍ୟାସ୍ କମ୍ପାନୀଗୁଡ଼ିକ ହିଁ ଯୋଗାଇ ଦେବେ। ବାହାରେ କଳାବଜାରରେ ଏହା ବିକ୍ରି ହୋଇ ପାରିବ ନାହିଁ। ଯେଉଁମାନେ ଆଗରୁ ୫ କେଜିଆ ସିଲିଣ୍ଡର ନେଇଛନ୍ତି ସେମାନଙ୍କର ମଧ୍ୟ କିଛି ସମସ୍ୟା ହେବ ନାହିଁ। ତୈଳ କମ୍ପାନୀ ସେମାନଙ୍କୁ ଗ୍ୟାସ ଯୋଗାଇ ଦେବେ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ପଷ୍ଟ କରିଛନ୍ତି। ଯୋଗାଣ ମନ୍ତ୍ରୀଙ୍କ ସୂଚନା ପରେ ଉପଭୋକ୍ତା ଆଶ୍ୱସ୍ତ ହୋଇଛନ୍ତି। ବିଶେଷ କରି ଛାତ୍ରଛାତ୍ରୀ ଏବଂ ପ୍ରବାସୀ ଶ୍ରମିକଙ୍କ ଚିନ୍ତା ଦୂର ହୋଇଛି। ରବିବାର ୫କେଜି ଗ୍ୟାସ୍ ଆଉ ମିଳିବ ନାହିଁ ବୋଲି ▶▶ ୬

# ୪୫ ଦିନିଆ ଅସ୍ଥାୟୀ ଅସ୍ତ୍ରବିରତି ପ୍ରସ୍ତାବକୁ 'ନା'

**ତେହେରାନ୍,ୱାଶିଂଟନ, ୬।୪/ଏଜେନ୍ସି:**

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଏବେ ଏକ ଜଟିଳ ମୋଡ଼ରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରେସ୍ କନ୍‌ଫରେନ୍ସର କିଛି ଘଣ୍ଟା ପୂର୍ବରୁ ଇରାନ ନୂତନ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଇରାନ କହିଛି ଯେ, ଅସ୍ଥାୟୀ ଅସ୍ତ୍ରବିରତି ପ୍ରସ୍ତାବକୁ ଏହା ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରୁଛି। ସେମାନଙ୍କୁ କେବଳ ସାମୟିକ ନୁହେଁ ବରଂ 'ସ୍ଥାୟୀ ସମାଧାନ' ଦରକାର। ଯେପର୍ଯ୍ୟନ୍ତ ଏନେଇ ଏକ ସ୍ପଷ୍ଟ ଆଶ୍ୱାସନା ତଥା ଲିଖିତ ପ୍ରତିଶ୍ରୁତି ଦିଆଯାଇନାହିଁ, ସେପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଇରାନ୍ ସ୍ପଷ୍ଟ କରିଛି ଯେ, କେବଳ ସାମୟିକ ଅସ୍ତ୍ରବିରତି ବଦଳରେ ସେମାନେ 'ହର୍ମୁଜ ପ୍ରଣାଳୀ' ଖୋଲିବେ ନାହିଁ। ଏତଦ୍‌ବ୍ୟତୀତ ଯଦି ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ ଜାରି ରୁହେ ତେବେ ଏହା ହର୍ମୁଜ୍ ସମେତ ଅନ୍ୟ ସାମୁଦ୍ରିକ ମାର୍ଗଗୁଡ଼ିକୁ ମଧ୍ୟ ଅବରୋଧ କରିବା ଉପରେ ବିଚାର କରିବାକୁ ପଛାଇବ ନାହିଁ। ଅଲ୍ ଜଜିରା ରିପୋର୍ଟ ଅନୁଯାୟୀ, ଇରାନ କହିଛି ଯେ ଏହା ହର୍ମୁଜ୍ ପ୍ରଣାଳୀ ବ୍ୟତୀତ ଅନ୍ୟ ସମୁଦ୍ର ପଥକୁ ଟାର୍ଗେଟ କରିପାରେ। ସିଧା



### ଗର୍ଜିଲେ ଟ୍ରମ୍ପ

## 'ଗୋଟିଏ ରାତିରେ ଇରାନ୍‌କୁ ଶେଷ କରିଦେବୁ'

ଇରାନ୍ ପକ୍ଷରୁ ୪୫ ଘଣ୍ଟିଆ ଅସ୍ତ୍ର ବିରତିକୁ ପ୍ରତ୍ୟାଖ୍ୟାନ କରିବା ପରେ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ପ୍ରେସ୍ କନ୍‌ଫରେନ୍ସ କରି ଇରାନ୍‌କୁ ଖୋଲା ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଆମେରିକା ଚାହିଁଲେ ସମ୍ପୂର୍ଣ୍ଣ ଇରାନକୁ ମାତ୍ର ଗୋଟିଏ ରାତିରେ ମାନଚିତ୍ରରୁ ପୋଛି ଦେଇପାରିବ ଏବଂ ଏହି କାର୍ଯ୍ୟାନୁଷ୍ଠାନ ଆସନ୍ତାକାଲି ରାତିରେ ମଧ୍ୟ ହୋଇପାରେ। ଆମେରିକୀୟ ସେନା ଅତି କମ୍ ସମୟ ମଧ୍ୟରେ ଇରାନକୁ ଏକ ବଡ଼ ଧରଣର କ୍ଷତି ପହଞ୍ଚାଇବାକୁ ସମ୍ପୂର୍ଣ୍ଣ ସକ୍ଷମ। ▶▶ ୬

**ଇରାନ୍‌କୁ ଦରକାର ଭବିଷ୍ୟତରେ ଆକ୍ରମଣ ନକରିବାର ପ୍ରତିଶ୍ରୁତି**

**ଶେଷ ହେଲା ଟ୍ରମ୍ପଙ୍କ ଡେଡ୍‌ଲାଇନ୍ ଅବଧି, ବଢ଼ିଲା ଉତ୍ତେଜନା**

**ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବାଧାପ୍ରାପ୍ତ କରିବାକୁ ତେହରାନ୍‌ର ଧମକ**

ଅର୍ଥରେ କହିଲେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଆକ୍ରମଣ ବୃଦ୍ଧି ପାଇଲେ ଇରାନ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବାଧାପ୍ରାପ୍ତ କରିବାକୁ ଧମକ ଦେଇଛି। ଇରାନର ସର୍ବୋଚ୍ଚ ନେତାଙ୍କ ପରାମର୍ଶଦାତା ଅଲି ଆକବର୍ ଭେଲାତି କହିଛନ୍ତି ଯେ ▶▶ ୬

## ଇରାନ୍‌ର ସାମରିକ ଓ ଶକ୍ତି କେନ୍ଦ୍ର ଉପରେ ଏୟାର୍‌ଷ୍ଟ୍ରାଇକ୍

### ଆଇଆର୍‌ଜିସି ଇଣ୍ଟେଲ୍ ମୁଖ୍ୟ ମାଜିଦ୍ ଖାଦେମି ନିହତ

**ତେଲ୍ ଅଭିଭ୍,ତେହରାନ୍, ୬।୪/ଏଜେନ୍ସି:**

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ଭୟଙ୍କର ରୂପ ନେଇଛି। ଇସ୍ରାଏଲ କେବଳ ସାମରିକ ବେସ୍ ନୁହେଁ, ବରଂ ଇରାନର ଆର୍ଥିକ ମେରୁଦଣ୍ଡ ଉପରେ ମଧ୍ୟ ଆକ୍ରମଣ କରିଛି। ସୋମବାର ଇସ୍ରାଏଲ ବାୟୁସେନା ଇରାନ୍‌ର ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିବା ବେଳେ ଏଥିରେ ଇରାନ୍‌ର ଅନେକ କ୍ଷୟକ୍ଷତି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ତେହରାନ୍ ନିକଟସ୍ଥ ତିନୋଟି ପ୍ରମୁଖ ବିମାନବନ୍ଦର ଉପରେ ପ୍ରବଳ ବୋମାମାଡ଼ କରାଯାଇଛି। ଇସ୍ରାଏଲ ପକ୍ଷରୁ ଏନେଇ ସୂଚନା ଦିଆଯାଇ କୁହାଯାଇଛି ଯେ, ଏହି ଆକ୍ରମଣରେ



ଇରାନର ଅନେକ ଯୁଦ୍ଧ ବିମାନ, ହେଲିକପ୍ଟର ଏବଂ ଅନ୍ୟାନ୍ୟ ସାମରିକ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଛି। ବିଶେଷ କରି ବୁଶେହରସ୍ଥିତ ଇରାନର ବିଶାଳ ନୌସେନା ବେସ୍ ଉପରେ ହୋଇଥିବା ଶକ୍ତିଶାଳୀ ବିସ୍ଫୋରଣରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ସ୍ଥାନରେ ଇରାନ୍‌ର ଏୟାରଫୋର୍ସ ବେସ୍, ଏୟାର ▶▶ ୬

## ତାଣ୍ଡବ ରଚିଲା କାଳବୈଶାଖୀ

# ଉଜାଡ଼ିଦେଲା ୫ ଏକର ମକା ଫସଲ



**ଓଡ଼ଗାଁ,୬।୪/ଏନ୍ଏନ୍ଏସ୍:** ଓଡଗାଁ ଅଞ୍ଚଳରେ ସୋମବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବର୍ଷା ସାଙ୍ଗକୁ ପବନର ବେଗ ଏତେ ଜୋରରେ ଥିଲାଯେ ରାସ୍ତାଘାଟ ସବୁଆଡ ଶୁନଶାନ୍ ହୋଇଯାଇଥିଲା। ରାସ୍ତାଉପରେ ପାଣି ଲହଡ଼ି ମାରୁଥିବାବେଳେ ରାମନବମୀ ଯାତ୍ରା ଫିକା ପଡ଼ିଯାଇଥିଲା। ସେହିପରି କାଳବୈଶାଖୀ ବର୍ଷା ପ୍ରଭାବରେ ଚାଷୀଙ୍କ ଫସଲ ଉଜୁଡ଼ି ଯାଇଛି। ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମ ପଞ୍ଚାୟତ ଅଧିନ ଲିଙ୍ଗରାଜପ୍ରସାଦ ଗ୍ରାମର ଚାଷୀ ସୁଦର୍ଶନ ସିଂହ ନିଜର ପାଞ୍ଚ ଏକରରୁ ଊର୍ଦ୍ଧ୍ୱ ଜମିରେ ମକା ଚାଷ କରିଥିଲେ। କିନ୍ତୁ ଅଦିନିଆ ଗ୍ରୀଷ୍ମକାଳୀନ କାଳବୈଶାଖି ବର୍ଷା ପବନ ହେବାଯୋଗୁଁ ମକାଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେ ସାହୁକାର ଠାରୁ ଟଙ୍କା ସୁଧକୁ ଆଣି ମିଠା ମକାଚାଷ କରିଥିଲେ। ମିଠାମକା ଚାଷପାଇଁ ବିହନ, ଖତସାର, ଔଷଧ ଓ ଶ୍ରମିକ ବାବଦକୁ ମୋଟ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି। କିନ୍ତୁ ଆଜି ସବୁ ମକାଫସଲ ପବନରେ ଭାଙ୍ଗିଯାଇଛି। ସୁଦର୍ଶନ ଜମିରେ ମକାଫସଲ ନଷ୍ଟ ହୋଇଥିବା ଦେଖି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡିଛନ୍ତି। ଏହିପରି ଆଜିର କାଳବୈଶାଖୀ ବର୍ଷା ପ୍ରଭାବରେ ଅନେକ ଚାଷୀଙ୍କ ଫସଲ ଉଜୁଡି ଯାଇଥିବାବେଳେ ଚାଷୀଙ୍କୁ ସରକାର କ୍ଷତିପୂରଣ ପ୍ରଦାନ କରିବାକୁ ଦାବିହୋଇଛି।

# ତୋରଣ ଭାଙ୍ଗି ଜାତୀୟ ରାଜପଥ ଅବରୋଧ



**ଦଶପଲ୍ଲା,୬।୪/ଏନ୍ଏନ୍ଏସ୍:** ସୋମବାର ଅପରାହ୍ନ ସମୟରେ ଦଶପଲ୍ଲାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଦୁଲଦୁଲ କୁଆପଥର ବୃଷ୍ଟି ସହ ବର୍ଷା ପବନ ଅସ୍ତବ୍ୟସ୍ତ କରିଥିବା ବେଳେ ରାସ୍ତାଘାଟ ସୁନସାନ ହୋଇପଡିଥିଲା। ବର୍ଷାପବନ ଓ କୁଆପଥର ବୃଷ୍ଟି ଯୋଗୁଁ ବିଭିନ୍ନ ସ୍ଥାନରେ ଗଛର ବଡ଼ ବଡ଼ ଡାଳ ଭାଙ୍ଗି ପଡିଥିଲା। ଦଶପାଲା ଥାନା ସମ୍ମୁଖ, କୋର୍ଟ ସମୁଖରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗଛଡ଼ାଳ ଭାଙ୍ଗି ପଡିଥିବା ବେଳେ ୧୬ନଂ ୱାର୍ଡ଼ ରେ ଗଛ ଡାଳ ଭାଙ୍ଗି ପଡିଥିଲା। ଗଛଡ଼ାଳ ଭାଙ୍ଗିପଡିବାରୁ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇରହିଥିଲା। ସେହିପରି ଲଙ୍କାପୋଡି ଯାତ୍ରା ପାଇଁ ସ୍ଥାନୀୟ ଆରଡି ଅଫିସ ସମ୍ମୁଖରେ ନିର୍ମାଣ ହୋଇଥିବା ତୋରଣ ଭାଙ୍ଗିପଡିବାରୁ ଏହା ୫୭ ନଂ ଜାତୀୟରାଜପଥ ଅବରୋଧ କରିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମଟର ଅଟକି ରହିଥିଲା। ବିଶେଷ ଭାବେ ଲଙ୍କାପୋଡି ଯାତ୍ରାରେ ଶୋଭାବର୍ଦ୍ଧନ କରୁଥିବା ୩୫ ଫୁଟ ଉଚ୍ଚତା ବିଶିଷ୍ଟ କାଠନିର୍ମିତ ରାବଣର ମୁଖ୍ୟ ମୁଣ୍ଡଟି ଭାଙ୍ଗିପଡିବାରୁ ପରେ ଏହାକୁ ଠିକ କରାଯାଇ ପୁନଃ ସ୍ଥାପନ କରାଯାଇଥିଲା। ଏହାସହ ଲଙ୍କାପୋଡି ଯାତ୍ରାକୁ ଆସିଥିବା କିଛି ଦୋକାନ ଭାଙ୍ଗି ପଡିଥିଲା। ପୋଲିସ ଓ ଦମକଳ ବାହିନୀ ପକ୍ଷରୁ ରାସ୍ତାଉପରେ ପଡିଥିବା ଗଛଡ଼ାଳ ଏବଂ ତୋରଣ କୁ ରାସ୍ତା ଉପରୁ ହଟାଯିବା ପରେ ଗାଡି ମଟର ଚଳାଚଳ କରିଥିଲା। ବିଶେଷ ଭାବେ ଏନ ଏ ସି ମଧ୍ୟରେ ଥିବା ଡ୍ରେନ ସଫା ହୋଇନଥିବାରୁ ରାସ୍ତା ଉପରେ ଡ୍ରେନ ପାଣି ଲହଡି ଭାଙ୍ଗିଥିଲା। ମାତ୍ର ଏହି କାଳ ବୈଶାଖୀରେ ବିଶେଷ କିଛି କ୍ଷତି ହୋଇନଥିବା ବେଳେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ପଡିବାରୁ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

## ଦୁଇ ସରକାରୀ ସ୍କୁଲ୍‌ରୁ ଚୋରି

**ନୟାହାଟ,୬।୪/ଏନ୍ଏନ୍ଏସ୍:** ଦୁଇଟି ସରକାରୀ ସ୍କୁଲରୁ ରବିବାର ବିଳମ୍ବିତ ରାତିରେ ଚୋରି ହେବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତ ସୋହଣା ଘୋଡ଼ାଦଣ୍ଡା ତ୍ରିଲୋଚନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ରବିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ବିଦ୍ୟାଳୟର ତିନୋଟି ବଖରା ଘର ତାଲା ଭାଙ୍ଗି ଗୋଟେ ପାଣି ମଟର, ଏକ ସାଉଣ୍ଡ ବକ୍ସ, ଗ୍ୟାସ ଟାଙ୍କୀ, କାଡ଼ୁ ଘଣ୍ଟା, ଚାଉଳ ଏକ ବସ୍ତା ଓ ନଗଦ ପାଞ୍ଚହଜାର ଦୁଇଶହ ଟଙ୍କା ଲୁଟି ନେଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ଭୋଇ ସୋମବାର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ରବିବାର ବିଳମ୍ବିତ ରାତିରେ ଶାସନ ପ୍ରାଥମିକ ବିଦ୍ୟାଳୟରେ କବାଟ ଭାଙ୍ଗି ଆକ୍ୱାଗାର୍ଡ ଯାହାର ମୂଲ୍ୟ ୫ହଜାର ଟଙ୍କା ହେବ ଚୋରି ହେବା ନେଇ ନୟାହାଟ ଫାଣ୍ଡିରେ ସ୍କୁଲର ପ୍ରଧାନଶିକ୍ଷକ ଶରତ କୁମାର ମୁଦୁଲି ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାସ୍ଥଳ ତଦନ୍ତ କରିଛନ୍ତି।

## ନୀଳମାଧବ ମନ୍ଦିର ଷ୍ଟୋର୍ ରୁମ୍‌ରୁ ଘିଅ ଚୋରି, ୨ କୋର୍ଟଚାଲାଣ

**କଣ୍ଟିଲୋ,୬।୪/ଏନ୍ଏନ୍ଏସ୍:** ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ମନ୍ଦିରରେ ଭୋଗପ୍ରସାଦ ପ୍ରସ୍ତୁତ କରିବା ପାଇଁ ରାସନ୍ ମହଜୁଦ ଥିବା ଷ୍ଟୋର ଗୃହରୁ ଦୁର୍ଗା ଘିଅ ଭର୍ତ୍ତି ଟିଣ ସହ ଅନ୍ୟାନ୍ୟ ଜିନିଷ ଚୋରି ସମ୍ପର୍କେ ସ୍ଥାନୀୟ ଫାଣ୍ଡିରେ ବ୍ରାହ୍ମଣ ସମାଜ ସଭାପତି ଲିଖିତ ଅଭିଯୋଗ କରିଥିଲେ। ଏତଲା ଆଧାରରେ ସ୍ଥାନୀୟ ପୁଲିସ ଏକ ଚୋରି ମାମଲା ରୁଜୁକରି ଛାନ ଭିନ କରି ଦୁଇ ଜଣଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଥିବା ଖବର ହସ୍ତଗତ ହୋଇଛି। ସୂଚନାରୁ ଜଣାପଡିଛି ଯେ, ଚୋରି ହୋଇଥିବା ମଧ୍ୟ ରାତ୍ର ସମୟର ସିସିଟିଭି ଫୁଟେଜ୍‌କୁ ଆଧାରକରି ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ସଦଳ ବଳେ ଫକିରଅତବୁଦ୍ଧି ପାଟଣାର ରଜତ ଦଳେଇ(୨୬) ଓ ମାଧବ ଚୌଧୁରୀ ପାଟଣାର ବିଜୟ କୁମାର ସାହୁ(୩୯)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ସେମାନଙ୍କ ଠାରୁ ଚୋରି ହୋଇଥିବା ୩ଟା ଯାକ ୧୫ କେଜିଆ ଦୁର୍ଗା ଘିଅ ଭର୍ତ୍ତି ଟିଣ ଜବତ କରାଯାଇଛି।

## ବାଣ କାରିଗରଙ୍କ ଘରେ ଚଢ଼ଉ

**ନୟାହାଟ,୬।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅଞ୍ଚଳରେ ବାଣ ତିଆରି କରୁଥିବା କରମଙ୍ଗାର ଜନୈକ ବାଣ କାରିଗର ଘର ଉପରେ ରବିବାର ରାତିରେ ଗୋପ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ମିଳିତ ଭାବେ ଚଢ଼ଉକରି ବାଣ ତିଆରି ହେଉଥିବା ସାମଗ୍ରୀ ଜବତ କରିଥିଲେ। ବାଣ ତିଆରି କରିବା ବେଆଇନ ଘରୋଇକୁ ବାଣ ନତିଆରି କରିବା ପାଇଁ ତାଗିଦ୍ କରିଥିଲେ। ଏଥି ସହିତ ନୟାହାଟ ଗୋପ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହିତ ଗାଡ଼ି ଯାଞ୍ଚ ପାଇଁ ପୋଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇଚକିଆ ଯାନ ଚାଳୁଥିବା ବ୍ୟକ୍ତିଙ୍କୁ ହେଲମେଣ୍ଟ ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ।

## ପାଇକସାହିରେ ଚୈତ୍ର ପର୍ବ ପ୍ରସ୍ତୁତି

**ଫୁଲନଖରା,୬।୪/ଏନ୍ଏନ୍ଏସ୍:** କଟକ ମହାନଗର କୈବର୍ତ୍ତ ସଭା, ଖାନନଗର ଓ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା, ଜୋବ୍ରା ମିଳିତ ସହଯୋଗରେ ସଦର ଥାନା ଅନ୍ତର୍ଗତ ପାଇକସାହିରେ ଆସନ୍ତା ୧୦ତାରିଖଠାରୁ ତିନିଦିନ ଧରି ଚୈତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା; ଏଥିରେ ସଭାପତି କୁଶ ସାହୁ, ସମ୍ପାଦକ ଭୈରବଚନ୍ଦ୍ର ବେହେରା, ଅବିନାଶ ବେହେରା, ସୌମ୍ୟରଞ୍ଜନ ବେହେରା, ଜଗନ୍ନାଥପ୍ରସାଦ ବେହେରା, ଦେବେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ସଭା, ମା'ବାଶେଳୀଙ୍କ ଚଳନ୍ତୀ ପ୍ରତିମା ନଗର ପରିକ୍ରମା ଆଦି କାର୍ଯ୍ୟକ୍ରମ ରହିଥିବା ବିଷୟ ବୈଠକରେ ସୂଚନା ଦିଆଯାଇଥିଲା।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ ମହାଘୋଟାଲା ଅଭିଯୋଗ



**ନିଶ୍ଚିନ୍ତକୋଇଲି,୬।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀନରେ ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେଉଛି। ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ବର୍ତ୍ତମାନ ସୁଦ୍ଧା କୋଟି କୋଟି ଟଙ୍କାର କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ଦୁଇ ଜଣ ଯନ୍ତ୍ରୀ ରହିଛନ୍ତି ଓ ଜଣେ ଅତିରିକ୍ତ ଦାୟିତ୍ୱରେ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଛନ୍ତି। ଏହି ସହକାରୀ ଯନ୍ତ୍ରୀ ତିନୋଟି ସବ୍‌ଡିଭିଜନର ଦାୟିତ୍ୱରେ ରହିଛନ୍ତି। ଯାହାଦ୍ୱାରା କି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଞ୍ଚଳ ବୁଲି ଦେଖିବା କଷ୍ଟସାଧ୍ୟ ହେଉଛି ବୋଲି ସେ ଆମ ପ୍ରତିନିଧିଙ୍କୁ ପ୍ରକାଶ କରିଛନ୍ତି। ଅପରପକ୍ଷେ ଦୁଇଜଣ ଜେଇ, ସହକାରୀ ଯନ୍ତ୍ରୀଙ୍କୁ ନେଇ ଚାଲିଛି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ। ଜେଇମାନଙ୍କର ସବୁ କାମରେ ସଠିକ୍ ତଦାରଖ ଅଭାବରୁ ଲାଭ ନେଉଛନ୍ତି ଠିକାଦାର ବୋଲି ମତପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ କରି ଠିକାଦାର ମାଲେମାଲ ହେଉଥିବା ଜନସାଧାରଣ ଅଭିଯୋଗ ଆଣୁଛନ୍ତି। ଏହି ଅଞ୍ଚଳର ଜନପ୍ରତିନିଧିମାନଙ୍କର ଦାୟିତ୍ୱହୀନତା ଓ କାର୍ଯ୍ୟରେ ଅବହେଳାକୁ ଜନସାଧାରଣ ଦାୟୀ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଗ୍ରାମ ଉନ୍ନୟନ ବିଭାଗରେ କଟକ-ଚାନ୍ଦବାଲି ରାସ୍ତାର ବାହାବଳପୁରଠାରୁ ଶକ୍ତିଶ୍ୱର ପର୍ଯ୍ୟନ୍ତ ଏକ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ କାର୍ଯ୍ୟ ଚାଲୁଛି। ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହୋଇଥିଲେ ସୁଦ୍ଧା ଠିକାଦାରଙ୍କର ମନମାନୀ ଓ ଜେଇଙ୍କର ଅନୁପସ୍ଥିତିରେ ଠିକାଦାର ମନଇଚ୍ଛା କାର୍ଯ୍ୟ ହେଉଛି। ଏହାକୁ ନେଇ ସାଧାରଣରେ ଘୋର ବିରୋଧ ହେଉଥିଲେ ମଧ୍ୟ ଠିକାଦାର ଓ ଯନ୍ତ୍ରୀମାନେ ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଯାହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଚାଲୁଥିବା ଗାର୍ଡ ୱାଲ କାର୍ଯ୍ୟକୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ ବିଭାଗୀୟ ଅଧିକାରୀ କିଛି ଜାଣିନାହାନ୍ତି ବୋଲି କହିଥିଲେ। ଏହାପରେ ବିନା ସୂଚନା ଫଳକରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅବଗତ ନ କରାଇ କୋଟି କୋଟି ଟଙ୍କାର କାର୍ଯ୍ୟ ଚାଲୁଛି। ସ୍ୱଚ୍ଛ ନିର୍ମଳ ଶାସନର ଦ୍ୱାହି ଦେଉଥିବା ସରକାର ଏବେ ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗରେ ଚାଲିଥିବା ମହାଘୋଟାଲାର ପର୍ଦ୍ଦାଫାସ୍ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ନିମ୍ନମାନର କାର୍ଯ୍ୟ କରି କୋଟି କୋଟି ଟଙ୍କାର ଅର୍ଥ ହରିଲୁଟ ହେଉଥିବାର ଜନସାଧାରଣ ଅଭିଯୋଗ ଆଣିଛନ୍ତି। ସବୁ ଜାଣିଶୁଣି ପ୍ରଶାସନ ଚୁପ୍ ହୋଇ ବସିଥିବା କଥା ଆଲୋଚନାର ବିଷୟ ହୋଇଛି। ସଂପୃକ୍ତ ବିଭାଗରେ ହେଉଥିବା ଦୁର୍ନୀତି କଥା ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ମଧ୍ୟ ସରକାର କିଛି ନଶୁଣି ନୀରବଦ୍ରଷ୍ଟା ସାଜିବା କାହା ସ୍ୱାର୍ଥରେ ବୋଲି ଆଲୋଚନା ହେଉଛି।

# ଲଙ୍କାପୋଡ଼ି ଯାତ୍ରାର ଏକାଦଶ ଦିବସରେ ନାଗଫାସ ବନ୍ଧନ ଓ କୁମ୍ଭକର୍ଣ୍ଣ ବଧ





**ଦଶପଲ୍ଲା,୬।୪/ଏନ୍ଏନ୍ଏସ୍:** ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ଏକାଦଶ ତମ ଦିବସ ରେ ମୁଖ୍ୟ ମଞ୍ଚ ରେ ସମ୍ପୂର୍ଣ୍ଣ ବିର ରସରେ ଭରପୁର ହୋଇଥିଲା। ରାବଣର ଛତ୍ର ଛେଦନ ପରେ ଶ୍ରୀରାମ ସେନା ଧରି ଲଙ୍କାରେ ପ୍ରବେଶ ପରେ ଯୁବରାଜ ଅଙ୍ଗଦ ଚିତାଉ ଧରି ସୀତାଙ୍କୁ ସମର୍ପଣ କରିବା ନିମନ୍ତେ ରାବଣଙ୍କୁ ଆଦେଶ ଦିଅନ୍ତି। ମାତ୍ର ରାବଣ କର୍ଣ୍ଣପାତ ନକରି ଅଙ୍ଗଦଙ୍କୁ ଧରିବା ନିମନ୍ତେ ସୈନ୍ୟଙ୍କୁ କୁହନ୍ତି। ଏହି ସମୟରେ ଅଙ୍ଗଦ ରାବଣର ଜଗତି ଚାଳକୁ ଉପାଡି ଚାଲି ଆସନ୍ତି। ଏତିକି ବେଳେ ରାବଣ କପଟ ଆଚରଣ କରି ରାମ ଲକ୍ଷ୍ମଣଙ୍କର ମାୟା କଟାମୁଣ୍ଡ ନେଇ ମାତା ସୀତାଙ୍କୁ ଦେଖାଇବାରୁ ସୀତା ଶୋକାକୁଳ ହୁଅନ୍ତି। ମାତ୍ର ବାନରସେନା ଲଙ୍କାଗଡ଼ ମଧ୍ୟରେ ପଶିବାରୁ ରାବଣ ଚାଲିଯାଏ।

ଏହାପରେ ତ୍ରିଜଟା ଏହା ନକଲି ବୋଲି ସୀତାଙ୍କୁ ଜଣାଏ। ପୁନଶ୍ଚ ରାବଣ ପାଖକୁ ହନୁମାନଙ୍କୁ ଦୂତ ଭାବରେ ପ୍ରେରଣ କରାଯାଏ। ମାତ୍ର ରାବଣ କ୍ରୋଧ ପ୍ରକାଶ କରି ଯୁଦ୍ଧର ଡାକରା ଦିଏ। ପ୍ରଥମେ ଇନ୍ଦ୍ରଜିତ ଅମୋଘ ଅସ୍ତ୍ର ପ୍ରୟୋଗକରି ଲକ୍ଷ୍ମଣଙ୍କୁ ଅଚେତ କରିଦିଏ। ମାତ୍ର ଅଧାବାଟରେ ଲକ୍ଷ୍ମଣ ଚେତା ପାଇ ଇନ୍ଦ୍ରଜିତକୁ ମାରିବାକୁ ପଣ କରନ୍ତି। ଇନ୍ଦ୍ରଜିତ ପୁନଶ୍ଚ ନାଗ ଫାସରେ ରାମ ଲକ୍ଷ୍ମଣଙ୍କୁ ଅଚେତ କରେ। ଏହା ଶୁଣି ସୀତାଙ୍କର ଶୋକ ବିମୋହିତ କରେ। ବିଭୀଷଣଙ୍କ ପରାମର୍ଶ କ୍ରମେ ଶ୍ରୀରାମ ଗରୁଡ଼ଙ୍କୁ ସ୍ମରଣ କରନ୍ତି ଓ ଗରୁଡ଼ ଆସି ନାଗ ଫାସ ବନ୍ଧନରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ମୁକ୍ତି କରନ୍ତି। ବାରମ୍ବାର ଯୁଦ୍ଧରେ ବିଫଳ ହେବାରୁ ରାବଣ ଆପଣାର ଯୋଦ୍ଧା ଭାଇ କୁମ୍ଭକର୍ଣ୍ଣଙ୍କୁ ନିଦରୁ ଉଠାଏ। କୁମ୍ଭକର୍ଣ୍ଣ ଅବେଳାରେ ଉଠିବା ଏକ ଅଶୁଭଲକ୍ଷଣ ଥିଲା। ସେ ରାବଣ ପାଖରୁ ସବୁ ଶୁଣିବା ପରେ ରାବଣର ସୀତାହରଣ ଠିକ୍ ନୁହେଁ ବୋଲି କହିବାରୁ ରାବଣ କୁମ୍ଭକର୍ଣ୍ଣଙ୍କୁ ଧିକାରକରି ବିଭୀଷଣ ପରି ରାମର ସରଣକୁ ଚାଲିଯିବାକୁ କହିବାରୁ ଭାତୃଭକ୍ତ କୁମ୍ଭକର୍ଣ୍ଣ ଯୁଦ୍ଧକୁ ବାହାରେ। କୁମ୍ଭକର୍ଣ୍ଣର ବିକଟାଳ ରୂପ ଦେଖି ସମସ୍ତ ବାନରସେନା ଭୟରେ ଛତ୍ରଭଙ୍ଗ କରନ୍ତି। ନୀଳ ବୀର ମଧ୍ୟ ପରାସ୍ତ ହୁଅନ୍ତି। ଏଣୁ ବାନରଙ୍କୁ ସାହସ ଦେବା ପାଇଁ ନିଜେ ସୁଗ୍ରୀବ ଯୁଦ୍ଧକୁ ଆସି ପରାସ୍ତ ଓ ମୋହଗ୍ରସ୍ତ ହେବାପରେ କୁମ୍ଭକର୍ଣ୍ଣ ସୁଗ୍ରୀବଙ୍କୁ କାଖତଳେ ଚାପି ଲଙ୍କାପୁରକୁ ଫେରିବା ବାଟରେ ସୁଗ୍ରୀବ ଚେତା ପାଇ କୁମ୍ଭକର୍ଣ୍ଣର ନାସା ଓ କର୍ଣ୍ଣକୁ ଛିଣ୍ଡାଇ ରକ୍ତ ଜର୍ଜରିତ କରନ୍ତି। ଏଣୁ ଅତିଶୟ କ୍ରୋଧରେ କୁମ୍ଭକର୍ଣ୍ଣ ଭୟଙ୍କର ଯୁଦ୍ଧ କରେ। ମାତ୍ର ଶେଷରେ ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ବାଣରେ କୁମ୍ଭକର୍ଣ୍ଣର ଶିର ଛେଦ କରନ୍ତି। ଏହାପରେ ଇନ୍ଦ୍ରଜିତ ସମରକୁ ଆସି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ମୋହଗ୍ରସ୍ତ କରିପକାନ୍ତି।

ଯୁଦ୍ଧରେ ଆଜି ରାବଣର ମହୋଦର, ଅତିକାୟ, ମହାପାରୁଷ, ବଜ୍ର ଦ୍ରଷ୍ଟ ଦେବାନ୍ତକ, କାଳନ୍ତକ ଧମାକ୍ଷ, ଅଙ୍ଗପନ୍ନ, ପିଶାଚ, ବଜ୍ର ଅଙ୍ଗ, କୁମ୍ଭ, ନିକୁମ୍ଭ ଆଦି ବୀର ନିଧନ ହୁଅନ୍ତି। ଏଣୁ ପୁଣି କପଟ ଆଚରଣ କରି ଏକ ମାୟା ସୀତାକୁ ଆଣି ଶ୍ରୀରାମଙ୍କ ପାଖରେ ଇନ୍ଦ୍ରଜିତ ହତ୍ୟାକରେ ମାତ୍ର ଶୋକାତୁର ରାମଙ୍କୁ ବିଭୀଷଣ ସବୁକଥା କହିବା ପରେ ବୀରନାୟକ ଯୁଦ୍ଧ ପାଇଁ ଯୋଜନା କରନ୍ତି। ଏଭଳି ଯୁଦ୍ଧର ନାଟକରେ ମୁଖ୍ୟ ମଞ୍ଚ ଯୁଦ୍ଧମୟ ହୋଇ ଉଠିଥିବା ବେଳେ ଏହାକୁ ଦେଖିବାକୁ ବହୁ ଜନସମାଗମ ହୋଇଥିଲା।

## ରାଜସ୍ୱ ନିରୀକ୍ଷକ ଅଫିସ୍ ପାଚେରୀ ନିର୍ମାଣରେ ବ୍ୟାପକ ଦୁର୍ନୀତି ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

**ମାହାଙ୍ଗା,୬।୪/ଏନ୍ଏନ୍ଏସ୍:** ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଥିଲା। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ମାହାଙ୍ଗା ବ୍ଲକ



କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଖର୍ଡାଙ୍ଗ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପାଚେରୀ କାର୍ଯ୍ୟ ହୋଇଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପାଚେରୀ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ଇଟା ସହ ବାଲି, ଗୋଡି ଓ ସିମେଣ୍ଟର ଭାଗ ମାପ ସଠିକ ନ ଥିବା ଅଭିଯୋଗ ହୋଇଛି। ଏପରିକି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ କି କର୍ମଚାରୀ ଅନୁପସ୍ଥିତ ହେତୁ ଏହାର ସୁଯୋଗ ନେଇ ଠିକାଦାର ମନମୁଖି ଭାବେ ନିର୍ମାଣ କାର୍ଯ୍ୟ କରିଥିଲେ। ଯାହାଫଳରେ ପାଚେରୀର ସ୍ଥାୟିତ୍ୱ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀ ଜନ ମଲିକଙ୍କୁ ଯୋଗାଯୋଗ କରିବାରୁ ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ ୭ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। କାହିଁକି ବିଭାଗୀୟ କର୍ମଚାରୀ କାର୍ଯ୍ୟସ୍ଥଳରେ ରହୁନାହାନ୍ତି ପଚାରିବାରୁ ସେ ସଠିକ ଉତ୍ତର ନ ଦେଇ ଫୋନ୍ କାଟି ଦେଇଥିଲେ। ତେବେ ଘଟଣାର ସଠିକ୍ ତଦନ୍ତ ନିମନ୍ତେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ଉଦ୍‌ଯାପିତ

# 'ମଧୁସୂଦନଙ୍କ ପାଇଁ ଓଡ଼ିଆ ଜାତି ବିଶ୍ୱ ବନ୍ଦିତ'




**ସାଲେପୁର,୬।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନଙ୍କ ପାଇଁ ଓଡ଼ିଆ ଜାତି ବିଶ୍ୱ ବନ୍ଦିତ ବୋଲି ଚିତ୍ରୋତ୍ପଳା ନଦୀତଟ ଶିଶୁଆ ବ୍ୟାରେଜ ପଡ଼ିଆରେ ଅନୁଷ୍ଠିତ ସାଲେପୁର ମହୋତ୍ସବର ଉଦ୍‌ଯାପନୀ ଦିବସରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଆକର୍ଷଣ ସାଜିଥିଲା ପଞ୍ଚାୟତ ରୁ ଆସିଥିବା ରାଲି।ଏହି ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା, ସୁସଜ୍ଜିତ ଆଲୋକ, ପ୍ରଜ୍ଞାପନ ମେଢ ଦେବାକୁ ଲୋକ ସମାଗମ ହୋଇଥିଲେ। ସାଲେପୁର ବ୍ଲକର ବିଭିନ୍ନ ପଂଚାୟତରୁ ପାଖାପାଖି ୧୫ଗୋଟି ଶୋଭାଯାତ୍ରା ମହୋତ୍ସବ ପଡିଆକୁ ଚାରିପଟ ସଂଯୋଗୀ କରଣ ରାସ୍ତାରେ ଆସୁଥିବାରୁ ରାସ୍ତାଘାଟ ପ୍ରବଳ ଭିଡ ରହିଥିଲା।ବିଧାୟକ ପ୍ରଶାନ୍ତ ବେହେରା ପ୍ରତ୍ୟେକ ପଞ୍ଚାୟତରୁ ଆସୁଥିବା ଶୋଭାଯାତ୍ରାକୁ ସମ୍ବର୍ଦ୍ଧିତ ପୂର୍ବକ ସ୍ୱାଗତ କରିଥିଲେ। ମଧୁସ୍ମୃତି ପରିଷଦ ପକ୍ଷରୁ ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ରଜନୀକାନ୍ତ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିରଞ୍ଚି ନାରାୟଣ କର ମଞ୍ଚ ପରିଚାଳନା କରିଥିଲେ। ମଧୁସ୍ମୃତି ପରିଷଦ ପକ୍ଷରୁ ମଞ୍ଚାସୀନ ଅତିଥି ଓ ସାଲେପୁର ବ୍ଲକ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓରମାସ, ମିଶନ ଶକ୍ତି ବଜାର ଓ ବିଭିନ୍ନ ଷ୍ଟଲରେ ପ୍ରବଳ ଭିଡ଼ ଲାଗିରହିଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଉଦ୍‌ଯାପନୀ ଉତ୍ସବ ଜନଗହଳି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ସଞ୍ଜିତ ଦାଶ, ଗୁଲରେଜ ଅଲ୍ଲୀ, ଶୁଭମ ଦାଶ, ସେକ୍ ସମିମ ଅକ୍ତର, ରାଜେଶ ମହାନ୍ତି, ଅଶ୍ୱିନୀ ଦାସ, ମୁନା ପରିଡା, ସମ୍ବିତ ପଟ୍ଟନାୟକ, ସୁମନ ନାୟକ, କମଳାକାନ୍ତ ସେଠୀ, ଲିପକ ଜେନା, ସଞ୍ଜୟ ବେହୁରା, ପବିତ୍ର ସାମଲ, ବିନୋଦ ସାମଲ, ବିଜୟ ପୃଷ୍ଟି, ସୌମ୍ୟରଞ୍ଜନ ମଲ୍ଲ, ହରିହର ବେହେରା, ପୁଷ୍ପକ ମହାନ୍ତି ଓ ଦୀପକ ରାଉତଙ୍କ ସମେତ ମଧୁସ୍ମୃତି ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ପରିଚାଳନା କରିଥିଲେ।

# ରାବଣ ପୋଡ଼ି ଯାତ୍ରାରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ



**ଓଡ଼ଗାଁ,୬।୪/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣକଳସ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ରାମନବମୀ ଯାତ୍ରାରେ ରାବଣ ପୋଡ଼ି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ରାମାୟଣ କଥାବସ୍ତୁ ଅନୁସାରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ମହାପ୍ରତାପୀ ରାବଣଙ୍କୁ ବଧକରିବାର ଦୃଶ୍ୟ ଅତି ମନୋରମ ଥିଲା। କଳିଯୁଗରେ ପାପୀମାନଙ୍କୁ ଶିକ୍ଷା ଦେବାକୁ ପ୍ରଭୁ ଯୁଗଯୁଗ ଧରି ଏହି ଶିକ୍ଷା ଦେଇ ଆସିଛନ୍ତି। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଆଡ଼ମ୍ବର ଭାବେ ରାବଣପୋଡ଼ି ଅନୁଷ୍ଠିତ ହେଉଛି। ରାବଣପୋଡ଼ି କମିଟିର ଅଧ୍ୟକ୍ଷ ବିଭୁପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ,ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ବ୍ଲକ୍ ବିଜେଡି ସଭାପତି ନିତ୍ୟାନନ୍ଦ ପ୍ରଧାନ, ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ନିତିକାନ୍ତି ସରିବାପରେ ଏକ ବିରାଟ ପଟୁଆରରେ ହନୁମାନ, ଜାମ୍ବବାନ୍, ସୁଗ୍ରୀବ ଏବଂ ବାନରସେନା ଆସି ପହଞ୍ଚିଥିଲେ। ଏହାପରେ ପ୍ରଭୁ ଶ୍ରୀରାମଙ୍କ ଏକ ତୀର ୪୦ ଫୁଟ ଉଚ୍ଚତା ରାବଣକୁ ବଧ କରିଥିଲା। ଏହି ରାବଣପୋଡି ଦେଖିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଏକଲବ୍ୟ ଡ୍ୟାନସ ଗ୍ରୁପର କୁନିକୁନି କଳାକାର ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ। ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା ଓ ରଞ୍ଜନ କୁମାର ଦାସ ମଞ୍ଚସଂଯୋଜନା କରିଥିବାବେଳେ ରାବଣପୋଡି କମିଟିର ସମ୍ପାଦକ ବିପିନ କୁମାର ପ୍ରଧାନ, କୃଷ୍ଣ ଚନ୍ଦ୍ର ବରାଡ, ସୁଶାନ୍ତ କୁମାର ସାହୁ ଓ ଜିତେନ୍ଦ୍ର କୁମାର ସେଠୀଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ରାଜ୍ୟ କାର୍ଯ୍ୟାଳୟରେ ବିଜେପିର ୪୭ତମ ସ୍ଥାପନା ଦିବସ

# ଦଳରେ ବ୍ୟକ୍ତି ମହତ ନୁହେଁ, ସଂଗଠନ ହିଁ ମୂଳ ଆଧାର: ରାଜ୍ୟ ପ୍ରଭାରୀ

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:** ଭାରତୀୟ ଜନତା ପାର୍ଟି କେବଳ ରାଜନୀତି ପାଇଁ ନୁହେଁ ବରଂ ବିଚାରଧାରା ପାଇଁ ସ୍ଥାପନ କରାଯାଇଥିଲା। ଅନେକ ଭାଷାର ଲୋକେ ରହିବା ସତ୍ତ୍ୱେ ସମଗ୍ର ଦେଶକୁ ଏକାତ୍ମମାନବବାଦ ଓ ସାଂସ୍କୃତିକ ରାଷ୍ଟ୍ରବାଦ ସୂତ୍ରରେ ବାନ୍ଧି ରଖିବା ପାଇଁ ଏହି ଦଳ ଗଠନ କରାଯାଇଥିଲା। ଏଥିରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, କୁଶାଭାଉ ଠାକରେ, ଅଟଳବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ୍‌ଭାନୀ ପ୍ରମୁଖଙ୍କ ଅତୁଳନୀୟ ଅବଦାନ ରହିଛି। ବହୁ ସଂଘର୍ଷ ପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଅନ୍ତ୍ୟୋଦୟକୁ ଆଧାର କରି ଭାରତୀୟ ଜନତା ପାର୍ଟି ଗଠନ କରାଯାଇଥିଲା। ତୃଣମୂଳସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଦଳର ସବୁସ୍ତରରେ ଯେପରି ଲୋକତନ୍ତ୍ର, ନିରପେକ୍ଷତା ରହିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଜେପିରେ ବ୍ୟକ୍ତି ମହତ ନୁହେଁ, ସଂଗଠନ ହିଁ ମୂଳ ଆଧାର। ଏହି ଦଳର କାର୍ଯ୍ୟକର୍ତ୍ତା ଲୋକତନ୍ତ୍ର, ରାଷ୍ଟ୍ରବାଦ, ନିରପେକ୍ଷତା, ସର୍ବଧର୍ମ ସମଭାବନା, ମୂଲ୍ୟବୋଧ ଅଧାରିତ ରାଜନୀତି ଉପରେ କାର୍ଯ୍ୟ କରନ୍ତି। ରାଷ୍ଟ୍ର ସର୍ବୋପରି ପରେ ପରିବାର ବୋଲି ବିଜେପି ପାର୍ଟିରୁ ଶିକ୍ଷା ମିଳେ। ଗତ ୨ ବର୍ଷରେ ବିଜେପି ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି।




ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଢ଼ି ତୋଳିବା ପାଇଁ ପାର୍ଟିର ବିଚାରଧାରାକୁ ଆଗକୁ ନେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର କହିଛନ୍ତି। ସୋମବାର ରାଜ୍ୟ କାର୍ଯ୍ୟାଳୟରେ ବିଜେପିର ୪୭ତମ ସ୍ଥାପନା ଦିବସରେ ଯୋଗଦେଇ ଶ୍ରୀ ତୋମାର ଏହା କହିଛନ୍ତି।

ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ଥାପନା ଦିବସ ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ପ୍ରଭାରୀ ଶ୍ରୀ ତୋମାର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ ମସିହାରେ ଗଠନ ହୋଇଥିବା ଭାରତୀୟ ଜନତା ପାର୍ଟି ଆଜି ୪୭ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଏହି ଦଳ ଆମ ଜୀବନର ଏକ ଅଙ୍ଗ ଏବଂ 'ଦଳର ପରିଚୟ ହିଁ ମୋର ପରିଚୟ' ଏହି ପ୍ରତିବଦ୍ଧତା ମନେ ପକାଇବା ପାଇଁ ଆମେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛୁ। ଭାରତୀୟ ଜନସଂଘର ନୀତି, ଆଦର୍ଶ, ବିଚାରଧାରା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତ୍ୟାଗ, ତପସ୍ୟା ଓ ସାଧନାରୁ ଆରମ୍ଭ ହୋଇଥିବା ଏହି ପାର୍ଟି ପାଇଁ ଅନେକ କାର୍ଯ୍ୟକର୍ତ୍ତା ବଳିଦାନ ଦେଇଛନ୍ତି। ଏହି ପାର୍ଟି ଆମର ଜୀବନଶୈଳୀ ପାଲଟିଯାଇଛି । ଭାରତୀୟ ଜନତା ପାର୍ଟି ବିଚାରଧାରା ରାଷ୍ଟ୍ରୀବାଦୀ ବିଚାର ଉପରେ ଆଧାରିତ। ସଙ୍ଗଠନ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମ ସଂଗଠନ ଓ ବିଚାର ପରିପୂରକ ଭାବେ ଦଳକୁ ଆଜି ଶୀର୍ଷରେ ପହଂଚାଇଛନ୍ତି। ଏହି ବିଚାରଧାରା, ସଂଗଠନର ଶକ୍ତି ଓ ସମର୍ପଣ ଭାବକୁ ସ୍ମରଣ କରି ଦଳକୁ ଅଧିକ ସୁଦୃଢ଼ କରିବ ବୋଲି ରାଜ୍ୟ ଉପସଭାପତି ଡ. ମହାନ୍ତି କହିଛନ୍ତି ।

ସେହିପରି ବିଜେପି ଏକ କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ନିରନ୍ତର କାର୍ଯ୍ୟ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ। ବିଜେପି ଏଭଳି ଏକ ଦଳ ଯେଉଁଠାରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଶୀର୍ଷରେ ପହଞ୍ଚିପାରନ୍ତି। ପୂର୍ବଦ୍ୟୋୟରୁ ସ୍ୱର୍ଯ୍ୟୋଦୟ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ଆମ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ହିଁ ପୂରଣ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି।

**ନିରନ୍ତର କାର୍ଯ୍ୟ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ: ପ୍ରଭାତୀ ପରିଡ଼ା**

**ବିଜେପି ଏକ ସାଧାରଣ ରାଜନୈତିକ ଦଳ ନୁହେଁ, ଏକ ଆନ୍ଦୋଳନ: ସମୀର ମହାନ୍ତି**

**ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ କାର୍ଯ୍ୟକର୍ତ୍ତାଙ୍କ ତପସ୍ୟା ଅପରିହାର୍ଯ୍ୟ: ସୁରେଶ ପୂଜାରୀ**

ସେହିପରି ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓ ସ୍ଥାପନା ଦିବସ କେନ୍ଦ୍ରୀୟ ଟୋଲିର ସଦସ୍ୟ ସମୀର ମହାନ୍ତି କହିଛନ୍ତି ଯେ, ୪୭ ବର୍ଷର ଏହି ଯାତ୍ରାରେ ଅନେକ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ରହିଛି। ଭାରତୀୟ ଜନତା ପାର୍ଟି ଏକ ସାଧାରଣ ରାଜନୈତିକ ଦଳ ନୁହେଁ, ଏହା ଏକ ଆନ୍ଦୋଳନ।

ଏହାଛଡ଼ା ଅନେକ କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମ ଯୋଗୁ ବିଜେପି ଆଜି ବିରାଟ ବଡ଼ ଦ୍ରୁମରେ ପରିଣତ ହୋଇପାରିଛି। ଆଗକୁ ଦଳକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ କରିବାକୁ ହେବ । ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ କାର୍ଯ୍ୟକର୍ତ୍ତାଙ୍କ ତପସ୍ୟା ଅପରିହାର୍ଯ୍ୟ ବୋଲି ବରିଷ୍ଠ ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ)ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କୁଅଁର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସାଂଗଠନିକ କାର୍ଯ୍ୟ ପାଇଁ ମଧୁସ୍ମିତା ରାଉତ, ହେମନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ଦତ୍ତ, ସୁରେନ୍ଦ୍ରନାଥ ଜେନା ଓ ଅଭିମନ୍ୟୁ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଜେପି ଜନସେବାର ଏକ ଅନୁଷ୍ଠାନ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:** ବିଜେପି କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଜନସେବାର ଏକ ଅନୁଷ୍ଠାନ। ଆମର କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁଁ ଆଜି ବିଜେପି ବିଶ୍ୱର ସର୍ବବୃହତ ସଂଗଠନ ହୋଇପାରିଛି। 'ମେରା ବୁଥ୍ ସବସେ ମଜବୁତ୍' କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆମ ସଂଗଠନର ମେରୁଦଣ୍ଡ ବୋଲି ଆଜି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଆଜି ପଶ୍ଚିମବଙ୍ଗର ଏଗ୍ରା, ମେଦିନୀପୁର ଗସ୍ତ କରି



ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏଗ୍ରା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରିବା ସହ ଦଳର ପ୍ରତିଷ୍ଠାତା ଓ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମେଦିନୀପୁରର ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସିଧାସଳଖ ଆଲୋଚନା କରି ସ୍ଥାନୀୟ ସମସ୍ୟା ଓ ସାଂଗଠନିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ।

ଏହି ଅବସରେ ସେ କହିଛନ୍ତି, ବିଜେପି ସର୍ବଦା ଜନସେବାର ଆଦର୍ଶକୁ ନିଜ କାର୍ଯ୍ୟର ଆଧାର କରିଛି। ଐତିହ୍ୟ ଏବଂ ବିକାଶର ପ୍ରେରଣାରେ ସଂଗଠନ ପ୍ରତିଟି ନାଗରିକଙ୍କ ସେବା ପାଇଁ ଅଟଳ ଭାବେ ପ୍ରତିଶ୍ରୁତିବଦ୍ଧ। କୋଟି କୋଟି କାର୍ଯ୍ୟକର୍ତ୍ତା ଏହି ଅତୁଟ ସଂକଳ୍ପ ସହିତ ରାଷ୍ଟ୍ର ନିର୍ମାଣର ଯାତ୍ରାରେ ସମର୍ପିତ ଭାବେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଆଜିର ଦିବସ ସେହି ମହାନ ତପସ୍ୱୀ ଏବଂ ରାଷ୍ଟ୍ରନିଷ୍ଠ ନେତୃତ୍ୱଙ୍କୁ ପ୍ରଣାମ କରିବାର ଅବସର, ଯେଉଁମାନେ ସେବା, ସମର୍ପଣ ଏବଂ ସିଦ୍ଧାନ୍ତ ଆଧାରରେ ଏହି ସଂଗଠନକୁ ଜନ-ଆସ୍ଥାର ପ୍ରତୀକ ଭାବେ ଗଢ଼ି ତୋଳିଛନ୍ତି। ଗାଁ-ଗାଁକୁ ସଂଗଠନର ବିଚାରଧାରା ପହଞ୍ଚାଉଥିବା ଆମର କର୍ମଠ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଏବଂ ପରିଶ୍ରମ ହିଁ ବିଜେପିର ପ୍ରକୃତ ଶକ୍ତି । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଅନ୍ତ୍ୟୋଦୟ' ମନ୍ତ୍ରକୁ ପାଥେୟ କରି ବିକଶିତ ଭାରତ ଗଠନରେ ବଙ୍ଗଳାର କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ।

# 'ବିଜେପି ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ'

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:** ବିଜେପିର ବିକାଶ ଯାତ୍ରା କ୍ଷମତା ପାଇଁ ନୁହେଁ, ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ। ବିଜେପିର ୪୬ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ସମର୍ଥକଙ୍କୁ ଅଭିନନ୍ଦନ ଜଣାଇ ଏହା କହିଛନ୍ତି। ସୋସିଆଏ ମିଡିଆରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ବିଜେପି କେବଳ ଏକ



ରାଜନୈତିକ ସଂରଚନା ନୁହେଁ,ତ୍ୟାଗ, ଆଦର୍ଶ, ସନାତନ ଜୀବନ ମୂଲ୍ୟବୋଧରେ ସିକ୍ତ ଜୀବନ୍ତ ବିଚାରଧାରା, ରାଷ୍ଟ୍ର ପ୍ରଥମ ମନ୍ତ୍ରରେ ଅନୁପ୍ରାଣିତ ରାଷ୍ଟ୍ରବାଦୀ ପରିବାର। ବିଶାଳ ବଟ ବୃକ୍ଷରେ ପରିଣତ ଏକ ବିଶାଳ ବଟବୃକ୍ଷ ସଦୃଶ ଭାରତୀୟଙ୍କ ଆଶା ଓ ବିଶ୍ୱାସକୁ ପରିପୂର୍ଣ୍ଣ କରୁଛି। 'ଅନ୍ତ୍ୟୋଦୟରୁ ରାଷ୍ଟ୍ରୋଦୟ' ପର୍ଯ୍ୟନ୍ତ ଆମର ଯେଉଁ ସଂକଳ୍ପ ରହିଛି, ସମାଜର ଶେଷ ଧାଡ଼ି ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ଆଜି ଓଡ଼ିଶାରେ ବିକାଶର ଯେଉଁ ନୂଆ ଯୁଗ ସୃଷ୍ଟି ହୋଇଛି ତାହା ଆମର ନିଷ୍ଠାପର, କର୍ମଠ କାର୍ଯ୍ୟକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ସାଙ୍ଗଠନିକ ଏକତାର ପରିଣାମ। ଆସନ୍ତୁ ମୋଦୀଙ୍କ ନେତୃତ୍ୱରେ 'ସମୃଦ୍ଧ ଓଡ଼ିଶା' ତଥା 'ବିକଶିତ ଭାରତ' ନିଜକୁ ସମର୍ପିତ କରିବା। କର୍ମୀଙ୍କ ନିଃସ୍ୱାର୍ଥପର ସେବା ଓ ନିଷ୍ଠା ଆମ ଶକ୍ତି ଏବଂ ଭବିଷ୍ୟତ ପାଇଁ ପ୍ରେରଣା ହେବ ବୋଲି ସୋସିଆଲ ମିଡିଆରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ପୁଲିସ ପାଇବ ପ୍ରେସିଡେଣ୍ଟ କଲର ଆୱାର୍ଡ

## ରାଷ୍ଟ୍ରପତି ଦେବେ ପୁରସ୍କାର

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:** ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡ଼ିଶା ପୁଲିସ। ଏଥିପାଇଁ ଓଡ଼ିଶା ଆସିବେ ରାଷ୍ଟ୍ରପତି। ରାଜ୍ୟ ପୁଲିସକୁ ଦେବେ ପ୍ରେସିଡେଣ୍ଟ କଲର ଆୱାର୍ଡ। ଏହି ସମ୍ମାନ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଦେଶର ଏକ ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୁଲିସ୍ ଫୋର୍ସକୁ ପ୍ରଦାନକରାଯାଉଥିବା ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ହେଉଛି ପ୍ରେସିଡେଣ୍ଟ କଲର୍ ଆୱାର୍ଡ। ସାହସିକତା ଏବଂ ବୃତ୍ତିଗତ ସେବାକୁ ସ୍ୱୀକୃତି ଦେଇଥାଏ ଏହି ପୁରସ୍କାର।

ଏକ ଆନୁଷ୍ଠାନିକ ପତାକା ଏବଂ ଉତ୍କର୍ଷତାର ପ୍ରତୀକ ଭାବରେ ଏହା କାର୍ଯ୍ୟ କରେ। ଏହି ପୁରସ୍କାର ବା ସମ୍ମାନର ପ୍ରତୀକ ଯାହା ଅଧିକାରୀମାନେ ସେମାନଙ୍କ ୟୁନିଫର୍ମର ବାମ ହାତରେ ପିନ୍ଧନ୍ତି। ଏନେଇ ପୁଲିସ ଡିଜିଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଯେଉଁଥିରେ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ପୁଲିସ ସେବା ଭବନ ସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଆଣ୍ଟି ନକ୍ସଲ ଅପରେସନ ସଂଜୀବ ପଣ୍ଡା, ଏଡିଜି ରାଜେଶ କୁମାର, ଏଡିଜି ଏସ୍ ସାଇନି, ଏଚ୍ଆରପିସି ଯତୀନ୍ଦ୍ର କୋଏଲ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ, ଏଡିଜି ମୁଖ୍ୟାଳୟ ପ୍ରତୀକ ମହାନ୍ତି, ଆଇଜି ପ୍ରବୀଣ କୁମାର, ଆଇଜି କ୍ରାଇମବ୍ରାଞ୍ଚ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆରେ ଶପଥ ନେଲେ ୩ ରାଜ୍ୟସଭା ସାଂସଦ

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:** ସୋମବାର ଓଡ଼ିଶାର ୩ ରାଜ୍ୟସଭା ସାଂସଦ ଶପଥ ନେଇଛନ୍ତି। ଓଡ଼ିଆରେ ଶପଥ ନେଇଛନ୍ତି ୩ ରାଜ୍ୟସଭା ସାଂସଦ ମନମୋହନ ସାମଲ, ଦିଲ୍ଲୀପ ରାୟ ଓ ସଂତୃପ୍ତ ମିଶ୍ର। ଅନ୍ୟପକ୍ଷରେ ଆଜି ସୁଜିତ କୁମାର ଶପଥ ନେଇନଥିବାବେଳେ ଆସାମ ନିର୍ବାଚନରୁ ଫେରିଲା ପରେ ଶପଥ ନେବେ ବୋଲି ଜଣାଯାଇଛି। ବିଜେପିରୁ ମନମୋହନ ଏବଂ ସୁଜିତ ନିର୍ବାଚନ ଜିତିଥିବାବେଳେ ବିଜେଡିରୁ ସଂତୃପ୍ତ ମିଶ୍ର ଜିତିଥିଲେ। ସ୍ୱାଧୀନ ଭାବେ ଦିଲୀପ ରାୟ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ମନମୋହନ ସାମଲଙ୍କର ରାଜ୍ୟସଭାରେ ଏହା ଦ୍ୱିତୀୟ ପାଳି। ସେ ପ୍ରଥମ ପାଳିରେ ୨୦୦୦ ରୁ ୨୦୦୪ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ଥିଲେ। ଡକ୍ଟର ସଂତୃପ୍ତ ମିଶ୍ର ପ୍ରଥମ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ଦିଲ୍ଲୀପ ରାୟଙ୍କର ରାଜ୍ୟସଭାରେ ଏହା ତୃତୀୟ ପାଳି। ସେ ୧୮ ବର୍ଷ ପରେ ପୁଣି ରାଜ୍ୟସଭାକୁ ଫେରିଛନ୍ତି। ପୂର୍ବରୁ ସେ ୧୯୯୬ ରୁ ୨୦୦୨ ଏବଂ ୨୦୦୨ରୁ୨୦୦୮



ପର୍ଯ୍ୟନ୍ତ କ୍ରମାଗତ ଦୁଇଥର ରାଜ୍ୟସଭା ସଦସ୍ୟ ଥିଲେ। ପୂର୍ବରୁ ଗୋଟିଏ ଥରେ ଜନତା ଦଳ ଟିକେଟରେ ରାଜ୍ୟସଭାକୁ ଯାଇଥିବା ବେଳେ ଥରେ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ଏଥର ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି।

ଗତ ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବାଜି ମାରିଥିଲେ। କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଦିଲ୍ଲୀପଙ୍କ ଠାରୁ ପରାଜିତ ହୋଇଥିଲେ। ପ୍ରଥମ ପସନ୍ଦ ଭୋଟରେ ମନମୋହନ ସାମଲ ୩୫, ସୁଜିତ କୁମାର ୩୫ ଓ ସଂତୃପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ମିଳିଥିଲା। ପ୍ରଥମ ପସନ୍ଦ ଭୋଟରେ ବିଜେପିର ମନମୋହନ, ସୁଜିତ ଓ ବିଜେଡିର ସଂତୃପ୍ତ ବିଜୟୀ ହୋଇଥିଲେ। ତେବେ ୪ର୍ଥ ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟରେ ଲଢ଼େଇ ହୋଇଥିଲା । ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ମିଳିଥିଲା। ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ମଧ୍ୟ ୨୩ ଖଣ୍ଡ ଭୋଟ ମିଳିଥିଲା। କିନ୍ତୁ ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ବାଜି ଓଲଟିଥିଲା। ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ଦିଲ୍ଲୀପ ବାଜି ମାରିଥିଲେ। ଦତ୍ତେଶ୍ୱର ପରାଜୟ ହୋଇଥିଲେ।

## ପେଟ୍ରୋଲ, ଡିଜେଲ୍ ଓ ଏଲ୍‌ପିଜି ନେଇ ସରକାରଙ୍କ ଆଶ୍ୱାସନା

# ଓଡ଼ିଶାରେ ଯଥେଷ୍ଟ ପରିମାଣରେ ଗଚ୍ଛିତ ଅଛି

**ଭୁବନେଶ୍ୱର,୬।୪/ଏନ୍ଏନ୍ଏସ୍:** ଓଡ଼ିଶାରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ, ଡିଜେଲ୍ ଏବଂ ଏଲପିଜି ମହଜୁଦ ରହିଛି। ଭୟଭୀତ କିମ୍ବା ଆଶଙ୍କାଗ୍ରସ୍ତ ହୋଇ କିଣାକିଣି କରିବାର କୌଣସି ଆବଶ୍ୟକତା ନାହିଁ। ଆଜି ଭୁବନେଶ୍ୱରରେ ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ, (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଆଶ୍ୱାସନା ଦିଆଯାଇଛି ।

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସିଏଲ)ର ମୁଖ୍ୟ ମହାପ୍ରବନ୍ଧକ, ଓଡ଼ିଶା ମୁଖ୍ୟ ତଥା ତୈଳ ଉଦ୍ୟୋଗଗୁଡ଼ିକର ରାଜ୍ୟସ୍ତରୀୟ ସଂଯୋଜକ କମଲ୍ ଶିଲ୍ ଏହି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ପଶ୍ଚିମ ଏସିଆରେ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ରାଜ୍ୟରେ ଇନ୍ଧନ ଉପଲବ୍ଧତା ଓ ୫ କିଗ୍ରା ଏଲପିଜି ସିଲିଣ୍ଡର ସଂକ୍ରାନ୍ତରେ ରହିଥିବା ଭୁଲ୍ ଧାରଣା ସମ୍ପର୍କରେ ସେ ସ୍ପଷ୍ଟୀକରଣ ରଖିଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ତୈଳ ଓ ଗ୍ୟାସ ଯୋଗାଣ ସ୍ଥିର ଓ ସ୍ୱାଭାବିକ ରହିଛି। ରାଜ୍ୟ ସରକାର, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଏବଂ ତୈଳ ବିପଣନ କମ୍ପାନୀ (ଓଏମ୍‌ସି)ଗୁଡ଼ିକ ପାରସ୍ପରିକ ସମନ୍ୱୟ ମାଧ୍ୟମରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଯୋଗାଣକୁ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ନେଉଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କମଲ ଶୀଲ୍ ଗୁରୁତ୍ୱାରୋପ କରି କହିଥିଲେ ଯେ ସମସ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ଏସବୁ ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଅଛି। କୌଣସି ଏଲ୍‌ପିଜି ବିତରକଙ୍କ ପାଖରେ କୌଣସି ଗ୍ୟାସ୍ ଅଭାବ ନାହିଁ ବୋଲି ପୁନର୍ବାର ଆଶ୍ୱାସନା ଦିଆଯାଇଛି। ସାମଗ୍ରିକ ଇନ୍ଧନ ସ୍ଥିତି ସମ୍ପର୍କରେ ସୂଚନା ଦେଇ ଏଲ୍‌ପିଜି, ପେଟ୍ରୋଲ କିମ୍ବା ଡିଜେଲର କୌଣସି ଅଭାବ ନାହିଁ ବୋଲି ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଛି। ଘରୋଇ ଗ୍ୟାସ୍ ଯୋଗାଣ ସମ୍ପୂର୍ଣ୍ଣ ସ୍ଥିର ରହିଛି। ବାଣିଜ୍ୟିକ ଗ୍ୟାସ ଯୋଗାଣ ମଧ୍ୟ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ବର୍ତ୍ତମାନ ୭୦% ଉପଲବ୍ଧତା ହାସଲ ହୋଇସାରିଛି। ହସ୍ପିଟାଲ୍, ସ୍କୁଲ୍, ଛାତ୍ରାବାସ, ଅଙ୍ଗନବାଡ଼ି ଏବଂ ଆହାର କେନ୍ଦ୍ର ଆଦି ଅତ୍ୟାବଶ୍ୟକ ପ୍ରତିଷ୍ଠାନ ପାଇଁ ଯୋଗାଣକୁ ପ୍ରାଥମିକତା ଦିଆଯାଉଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ହୋଟେଲ ସଂଘ ଏବଂ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ସହିତ ସମନ୍ୱୟ ସ୍ଥାପନ କରି ହୋଟେଲ, ରେସ୍ତୋରାଁ ଏବଂ ଢାବାଗୁଡ଼ିକୁ ସେମାନଙ୍କ ହାରାହାରି ବ୍ୟବହାରର ୨୦% ରେ ବାଣିଜ୍ୟିକ ଏଲପିଜି ଯୋଗାଣ କରାଯାଉଛି।



**ଯୋଗାଣ ସ୍ଥିର ଓ ସ୍ୱାଭାବିକ ରହିଛି: ଆଇଓସିଏଲ୍ ମୁଖ୍ୟ ମହାପ୍ରବନ୍ଧକ**

**ଭୟଭୀତ ହୋଇ କିଣାକିଣି କରିବାର କୌଣସି ଆବଶ୍ୟକତା ନାହିଁ**

ଶ୍ରୀ କମଲ ଶୀଲ୍ ଆହୁରି କହିଥିଲେ, ରାଜ୍ୟର ସହରାଞ୍ଚଳରେ ପିଏନଜି ସଂଯୋଗ ନେବାକୁ ଉପଭୋକ୍ତାମାନଙ୍କୁ ଉତ୍ସାହିତ କରାଯାଉଛି। ସହରାଞ୍ଚଳରେ ପିଏନ୍‌ଜି ସଂଯୋଗ ଅଧିକ ସୁବିଧାଜନକ, ସୁରକ୍ଷିତ ଏବଂ ଅପେକ୍ଷାକୃତ ଶସ୍ତା ହୋଇଥିବା କାରଣରୁ ଉପଭୋକ୍ତାଙ୍କ ରୋଷେଇ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଏହା ମଧ୍ୟ ଯୋଗାଣ ଶୃଙ୍ଖଳ ଉପରେ ଚାପ କମାଇବ। ବର୍ତ୍ତମାନ ପିଏନ୍‌ଜି ସଂଯୋଗ ପ୍ରକ୍ରିୟାକୁ ଅଧିକ ସହଜ ଓ ଦ୍ରୁତ ମଧ୍ୟ କରାଯାଇଛି ବୋଲି ସେ କହିଥିଲେ।

ଯେକୌଣସି ପ୍ରକାରର ବାଟମାରଣାକୁ ରୋକିବା ପାଇଁ ସାରା ଓଡ଼ିଶାରେ ଡିଜିଟାଲ୍ ଅନଲାଇନ୍ ବୁକିଂକୁ ଦୃଢ଼ ଭାବରେ ଉତ୍ସାହିତ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ପ୍ରବାସୀ ଶ୍ରମିକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରିବା ପାଇଁ, ଠିକଣା ପ୍ରମାଣପତ୍ର ବିନା ପରିଚୟ ପତ୍ର ଦେଇ ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ସକ୍ରିୟ ଭାବରେ ଯୋଗାଣ କରାଯାଉଛି। ତେବେ, ଇ-କେୱାଇସି ମାଧ୍ୟମରେ ଘରୋଇ ସଂଯୋଗ ସୁବିଧା କରାଯାଉଛି। ତୈଳ କମ୍ପାନୀଗୁଡ଼ିକ ଏକ ସୁଗମ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ରହିଥିବା ଆଇଓସିଏଲର ମୁଖ୍ୟ ମହାପ୍ରବନ୍ଧକ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏଚ୍‌ପିସିଏଲ୍, ଭାରତ ପେଟ୍ରୋଲିୟମ, ଗେଲ୍ ଇଣ୍ଡିଆ, ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଅନ୍ୟ ସରକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅନ୍ୟପକ୍ଷରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଚଞ୍ଚଳ କୁମାର ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ଓ ନିର୍ଦ୍ଦେଶକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ପଶ୍ଚିମ ଏସିଆ ସଂକଟ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ଏବଂ ଗୁଜବ ପ୍ରଚାରପ୍ରସାରକୁ ରୋକିବା ଲାଗି ଆଲୋଚନା ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ବୈଠକରେ ମିଥ୍ୟା ଖବର ଏବଂ ଅପପ୍ରଚାରକୁ ପ୍ରତିହତ କରିବା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ତଥା ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ପେଟ୍ରୋଲ, ଡିଜେଲ୍ ଏବଂ ଏଲପିଜି ଯୋଗାଣ ପାଇଁ ରାଜ୍ୟସ୍ତରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ, ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୧ ଲକ୍ଷରୁ ଅଧିକ ସରକାରୀ ଅର୍ଥ ହେର୍‌ଫେର୍

# ପିଇଓ ଦିଲ୍ଲୀପ ପ୍ରଧାନ ଗିରଫ

**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ସରକାରୀ ପାଣ୍ଠି ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତରେ କାର୍ଯ୍ୟରତ ପିଇଓ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଦୁର୍ନୀତି ନିବାରଣ ବିଭାଗ ଗିରଫ କରିଛି। ଶ୍ରୀ ପ୍ରଧାନ ନିଜର ପୂର୍ବ କାର୍ଯ୍ୟକାଳ ସମୟରେ ପ୍ରାୟ ୧୧ ଲକ୍ଷ ୨୮ ହଜାର ୬୦୦ ଟଙ୍କାର ସରକାରୀ ଅର୍ଥ ହେରଫେର କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶ୍ରୀ ପ୍ରଧାନ ଜାନୁଆରୀ ୨୦୨୩ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକ ଅଧୀନରେ ଥିବା ପାମ୍ପଲୋ ଏବଂ ରାଜସ ଗ୍ରାମ ପଞ୍ଚାୟତର ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟ ମଧ୍ୟରେ ସେ 'ମଧୁବାବୁ ପେନ୍‌ସନ୍ ଯୋଜନା' ପାଇଁ ଉଦ୍ଦିଷ୍ଟ ଅର୍ଥକୁ ବୟସ୍କ ଓ ଦୁର୍ବଳ ଶ୍ରେଣୀର ହିତାଧିକାରୀଙ୍କୁ ବଣ୍ଟନ ନକରି ନିଜେ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ସରକାରୀ ଗରିବ କଲ୍ୟାଣ ପାଣ୍ଠିର ଏଭଳି ଅପବ୍ୟବହାରକୁ ଭିଜିଲାନ୍ସ ଗୁରୁତ୍ୱର ସହ ନେଇଥିଲା। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ନଂ-୬/୨୦୨୬ ପଞ୍ଜିକୃତ କରାଯାଇଛି। ଶ୍ରୀ ପ୍ରଧାନଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ-୨୦୧୮ ଏବଂ ବିଏନ୍‌ଏସ୍‌ର ବିଭିନ୍ନ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବର୍ତ୍ତମାନ ଏହି ଦୁର୍ନୀତିର ଚେର ଆଉ କେଉଁ ପର୍ଯ୍ୟନ୍ତ ଲମ୍ବିଛି, ସେ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ପଞ୍ଚସଖା ଶିକ୍ଷା ସେତୁ ସଂଗଠନ-ଏନ୍‌ସିଏଫ୍‌ଇ ଏମ୍‌ଓୟୁ

# ଷଷ୍ଠରୁ ଦଶମ ଛାତ୍ରଛାତ୍ରୀ ପଢ଼ିବେ ଆର୍ଥିକ ସାକ୍ଷରତା ପାଠ

### ୭୩୬ ପିଏମ୍‌ଶ୍ରୀ ବିଦ୍ୟାଳୟରେ ଚାଲିବ

### ସ୍ୱତନ୍ତ୍ର ପ୍ରଶିକ୍ଷଣ ନେବେ ଶିକ୍ଷକଶିକ୍ଷୟିତ୍ରୀ

**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍‌ଶ୍ରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ। ସେମାନେ ବିଭିନ୍ନ ଆର୍ଥିକ ଯୋଜନା ଉପରେ ଜ୍ଞାନ ଆହରଣ କରିବେ। ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର (ଏନ୍‌ସିଏଫ୍‌ଇ) ସହ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ( ପିଏସ୍‌ଏସ୍‌ଏସ୍) ମଧ୍ୟରେ ଏକ ଚୁକ୍ତିନାମା ସୋମବାର ସ୍ୱାକ୍ଷରିତ ହୋଇଛି। ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର୍ ତଥା ପ୍ରମୁଖ ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକଙ୍କ ଉପସ୍ଥିତିରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଏହାର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକ ଅନନ୍ୟା ଦାସ ଓ ଏନସିଏଫ୍‌ଇ ପକ୍ଷରୁ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଜେନା ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁସାରେ, ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ ରଖି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାର ୭୩୬ଟି ବିଦ୍ୟାଳୟରେ ପ୍ରଚଳନ କରାଯିବ। ଏହି କାର୍ଯ୍ୟକ୍ରମର ବ୍ୟାପକ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ପ୍ରଚାର କରିବା ସହ ସେମାନଙ୍କ ମଧ୍ୟରେ ଆର୍ଥିକ କାରବାର ପରିଚାଳନା ଦକ୍ଷତାର ବିକାଶ କରିବା ଯାହାଦ୍ୱାରା ସେମାନଙ୍କର ଉଦ୍ୟୋଗିକ ଦକ୍ଷତା ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକସ୍ତରରୁ ଟଙ୍କା, ସଞ୍ଚୟ, ବଜେଟ୍ ପରିଚାଳନା, ବ୍ୟାଙ୍କିଂ, ନିବେଶ, ଟିକସ, ଅର୍ଥ କାରବାର ଓ ଆର୍ଥିକ ଦାୟିତ୍ୱବୋଧ ସମ୍ପର୍କିତ ଜ୍ଞାନ ଆହରଣ କରିବେ। ଏହା ତାଙ୍କୁ ଭବିଷ୍ୟତରେ ସଚେତନ ଓ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ତୋଳିବ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ଲାଗୁ ହେବା ପୂର୍ବରୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଥିକ ସାକ୍ଷରତା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଏହାଦ୍ୱାରା ସେମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭାବରେ ଶିକ୍ଷା ଦାନ କରିପାରିବେ। ଏନ୍‌ସିଏଫ୍‌ଇ ଅଧୀନରେ ଚିହ୍ନଟ ବିଦ୍ୟାଳୟଗୁଡ଼ିକୁ 'ମନି ସ୍ମାର୍ଟ ସ୍କୁଲ୍' ଭାବେ ପ୍ରମାଣିତ କରାଯିବାର ବ୍ୟବସ୍ଥା ରହିଛି। ଏହି ସହଯୋଗ ଓଡ଼ିଶା ସରକାରଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀଙ୍କୁ ଧନାତ୍ମକ ଦକ୍ଷତାରେ ସଶକ୍ତ କରିବାରେ ଆଉ ଗୋଟିଏ ମାଇଲଖୁଣ୍ଟ। ଏହି ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ପିଏସ୍‌ଏସ୍‌ଏସ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷର ଷଷ୍ଠ ଦିନରେ ରାଜ୍ୟବ୍ୟାପୀ 'ସ୍ୱଚ୍ଛତା ଅଭିଯାନ'

**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ପାଳନ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଆଜି ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ପଟିଆ ଠାରେ ଥିବା ଜଗନ୍ନାଥ ମନ୍ଦିର, ନନ୍ଦନ କାନନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ରେଳ ଷ୍ଟେସନ୍‌ଠାରେ 'ସ୍ୱଚ୍ଛ ଓଡ଼ିଶା ଦିବସ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଲିଙ୍ଗରାଜ ମନ୍ଦିରଠାରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା ଅଭିଯାନରେ ଭୁବନେଶ୍ୱର ମହାନଗର ନିଗମର ମେୟର୍ ସୁଲୋଚନା ଦାସ ଯୋଗଦେଇ ଏକ 'ସ୍ୱଚ୍ଛ ଓଡ଼ିଶା, ସୁନ୍ଦର ଓଡ଼ିଶା' ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଲିଙ୍ଗରାଜ ମନ୍ଦିର ପରିସରର ସଫେଇ କାର୍ଯ୍ୟରେ ସେ ନିଜେ ସାମିଲ ହେବା ସହ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଜନସାଧାରଣଙ୍କ ଅଂଶୀଦାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଏକ ସ୍ୱଚ୍ଛ ପରିବେଶ ଗଠନ କରିବା ପାଇଁ ଆମେ ସଚେତନ ହେବା ଏବଂ ଭୁବନେଶ୍ୱର ସହରକୁ ସ୍ୱଚ୍ଛ ରଖିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା' ବୋଲି ମେୟର୍ ସୁଲୋଚନା ଦାସ ମତପ୍ରକାଶ କରିଥିଲେ। ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ହୋଇଥିବା ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଜନ ସାଧାରଣ ଓ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଭୁବନେଶ୍ୱର ମହାନଗର ନିଗମର କମିଶନର୍ ଚଞ୍ଚଳ ରାଣା, ଭୁବନେଶ୍ୱର ମହାନଗର ନିଗମ ଷ୍ଟାଣ୍ଡିଙ୍ଗ କମିଟିର ସଦସ୍ୟ ଏବଂ କର୍ପୋରେଟର୍‌ମାନେ ମଧ୍ୟ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ସେହିପରି ଭାବେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭୁବନେଶ୍ୱର ଆନୁକୂଲ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଞ୍ଜନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଧଉଳି ଶାନ୍ତିସ୍ତୁପଠାରେ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ, ମହାନଗର ନିଗମ, ସମସ୍ତ ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକଗୁଡ଼ିକରେ ମଧ୍ୟ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଜ୍ୟର ପ୍ରମୁଖ ଦେବାଳୟ, ଐତିହ୍ୟ ସ୍ଥଳ, ସାଂସ୍କୃତିକ ସ୍ଥଳଗୁଡ଼ିକରୁ ଆରମ୍ଭ କରି ପୁଷ୍କରିଣୀ ଏବଂ ସମସ୍ତ ସାର୍ବଜନୀନ ସ୍ଥାନକୁ ମଧ୍ୟ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ଅର୍ଥାତ ଏପ୍ରିଲ ୭ ତାରିଖକୁ 'ଶିଶୁ କଥା ଦିବସ' ଭାବେ ପାଳନ କରାଯିବ।

# 'ସ୍ୱ-ଜନଗଣନାର ସଫଳତା ପାଇଁ ଗଣମାଧ୍ୟମରେ ବ୍ୟାପକ ପ୍ରଚାରପ୍ରସାର ଜରୁରୀ'



**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମେ ଡିଜିଟାଲ ମାଧ୍ୟମରେ ସ୍ୱ-ଜନଗଣନା ଜାରି ରହିଛି। ନାଗରିକମାନେ ସେଲ୍ଫ ଏନୁମରେସନ ପୋର୍ଟାଲରେ ଅନ୍‌ଲାଇନ୍‌ରେ ନିଜର ତଥ୍ୟ ଦାଖଲ କରି ଜନଗଣନାରେ ସାମିଲ ହୋଇପାରୁଛନ୍ତି। ତେବେ ଏହି ପ୍ରକ୍ରିୟା ସମ୍ପର୍କରେ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର। ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଆଜି ଏ ପ୍ରସଙ୍ଗରେ ଏଡିଜି ଶ୍ରୀ ମିଶ୍ରଙ୍କ ସହିତ ମତବିନିମୟ କରିଛନ୍ତି। ଏହି ବୈଠକରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ସମାଚାର ବିଭାଗ ମୁଖ୍ୟ ଅଭିଷେକ ମିଶ୍ରା ମଧ୍ୟ ଉପସ୍ଥିତ ଥିଲେ। ମତବିନିମୟ ସମୟରେ ବର୍ତ୍ତମାନ ଜାରି ରହିଥିବା ଜନଗଣନାର ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ବୈଠକରେ ଜନ ଭାଗିଦାରୀ ବଢ଼ାଇବା, ଜନ ସଚେତନତାକୁ ସୁଦୃଢ଼ କରିବା ଏବଂ ଜନଗଣନା କାର୍ଯ୍ୟକ୍ରମରେ ପ୍ରଭାବୀ ସମନ୍ୱୟ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା। ସ୍ୱ-ଜନଗଣନା ସୁବିଧା ଯୋଗାଇ ଦେବା ଏବଂ ଏହାକୁ ନାଗରିକଙ୍କ ପାଇଁ ଅଧିକ ସୁଲଭ ଓ ଦକ୍ଷ କରିବାରେ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଶ୍ରୀ କଲ୍ୟାଣ ଜୋର ଦେଇ କହିଥିଲେ ଯେ ଜନଗଣନା ତଥ୍ୟକୁ ସଠିକ୍ ଏବଂ ସମ୍ପୂର୍ଣ୍ଣ କରିବା ଲାଗି ସକ୍ରିୟ ଜନଭାଗିଦାରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ୱ-ଜନଗଣନା ପ୍ରୟାସର କାର୍ଯ୍ୟକାରିତାକୁ ସଫଳ କରିବାରେ ନାଗରିକଙ୍କ ସହଯୋଗ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ଜନଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକଙ୍କ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଲାଗି ରଣନୀତିକ ଯୋଗାଯୋଗ ଏବଂ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ପିଆଇବି ଏଡିଜି ଗୁରୁତ୍ୱ ଦେଇଥିଲେ। ତୃଣମୂଳ ସ୍ତରରେ ସୂଚନା ପହଞ୍ଚାଇବା ଏବଂ ସର୍ବାଧିକ ଜନଭାଗିଦାରୀ ସୁନିଶ୍ଚିତ କରିବାରେ ଦୂରଦର୍ଶନର ଭୂମିକା ଉପରେ ଅଭିଷେକ ମିଶ୍ରା ଆଲୋକପାତ କରିଥିଲେ। ଜନଗଣନା କାର୍ଯ୍ୟକ୍ରମକୁ ଅଧିକ ସୁଗମ କରିବା ଏବଂ ଦକ୍ଷତାପୂର୍ଣ୍ଣ ଭାବେ ପରିଚାଳନା କରିବା ଲାଗି ସରକାରୀ ସଂସ୍ଥା ଓ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱିତ ପ୍ରୟାସ କରିବା ନେଇ ଅନ୍ୟ ଅଧିକାରୀମାନେ ସହମତ ହୋଇଥିଲେ। ସଚେତନତା ଅଭିଯାନ ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତିବଦ୍ଧତା ସହିତ ବୈଠକର ପରିସମାପ୍ତି ହୋଇଥିଲା।

## ରାଜଧାନୀକୁ ବିପଦ ପ୍ରଦୂଷିତ ଗଙ୍ଗୁଆ

# ପାଲଟିଛି ଜଳ ସହିତ ମଳ ନିଷ୍କାସନର ମାଧ୍ୟମ

**ଭୁବନେଶ୍ୱର, ୬/୪ /ଏନ୍‌ଏନ୍‌ଏସ୍:** ରାଜଧାନୀର ଜଳ ନିଷ୍କାସନ ପାଇଁ ଥିବା ପ୍ରାକୃତିକ ନାଳ ଗଙ୍ଗୁଆ ଏବେ ରାଜଧାନୀବାସୀଙ୍କ ପାଇଁ ବିପଦ ପାଲଟିଛି। ଏହାର ଜଳ ପ୍ରଦୂଷିତ ହେବା ସହିତ ସହର ଭିତରେ ମଶାବଂଶ ବୃଦ୍ଧିର ପ୍ରମୁଖ ସ୍ଥଳୀ ପାଲଟିଛି। ଚନ୍ଦକାରୁ ବାହାରି ଦୟାନଦୀରେ ମିଶିଥିବା ୪୫ କିଲୋମିଟର ଦୈର୍ଘ୍ୟ ଗଙ୍ଗୁଆ ନାଳ ସହର ଭିତରେ ୨୩ କିଲୋମିଟର ପ୍ରବାହିତ ହେଉଛି। ସହର ଭିତରରୁ ଜଳ ନିଷ୍କାସନର ଏହା ପ୍ରମୁଖ ମାଧ୍ୟମ ଦୟାନଦୀକୁ ବି ପ୍ରଦୂଷିତ କରିବାରେ ଲାଗିଛି। ଗଙ୍ଗୁଆକୁ ପ୍ରଦୂଷଣମୁକ୍ତ ପାଇଁ ସରକାର ୫ଟି ବର୍ଜ୍ୟଜଳ ବିଶୋଧନାଗାର ପ୍ରତିଷ୍ଠା କରିଛନ୍ତି। ହେଲେ ଏହା ସହରରୁ ବାହାରୁଥିବା ସମସ୍ତ ଜଳକୁ ବିଶୋଧନ କରିପାରୁ ନାହିଁ। ଏଥି ସହିତ ୭୫ଏମଏଲ୍‌ଡି କ୍ଷମତା ବିଶିଷ୍ଟ ଦୁଇଟି ମଳ ପରିଚାଳନା କେନ୍ଦ୍ର ବି କାର୍ଯ୍ୟକ୍ଷମ ରହିଛି। ତେବେ ସ୍ଥିତିର ଗମ୍ଭୀରତାକୁ ଦେଖି ଆଉ ଗୋଟିଏ ୬୦ ଏମଏଲଡି ବିଶିଷ୍ଟ ବର୍ଜ୍ୟଜଳ ପରିଚାଳନା କେନ୍ଦ୍ର ଗଙ୍ଗୁଆ ଓ ଦୟାନଦୀର ସଙ୍ଗମସ୍ଥଳରେ ନିର୍ମାଣ ପାଇଁ ଯୋଜନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହି ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା। କିଛିଦିନ ପୂର୍ବେ ଦୟା ଅବବାହିକାର ଗ୍ରାମାଞ୍ଚଳରେ ଜଳ ପ୍ରଦୂଷଣ ଯୋଗୁଁ ଲୋକେ ଝାଡ଼ାବାନ୍ତି ଓ ଜଣ୍ଡିସ ରୋଗରେ ଏଭଳି ଆକ୍ରାନ୍ତ ହୋଇଥିଲେ ଯେ ଗାଁ ଗହଳରେ ଭୋଜିଭାତ ଉପରେ କଟକଣା ଲାଗିଥିଲା। ସେତେବେଳେ ଏହି ପ୍ରଦୂଷଣ ପାଇଁ ରାଜଧାନୀର ଦୂଷିତ ଜଳକୁ ଦାୟୀ କରାଯାଇଥିଲା। ଏହାପରେ ପ୍ରଶାସନ କେତେକ ପଦକ୍ଷେପ ଗ୍ରହଣ କରିଥିଲେ



ହୋଇଥିବାବେଳେ ବର୍ତ୍ତମାନ ଜଳ ସହିତ ଏହା ମଳ ନିଷ୍କାସନର ବି ମାଧ୍ୟମ ପାଲଟିଛି। ଅନେକ ସ୍ଥାନରେ ସ୍ୱରେଜ ବର୍ଜ୍ୟକୁ ଲୋକେ ସିଧାସଳଖ ଗଙ୍ଗୁଆରେ ଛାଡିବା ଯୋଗୁଁ ଏହାର ଜଳ ଅତ୍ୟନ୍ତ ଦୂଷିତ ହେବାରେ ଲାଗିଛି। ଗଙ୍ଗୁଆର ଜଳ ଦୂଷିତ ନେଇ ଖୋଦ୍ ସରକାର ବି ସ୍ୱୀକାର କରୁଛନ୍ତି। ଏହାର ଜଳ ଏଭଳି ପ୍ରଦୂଷିତ ହୋଇଛି ଯେ ପ୍ରାକୃତିକ ଉପାୟରେ ଏହାକୁ ବିଶୋଧନ କରି ସେବନ କରିବା ପାଇଁ ଅତ୍ୟନ୍ତ ଅନୁପଯୁକ୍ତ। ରାଜଧାନୀର ବର୍ଜ୍ୟ ଏହି ନାଳରେ ମିଶିବା ଫଳରେ ଏଭଳି ସ୍ଥିତି ଉପୁଜିଛି। ରାଜଧାନୀର ମଳକୁ ବୋହୁଥିବା ଗଙ୍ଗୁଆ ଏବେ ନିଜେ ପ୍ରଦୂଷିତ ହେବା ସହିତ ରହିଛି। ଏହା କାର୍ଯ୍ୟକ୍ଷମ ହେଲେ ଦୟାନଦୀକୁ ପ୍ରଦୂଷଣରୁ କିଛିଟା ରକ୍ଷା କରାଯାଇ ପାରିବ ବୋଲି ସରକାର କହୁଛନ୍ତି।

ବଡ଼ ପ୍ରକଳ୍ପ ହାତକୁ ନେବା ପୂର୍ବରୁ ବର୍ତ୍ତମାନ ଗଙ୍ଗୁଆନାଳ ଆଖପାଖର ଲୋକେ ଏଠାରେ ଯେଭଳି ବର୍ଜ୍ୟ ନଫିଙ୍ଗିବେ ସେଥିପାଇଁ କଠୋରତା ଦେଖାଇବା ଜରୁରୀ ହୋଇପଡ଼ିଛି। ନାଳର ଆଖପାଖରେ ଗଢ଼ି ଉଠିଥିବା ବସ୍ତି ଓ ଜନବସତିର ବର୍ଜ୍ୟଜଳ ଓ ମଳ କେଉଁ ସ୍ଥାନରେ ପଡୁଛି ତାହାର ସର୍ଭେ ହେବା ଆବଶ୍ୟକ। ଯେଉଁମାନେ ଗଙ୍ଗୁଆ ନାଳକୁ ସିଧାସଳଖ ବର୍ଜ୍ୟ ଛାଡୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର ମଧ୍ୟ ପରେ ତାହା ପୁଣି ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ପହଞ୍ଚିଛି। ବର୍ତ୍ତମାନ ରାଜଧାନୀର ଅଧିକାଂଶ ବସ୍ତିର ବର୍ଜ୍ୟ ଜଳ ଓ ମଳ ସିଧାସଳଖ ଭାବେ ପ୍ରମୁଖ ନାଳଗୁଡିକରେ ପଡିଥିବା ଯୋଗୁଁ ପରୋକ୍ଷରେ ଏହା ଗଙ୍ଗୁଆରେ ମିଶୁଛି ଓ ଏହାକୁ ପ୍ରଦୂଷିତ କରିବାରେ ଲାଗିଛି। ତେଣୁ ସହର ଭିତରେ ଓ ଆଖପାଖରେ ଗଢି ଉଠୁଥିବା ଜନବସତି ସଂକ୍ରାନ୍ତରେ ସବିଶେଷ ସୂଚନା ସଂଗ୍ରହଣ କରାଯାଇ ସେମାନଙ୍କ ବର୍ଜ୍ୟଜଳର ସଠିକ୍ ପରିଚାଳନା କରାଗଲେ କେବଳ ଗଙ୍ଗୁଆ ନୁହେଁ, ଅନ୍ୟାନ୍ୟ ଜଳ ଉତ୍ସ ବି ପ୍ରଦୂଷଣରୁ ରକ୍ଷାପାଇପାରିବ।

## ଓଡ଼ିଆ ଭାଷା ପ୍ରତି ଅବହେଳା

# ପୁଣି ଆରମ୍ଭ ହେବ 'କଳାପତାକା ଅଭିଯାନ'



**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ମାତୃଭାଷା ଓଡ଼ିଆ ପ୍ରତି ସରକାରୀ କଳର ଉଦାସୀନତା ଏବଂ ସରକାରୀ କାର୍ଯ୍ୟରେ ଇଂରାଜୀ ଭାଷାର ବ୍ୟବହାର ପାଇଁ ଚାଲିଥିବା ଅମଲାତାନ୍ତ୍ରିକ ଷଡ଼ଯନ୍ତ୍ର ବିରୋଧରେ ପୁଣି ସ୍ୱର ଉଠାଇଛି 'ଭାଷା ଆନ୍ଦୋଳନ ଓଡ଼ିଶା'। ରବିବାର ଉତ୍କଳ ସାମ୍ବାଦିକ ସଂଘ ସଭାକକ୍ଷରେ ଅନୁଷ୍ଠିତ ଏକ ଜରୁରୀ ସାଧାରଣ ବୈଠକରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଆଗାମୀ ଏପ୍ରିଲ ୧୪ ତାରିଖରୁ ପୁନର୍ବାର 'କଳାପତାକା ଅଭିଯାନ' ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଦୀର୍ଘ ୮୭୮ ଦିନର ଆନ୍ଦୋଳନ ପରେ ୨୦୧୮ରେ ଓଡ଼ିଶା ସରକାରୀ ଭାଷା ଆଇନ-୧୯୫୪ର ସଂଶୋଧନ ହୋଇ ୨୦୧୯ରେ ନିୟମାବଳୀ ଲାଗୁ ହୋଇଥିଲା। ଏଥିରେ ଓଡ଼ିଆ ଭାଷା ବ୍ୟବହାର ନକଲେ ଦଣ୍ଡବିଧାନର ବ୍ୟବସ୍ଥା ଥିଲା। ମାତ୍ର ବର୍ତ୍ତମାନର ସରକାର 'ଓଡ଼ିଆ ଅସ୍ମିତା'ର ନାରା ଦେଉଥିଲେ ହେଁ କାର୍ଯ୍ୟ କ୍ଷେତ୍ରରେ ଏହାର ଓଲଟା ଦେଖିବାକୁ ମିଳୁଛି । ଗତ ୨୭/୦୮/୨୦୨୪ରେ ଜାରି ହୋଇଥିବା ଏକ ଅଧିସୂଚନା ଏବଂ ପରବର୍ତ୍ତୀ ସମୟରେ ୧୩/୦୧/୨୦୨୬ରେ ଦିଆଯାଇଥିବା ତାଗିଦ୍‌ରେ ୨୦୧୬ର ପୁରୁଣା ଆଇନକୁ ଗୁରୁତ୍ୱ ଦିଆଯାଉଛି, ଯାହାକି ବେଆଇନ ଓ ତ୍ରୁଟିପୂର୍ଣ୍ଣ ବୋଲି ଆନ୍ଦୋଳନ ପକ୍ଷରୁ କୁହାଯାଇଛି। ଭାଷା ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସରକାରଙ୍କ ଉଦାସୀନତାକୁ ବୈଠକରେ ନିନ୍ଦା କରାଯାଇଛି। ମାତ୍ର ୨୦୦ ମାର୍କର ଓଡ଼ିଆ ପଢ଼ିଥିବା ଶିକ୍ଷାର୍ଥୀଙ୍କୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ହୋଇଥିବା ବିଜ୍ଞପ୍ତିକୁ ଭାଷାପ୍ରେମୀମାନେ ବିରୋଧ କରିଛନ୍ତି। ଏହା ସହ ଐତିହ୍ୟ ସ୍ଥଳର ସୁରକ୍ଷା ଓ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପରି ପ୍ରାୟ ୧୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ସମସ୍ତ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କିମ୍ବା ମୁଖ୍ୟ ସଚିବଙ୍କ ସହ ଆଲୋଚନା କରାଯିବାକୁ ସ୍ଥିର ହୋଇଛି। ଯଦି ସରକାର ଏଥିରେ କୌଣସି ପଦକ୍ଷେପ ନନିଅନ୍ତି, ତେବେ ଏପ୍ରିଲ ୧୪ରୁ ପୁଣି ରାଜରାସ୍ତାକୁ ଓହ୍ଲାଇବ ଭାଷା ଆନ୍ଦୋଳନ। ଆବାହକ ପବିତ୍ର ମହାରଥାଙ୍କ ଦ୍ୱାରା ଆହୂତ ଏହି ବୈଠକରେ ବରିଷ୍ଠ ସ୍ତମ୍ଭକାର ନଟବର ଖୁଣ୍ଟିଆ, ଅଧ୍ୟାପକ ନିରଞ୍ଜନ ପାଢ଼ୀ, ସାମ୍ବାଦିକ ଶ୍ରୀରାମ ଦାଶ, ଜାନକୀଶ ବଡ଼ପଣ୍ଡା, ସୀତାବଲ୍ଲଭ ମହାପାତ୍ର, ହରିଶଙ୍କର ମିଶ୍ର, ବିଭୂତି ଭୂଷଣ କର, ସାଗର ଶତପଥୀ, ସାରଦା ପ୍ରସାଦ ମହାପାତ୍ର, ଡମ୍ବୁରଧର ହରଣସିଂହ, ଉପେନ୍ଦ୍ର ସାମନ୍ତସିଂହାର, ଦାଶରଥି ଗୁମାନସିଂହ, ମୟୂରେଶ ଦାସ, ନବକିଶୋର ପ୍ରଧାନ, ଶ୍ରୁତକୀର୍ତ୍ତି ତ୍ରିପାଠୀ ଏବଂ ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ।

## ଦଳ ବିରୋଧୀ ଅଭିଯୋଗ

# ମୁକ୍ତିକାନ୍ତ, ମଞ୍ଜୁଲତା ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ଦଳ ବିରୋଧୀ ଅଭିଯୋଗରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳ ପକ୍ଷରୁ ଏନେଇ ନିଲମ୍ବନ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହି ପତି-ପତ୍ନୀ ଖୁବଶୀଘ୍ର ବିଜେପିରେ ସାମିଲ ହେଉଥିବା ଚର୍ଚ୍ଚା ଜୋର୍ ଧରିଛି।

# ପରିବା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନ୍‌ଜି

**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ରାଜଧାନୀରୁ ବାହାରୁଥିବା ପରିବା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନ୍ ଜି। ଏଥିପାଇଁ ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି ବିଏମ୍‌ସି। ଏହି ଅବସରରେ ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର୍ ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସଚନ୍ଦ୍ର ଦାସ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାରଙ୍କ ସହ ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ ଓ କର୍ପୋରେଟର୍ ଉପସ୍ଥିତ ଥିବା ବେଳେ ନେକ୍ସ ବ୍ୟାଣ୍ଡ ରିନ୍ୟୁୟେବଲ୍ସର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଓଡ଼ିଶାର ପ୍ରଥମ ସ୍ୱାୟତ୍ତ ସଂସ୍ଥା ଭାବେ ନେକ୍ସବ୍ୟାଣ୍ଡ ସହିତ ଚୁକ୍ତି ସ୍ୱାକ୍ଷର କରିଛି ବିଏମ୍‌ସି। ସୂଚନାଯୋଗ୍ୟ ଯେ ବିଏମ୍‌ସି ଅଞ୍ଚଳରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର (ଏମ୍‌ସିସି)ଏବଂ ମ୍ୟାରିଆଲ ରିକଭରି ଫ୍ୟାସିଲିଟ୍ (ଏମ୍ ଆର୍ ଏଫ୍) କରାଯାଇ ପୃଥକୀକୃତ ବର୍ଜ୍ୟଗୁଡ଼ିକର ପ୍ରକ୍ରିୟାକରଣ କରାଯାଉଛି। ତେବେ ଏହି ବର୍ଜ୍ୟକୁ ଅଧିକ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରି କିପରି ସେଥିରୁ ଶକ୍ତି ଉତ୍ପାଦନ କରାଯାଇ ପାରିବ ସେଥିପାଇଁ ମଧ୍ୟ ବିଏମ୍‌ସି ପଦକ୍ଷେପ ନେଇଛି। ଭୁବନେଶ୍ୱର ନିକଟରେ ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ତରଫରୁ କରାଯାଉଥିବା କମ୍ପ୍ରେସେଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ବେଗୁନିଆଠାରେ ପରିବା ବର୍ଜ୍ୟ ଏବଂ ନାପିୟର ଘାସର ଆବଶ୍ୟକତା ରହିଛି। ସମ୍ପୃକ୍ତ ସଂସ୍ଥା ପରିବା ବର୍ଜ୍ୟ ନେବା ପାଇଁ ଆଜି ବିଏମ୍‌ସି ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ଦିନକୁ ହାରାହାରି ୫୦ ମେଟ୍ରିକ୍ ଟନ୍ ପରିବା ବର୍ଜ୍ୟ ବିଏମ୍ ସି ଅଂଚଳରୁ ଦେବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଋତୁ ଅନୁସାରେ ଏହାର ପରିମାଣରେ ଏହାର କିଛି ପରିବର୍ତ୍ତନ ହୋଇପାରେ। ସମଗ୍ର ସହରରୁ ସଂଗୃହିତ ପରିବା ବର୍ଜ୍ୟକୁ ଚିହ୍ନିତ ସ୍ଥାନଗୁଡ଼ିକରେ ରଖାଯିବ ଏବଂ ଉକ୍ତ ସଂସ୍ଥା ସେହିସବୁ ସ୍ଥାନରୁ ନିଜସ୍ୱ ଖର୍ଚ୍ଚରେ କମ୍ପ୍ରେସେଡ୍ ବାୟୋ ଗ୍ୟାସ୍ ପ୍ଲାଣ୍ଟକୁ ନେବ ଏବଂ ସେଥିରୁ ଶକ୍ତି ଉତ୍ପାଦନ କରିବ। ଏହା ଚୁକ୍ତି ଏକ ଅଣ-ବ୍ୟବସାୟିକ ଏବଂ ପ୍ରାଥମିକ ଭାବେ ଏକବର୍ଷ ପାଇଁ କରାଯାଇଛି। ଏହି ପଦକ୍ଷେପ ବୈଜ୍ଞାନିକ ପ୍ରକ୍ରିୟାକରଣ ପାଇଁ ଜୈବିକ ପନିପରିବା ବର୍ଜ୍ୟକୁ ସ୍ଥାନାନ୍ତର କରି ଅସ୍ଥାୟୀ ପରିବହନ ଷ୍ଟେସନ (ଟିଟିଏସ୍) ଉପରେ ବୋଝକୁ ଯଥେଷ୍ଟ ହ୍ରାସ କରିବ। ବଜାରରୁ ପରିବା ବର୍ଜ୍ୟ ସଂଗ୍ରହ ଅଧିକ ନିୟମିତ ହେବା ସହ ବଜାର ଅଂଚଳର ପରିଚ୍ଛନ୍ନତା ସାଙ୍ଗକୁ ପରିବା ବର୍ଜ୍ୟର ସଦୁପୋଯୋଗ ହୋଇପାରିବ। ଏହି ପଦକ୍ଷେପ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ ଦ୍ୱାରା ପରିବହନ ଭାର ଏବଂ ସମ୍ବନ୍ଧିତ ପରିଚାଳନାଗତ ସମସ୍ୟା ଓ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବ। ଅଳିଆକୁ ସ୍ୱଚ୍ଛ ଶକ୍ତି ଏବଂ ଜୈବ ସାରରେ ରୂପାନ୍ତରିତ କରାଯିବ। ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ, ସହର ପରିବେଶକୁ ସଫା ରଖିବା ଏବଂ ସ୍ଥାୟୀ ସମ୍ବଳ ବ୍ୟବହାରରେ ମଧ୍ୟ ସହାୟକ ହେବ। ସ୍ଥାୟୀ ସହରାଞ୍ଚଳ ବିକାଶକୁ ଏହା ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ଏହି ବୁଝାମଣା ପତ୍ରରେ ବିଏମ୍ ସି ପକ୍ଷରୁ କମିଶନର ଚଞ୍ଚଳ ରାଣା ଏବଂ ନେକ୍ସ ବ୍ୟାଣ୍ଡ ରିନ୍ୟୁୟେବଲ୍ସ ପକ୍ଷରୁ ପରିଚାଳନା ନିର୍ଦ୍ଦେଶିକା ଲୋରୀ ଦାସ ସ୍ୱାକ୍ଷର କରିଛନ୍ତି।

# ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥର ସ୍କ୍ରାପ୍ ବିକ୍ରୟରୁ ରେକର୍ଡ ରାଜସ୍ୱ ଅର୍ଜନ



**ଭୁବନେଶ୍ୱର,୬/୪/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ସ୍କ୍ରାପ୍ ବିନିଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ସର୍ବକାଳୀନ ସର୍ବାଧିକ ୨୯୦.୨୨ କୋଟି ରାଜସ୍ୱ ଆଦାୟ ରେକର୍ଡ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳବାଇ ବୋର୍ଡର ୨୬୦ କୋଟି ଲକ୍ଷ୍ୟ ଠାରୁ ୩୦.୨୨ କୋଟି ଅଧିକ ଓ ୧୧.୬୨% ବୃଦ୍ଧି। ଏହି ସଫଳତା ପୂର୍ବ ବର୍ଷର ପ୍ରାୟ ୨୬୯.୩ କୋଟି ଟଙ୍କାର ସର୍ବୋତ୍ତମ ସ୍କ୍ରାପ୍ ନିଷ୍କାସନ ରାଜସ୍ୱ ତୁଳନାରେ ୭.୭୭% ବୃଦ୍ଧିକୁ ଦର୍ଶାଉଛି, ଯାହା ସମ୍ବଳ ସଂଗ୍ରହ ଏବଂ ଦକ୍ଷ ପରିଚାଳନାରେ ଏହି ଜୋନର ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି।

'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ଡିଭିଜନ, କର୍ମଶାଳା ଏବଂ ଲୋକୋ ସେଡ୍‌ଗୁଡ଼ିକରେ ନିରନ୍ତର ଓ କେନ୍ଦ୍ରିତ ଭାବେ ଚାଲିଥିବା ସ୍ୱଚ୍ଛତା ଅଭିଯାନର ଫଳସ୍ୱରୂପ ଏହି ସଫଳତା ହାସଲ ହୋଇଛି। ଏହି ପଦକ୍ଷେପଗୁଡ଼ିକ କେବଳ ରାଜସ୍ୱ ବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ବରଂ ସ୍ୱଚ୍ଛ ପରିବେଶ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ପରିଚାଳନାଗତ କାର୍ଯ୍ୟକୁଶଳତା ବୃଦ୍ଧିରେ ମଧ୍ୟ ଉଲ୍ଲେଖନୀୟ ଭାବେ ସହାୟକ ହୋଇଛି। ଏହି ସଫଳତା ସମସ୍ତ ବିଭାଗ ଓ ଡିଭିଜନ ଗୁଡିକର ସମନ୍ୱିତ ପ୍ରୟାସ ସହିତ କ୍ଷେତ୍ରସ୍ତରୀୟ ୟୁନିଟ୍ ଏବଂ ମୁଖ୍ୟାଳୟରେ ଷ୍ଟୋର୍ସ ବିଭାଗର ଉତ୍ସର୍ଗୀକୃତ କାର୍ଯ୍ୟର ଏକ ସ୍ପଷ୍ଟ ପ୍ରମାଣ ଅଟେ। ସୁଚାରୁ ଯୋଜନା, ସୁସଂଗଠିତ ନିରୀକ୍ଷଣ ବ୍ୟବସ୍ଥା ଏବଂ ପାରଦର୍ଶୀ ଇ-ନିଲାମ ପ୍ରକ୍ରିୟା ସ୍କ୍ରାପ୍‌କୁ ଯଥେଷ୍ଟ ରାଜସ୍ୱରେ ପରିଣତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ରେକର୍ଡ ସଫଳତା ପଛରେ ୪୦,୩୪୨ ମେଟ୍ରିକ ଟନ୍ ରୁ ଅଧିକ ପରିତ୍ୟକ୍ତ ରେଳ ଏବଂ ରେଳ ପଥ ସାମଗ୍ରୀ, ୫ ଲକ୍ଷରୁ ଅଧିକ ପି. ଏସ୍. ସି. ସ୍ଲିପର ଏବଂ ବହୁ ପରିମାଣର ଲୌହ ସ୍କ୍ରାପ୍ ନିଷ୍କାସନ ସାମଗ୍ରୀ ଅନ୍ତର୍ଭୁକ୍ତ। ଏହାବ୍ୟତୀତ, ବୈଦ୍ୟୁତିକ ଏବଂ ଡିଜେଲ ଇଞ୍ଜିନ, କୋଚ ଏବଂ ୱାଗନକୁ ନେଇ ଗଠିତ ରୋଲିଙ୍ଗ ଷ୍ଟକ୍‌କୁ ଦକ୍ଷତାର ସହ ନିଲାମ କରାଯାଇଥିଲା। ପୂର୍ବତଟ ରେଳପଥ ପାଇଁ ଦକ୍ଷ ସ୍କ୍ରାପ୍ ନିଷ୍କାସନ ଏକ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇ ରହିଛି, କାରଣ ଏହା କେବଳ ମୂଲ୍ୟବାନ ଆର୍ଥିକ ସମ୍ବଳ ସୃଷ୍ଟି କରେ ନାହିଁ ବରଂ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ଅଧିକ ସଂଗଠିତ କାର୍ଯ୍ୟ ପରିବେଶକୁ ମଧ୍ୟ ପ୍ରୋତ୍ସାହିତ କରେ। ଏହି ସଫଳତା ପୂର୍ବତଟ ରେଳପଥର ପରିଚାଳନାଗତ ଉତ୍କର୍ଷତା, ଆର୍ଥିକ ସତର୍କତା ଏବଂ ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି, ଯାହା ଭାରତୀୟ ରେଳପଥର ଅନ୍ୟ ରେଳ ଜୋନ୍ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

# ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ସମାରୋହ



**ଅସ୍ତରଙ୍ଗ,୬/୪/ଏନ୍ଏନ୍ଏସ୍:** ସ୍ଥାନୀୟ ପିଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜନ ହୋଇଛି। ସୁନ୍ଦର ତୋରଣ ସହିତ ଝୋଟି ଚିତାରେ ସଜ୍ଜିତ ହୋଇଥିବା ବିଦ୍ୟାଳୟର ପ୍ରବେଶ ପଥ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ବିଦ୍ୟାଳୟର ବର୍ଣ୍ଣାଢ଼୍ୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୂତନ ଭାବରେ ନାମ ଲେଖାଇବାକୁ ଆସିଥିବା କୋମଳମତି ଶିକ୍ଷାର୍ଥୀମାନଙ୍କୁ ଫୁଲଚନ୍ଦନ ଓ ମିଠା ଖୁଆଇ ଭବ୍ୟ ସ୍ୱାଗତ କରଯାଇଥିଲା। ପ୍ରତ୍ୟୁଷରୁ ବିଦ୍ୟାଳୟର ପରିସରରେ ଆୟୋଜିତ ହୋମ, ଦୀପ ଧୂପ ତଥା ପୂଜା କାର୍ଯ୍ୟକ୍ରମରେ ଅଭିଭାବକ, ପରିଚାଳନା କମିଟିର ସଦସ୍ୟ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇ ସମସ୍ତଙ୍କର ବିଦ୍ୟାଳୟ ତଥା ଶିକ୍ଷାର୍ଥୀଙ୍କର ମଙ୍ଗଳ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟକ୍ରମରେ ସରପଞ୍ଚ ଅଭୟ କୁମାର ସେଠୀ, ସଂସଦ ପ୍ରତିନିଧି ତଥା ଅଞ୍ଚଳର ସମାଜସେବୀ କୈଳାଶ ଚନ୍ଦ୍ର ନାୟକ, ପରିଚାଳନା କମିଟିର ଅଧ୍ୟକ୍ଷା ରୀନାଲତା ପରିଡା, ସଦସ୍ୟ ବିଭୁପ୍ରସାଦ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପିଏମଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନିଜର କାର୍ଯ୍ୟ ଦକ୍ଷତାକୁ ସୁଚାରୁ ଭାବରେ ପରିଚାଳନା କରି ସମ୍ପ୍ରତି ଓଡ଼ିଶାର ଶିକ୍ଷା ସରଣୀରେ ନିଜର ସ୍ୱତନ୍ତ୍ର ମର୍ଯ୍ୟାଦା ରଖିଛି ବୋଲି ଆଲୋକପାତ କରିଥିଲେ। ବରିଷ୍ଠ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ପ୍ରତାପ କୁମାର ରାଉତ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଜୀବନର ଜ୍ଞାନ ଯାତ୍ରାର ଶୁଭାରମ୍ଭ ଦିନ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷାର୍ଥିନୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିକ୍ଷୟିତ୍ରୀ ସରୋଜିନୀ ହାଜ୍ରାଦା, ଗୀତାଞ୍ଜଳି ବେହେରା, ସ୍ୱପ୍ନାମୟୀ ମହାପାତ୍ର, କାବେରୀ ସେଠୀ, ସ୍ୱର୍ଣ୍ଣଲତା ପାଣି, ଜ୍ୟୋତ୍ସ୍ନାରାଣୀ ପାଲ, ସାଗରିକା ମଲ୍ଲ, ପ୍ରଗତି ପୃଷ୍ଟି, ପ୍ରିୟଦର୍ଶିନୀ ସ୍ୱାଇଁ, ବିଜୟଲକ୍ଷ୍ମୀ ପରିଡା, ଜୟଶ୍ରୀ ନାୟକ, ଶକୁନ୍ତଳା ଦେଇ, ପ୍ରମିଳା ବିଶ୍ୱାଳ, ନିରୋଜିନୀ ସାହୁ, ରଶ୍ମିତା ସେଠୀ, ସଙ୍ଘମିତ୍ରା ନାୟକ, ବୈଜୟନ୍ତୀ କନହର, ଶିକ୍ଷକ ସତ୍ୟନାରାୟଣ ସେଠୀ, ସନତ ପ୍ରଧାନ, ରଞ୍ଜନ ଦାସ, ମହମ୍ମଦ ସମରୁଦ୍ଦିନ ପ୍ରମୁଖ ପରିଚାଳନା କରିଥିବା ବେଳେ ଦମୟନ୍ତୀ ପଟ୍ଟନାୟକ, ଚିତ୍ତରଞ୍ଜନ ମିଶ୍ର , ରୁକ୍ସାନା ବେଗମ, ସରୋଜିନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ



**ଖୋର୍ଦ୍ଧା,୬/୪/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଆ ପକ୍ଷ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଆରମ୍ଭ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଉପଲକ୍ଷେ ଆଜି ଅପ୍ରେଲ ୬ ତାରିଖ ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସଦର ମହକୁମା ବରୁଣେଇ ମନ୍ଦିର ପୀଠ ଠାରେ ସଫେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ପୌର ପରିଷଦ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତାମାନେ ଯୋଗଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଅତିଥିମାନେ ଓଡ଼ିଆପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଅତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସର୍ବସାଧାରଣ ସ୍ଥାନଗୁଡ଼ିକୁ ସଫାସୁତରା ରଖିବାକୁ ହେଲେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

## ହରିଜନସାହି ପକ୍ଷରୁ ବିଦ୍ୟାଳୟ ପ୍ରବେଶ ଉତ୍ସବ




**ମାହାଙ୍ଗା,୬/୪/ଏନ୍ଏନ୍ଏସ୍:** ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୂର୍ତାଙ୍ଗ ପଞ୍ଚାୟତ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ନୂର୍ତାଙ୍ଗ ହରିଜନ ସାହି ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର କୁମାର ଦେହୁରୀ, ଶିକ୍ଷୟିତ୍ରୀ ଖିଲାଡି ଗୋପାଳ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ଉତ୍ସବକୁ ପାଳନ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ଶ୍ରୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ଗାଁକୁ ଗାଁ ବୁଲି ବିଭିନ୍ନ ସ୍ଲୋଗାନମାନ ଦେଇ ଲୋକମାନଙ୍କୁ ସଚେତନ କରାଇବା ସହ କିପରି ଅଧିକରୁ ଅଧିକ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଅଧ୍ୟୟନ କରିବେ ସେ ଉପରେ ଅଭିଭାବକ ଓ ଅଭିଭାବିକାମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ୧୦ଜଣ ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକ ଆସିଥିବାବେଳେ ସେମାନଙ୍କ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ପ୍ରଧାନଶିକ୍ଷକ ଶ୍ରୀ ଦେହୁରୀ ସୂଚନା ଦେଇଛନ୍ତି।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



**ଓଡ଼ଗାଁ,୬/୪/ଏନ୍ଏନ୍ଏସ୍:** ଓଡ଼ଗାଁ ରଘୁନାଥ ସମବାୟ ମହା ବିଦ୍ୟାଳୟରେ ଓଡ଼ିଆପକ୍ଷ ପାଳନ ଅବସରରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହା ବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଅଜୟ କୁମାର ପଟ୍ଟନାୟକ, ପବିତ୍ର ମୋହନ ସାହୁ ଓ ସମସ୍ତ କର୍ମଚାରୀ ଏହି ଶିବିରରେ ସହଯୋଗ କରିଥିବାବେଳେ ଡାକ୍ତର ଭାଗିରଥି ପ୍ରଧାନ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରୁ ମୋଟ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି।ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ଇତିହାସ ଅଧ୍ୟାପକ ନିରୋଜ କୁମାର ପ୍ରଧାନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ମନୋଜ କୁମାର ବିଶ୍ୱାଳ,ସରୋଜ କୁମାର ରାଉତ,ଭୂମିକା ରଥ, ସ୍ମିତାଶ୍ରୀ ପାଣିଗ୍ରାହୀ, ସୌମ୍ୟଶ୍ରୀ ଓଁ ପ୍ରକାଶ, ସୁନୀଲ କୁମାର ପଲେଇ, ଜିତେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଭୁଜବଳ, ଦୁର୍ଗାନାରାୟଣ ସାହୁ, ରାନିଆ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



**ନୟାଗଡ଼,୬/୪/ଏନ୍ଏନ୍ଏସ୍:** ତିନିଦିନ ଧରି ଚାଲିଥିବା ଭାରତର ଜନଗଣନା-୨୦୨୭ କାର୍ଯ୍ୟକ୍ରମ ଅନ୍ତର୍ଗତ ନୟାଗଡ଼ ମୁନିସିପାଲିଟି ଅଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଆଜି ଉଦ୍ଯାପିତ ହୋଇଯାଇଛି। ମୁନିସିପାଲିଟି କାର୍ଯ୍ୟାଳୟ ସଭାଗୃହରେ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ୮୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିବା ବେଳେ ସେମାନେ ଚଳିତ ମାସ ୧୬ ତାରିଖରୁ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗୃହ ଗଣନା ଏବଂ ଗୃହତାଲିକା ସହିତ ଏ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବେ। ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଜନଗଣନା କାର୍ଯ୍ୟର ମହତ୍ୱ ତଥା ଏହାଦ୍ୱାରା ସରକାର ଦେଶର ବିକାଶ ଓ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଧାୟକ ଡ. ସାହୁ ଜନଗଣନା ସମ୍ପର୍କିତ କିଛି ପ୍ରଶ୍ନ ପଚାରିଥିଲେ। ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ନେହଲତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦ୍ଯାପନୀ ସଭାରେ ପ୍ରଶିକ୍ଷକ ସିଆର୍‌ସିସି ପ୍ରଦୀପ୍ତ କୁମାର ପଣ୍ଡା ଏବଂ ବ୍ରଜକିଶୋର ମହାପାତ୍ର ଉପସ୍ଥିତ ଥିଲେ। ଗତ ତିନିଦିନ ଧରି ସୁରୁଖୁରୁରେ ଚାଲିଥିବା ପ୍ରଶିକ୍ଷଣ ଶିବିରକୁ ମ୍ୟୁନିସିପାଲିଟି ପକ୍ଷରୁ ବରିଷ୍ଠ କିରାଣୀ ଦିଗାମ୍ବର ପ୍ରଧାନ, ଶିଶିର କୁମାର ମହାପାତ୍ର ଏବଂ ଗଜେନ୍ଦ୍ର କୁମାର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଚାରିଛକ ପ୍ରେସ୍‌କ୍ଲବ୍‌ର ବନ୍ଧୁମିଳନ

**ଚାରିଛକ,୬/୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଂଚାୟତ ଆମ୍ଭୋରସ୍ଥିତ ବାବା ହରିଶଙ୍କର ମହାଦେବଙ୍କ ପୀଠରେ ଆଜି ଚାରିଛକ ପ୍ରେସ କ୍ଲବ ତରଫରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କ୍ଲବର ଉପଦେଷ୍ଟା ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳେଇ, କାହ୍ନୁ ଚରଣ ବେହେରା, ପଣ୍ଡିତ ମୁରଲୀଧର ଭାରତୀ, ଅଧିନ ପାତ୍ର, ବନ ବିହାରୀ ଦାଶ, ଆଇନ୍‌ଜୀବୀ ରଜନୀକାନ୍ତ ତ୍ରିପାଠୀ, ଶିକ୍ଷାବିତ୍ ଶରତ କୁମାର ସେନାପତି, ବରିଷ୍ଠ ସାମ୍ବାଦିକ ମାନସ କୁମାର ଦାସ, ସ୍ତମ୍ଭକାର ସନ୍ତୋଷ ଦାଶ, ସଂପାଦକ ଡଃ କେଦାରନାଥ ସାହୁ, ସହ-ସଂପାଦକ ସନ୍ତୋଷ ଦାସ, ସହ-ସଂପାଦକ ସୁବାସ ଚନ୍ଦ୍ର ସାହୁ, ସଂଗଠନ ସଂପାଦକ ବିଜୟ କୁମାର ବେହେରା, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ରାଜେଶ କୁମାର ଲେଙ୍କା, ବସନ୍ତ କୁମାର ମଲ୍ଲ, ଅଚ୍ୟୁତାନନ୍ଦ ମିଶ୍ର, ପ୍ରଶାନ୍ତ ସାହୁ, ଦେବାଶିଷ ନାୟକ, ବିନୋଦ କୁମାର ପ୍ରଧାନ, ରଣଜିତ କାଣ୍ଡି, ପଙ୍କଜ କୁମାର ସ୍ୱାଇଁ, ଗଦାଧର ସେଠ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକମାନେ ସବୁବେଳେ ନିର୍ଭିକ ଭାବେ ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ କରିବା ସହିତ କଲମ ମୁନକୁ ମଜଭୁତ କରିବାକୁ ସାମ୍ବାଦିକ ମାନସ ଦାସ ପରାମର୍ଶ ଦେଇଥିଲେ।

## ବୋଲଗଡ଼ ମଣ୍ଡଳ ପକ୍ଷରୁ ବିଜେପିର ସ୍ଥାପନା ଦିବସ



**ବୋଲଗଡ଼,୬/୪/ଏନ୍ଏନ୍ଏସ୍:** ବୋଲଗଡ଼ ମଣ୍ଡଳ ତଥା ୨୫ନଂ ଜୋନ ପକ୍ଷରୁ ୪୭ତମ ବିଜେପି ସ୍ଥାପନ ଦିବସ ସ୍ଥାନୀୟ ଭୁଇଁଆଣି ପୀଠ ଠାରେ ସୋମବାର ପାଳନ କରାଯାଇଛି। ଏହି ଅବସରରେ ଆୟୋଜକ ବୋଲଗଡ଼ ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବୋଲଗଡ଼ ମଣ୍ଡଳ ସଭାପତି ଦୀପନ କୁମାର ବିଶ୍ୱାଳ ଯୋଗଦେଇ ସ୍ଥାପନ ଦିବସ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରାରମ୍ଭରେ ହିନ୍ଦୁ ଏକତାକୁ ପ୍ରାଥମିକତା ଦେଇ ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଦୀନ ଦୟାଲ ଉପାଧ୍ୟାୟ ମିଳିତ ଭାବେ ଏହି ସଂଘକୁ ଗଠନ କରିଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଏହା ଭାରତୀୟ ଜନତା ପାର୍ଟି ରୂପେ ସାରା ଦେଶରେ ଏକ ମହାଦ୍ରୁମ ବୃକ୍ଷ ଭାବେ ଉଭା ହୋଇଛି। ଏହି ସ୍ଥାପନ ଦିବସରେ ପ୍ରାକ୍ତନ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା ଯୋଗଦେଇ ଦଳ ସ୍ଥାପନର ଆଭିମୁଖ୍ୟ ଓ ଏହାର ଦୃଢ଼ ନେତୃତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ ଓ ଆଜିର ଦିନରେ ଏହା ଲୋକଙ୍କ ସରକାରରେ ପରିଣତ ହୋଇ ଲୋକଙ୍କ ଦ୍ରୁତ ସାମାଜିକ ବିକାଶ ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ପ୍ରମୋଦ କୁମାର ପ୍ରଧାନ, ନକୁଳ ରାଉତରାୟ, ପିଙ୍କଲ ମୁଦୁଲି, ଭଗିରଥି ମାର୍ଥା, ମାଧବ ସେଠୀ,ବ୍ରଜ ବନ୍ଧୁ ସାହୁ, ପବିତ୍ର ସିଂହ, ପୂର୍ଣ୍ଣଚନ୍ଦ୍ର ସିଂହ ଓ କେଦାରନାଥ ପାଟ୍ଟଶାଣୀ ପ୍ରମୁଖ ଯୋଗଦେଇ ଦଳର ସ୍ଥାପନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ମାନେ ଭାରତମାତାର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ଶେଷରେ ବରିଷ୍ଠ ଯୁବ ସଦସ୍ୟ ରାଜେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ସଂଘର୍ଷ ମଞ୍ଚ ଶାଖାର ବୈଠକ

**ଅସ୍ତରଙ୍ଗ,୬/୪/ଏନ୍ଏନ୍ଏସ୍:** ପବିତ୍ର ପୀଠ ଦେଉଳି ମଠ ପରିସରରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ଭୁବନେଶ୍ୱରର ଅଧ୍ୟକ୍ଷ ଇଂ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଦୁର୍ନୀତି ସଂଘର୍ଷ ମଞ୍ଚ କାକଟପୁର ଶାଖାର ତ୍ରିମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରୁ କାକଟପୁର ଶାଖା ମଞ୍ଚର ସଭାପତି କୈଳାଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଲକ୍ଷ୍ମୀଧର ସେଠ୍ ମଞ୍ଚର କାର୍ଯ୍ୟଶୈଳୀ କିପରି ଅଧିକରୁ ଅଧିକ ହୋଇପାରିବ ପରାମର୍ଶ ଦେଇଥିଲେ। ପଣ୍ଡିତ ତ୍ରିଲୋଚନ ମିଶ୍ର (ବରିଷ୍ଠ ପରାମର୍ଶ ଦାତା)ମଧୁବାବୁଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତି କାକଟପୁର ବ୍ଲକ ଅଫିସ ଆଗରେ ଓ ସର୍ବସାଧାରଣ ଜଗାରେ ସ୍ଥାପିତ କରାଗଲେ ବର୍ତ୍ତମାନର ଯୁବପିଢ଼ିଙ୍କୁ ଦେଶ ମାତୃକାର ସମର୍ପଣ ଭାବରେ ହୃଦ୍‌ବୋଧ କରିବ ବୋଲି ମନ୍ତବ୍ୟ ଦେଇଥିଲେ। ମଞ୍ଚ ଉପ ସଭାପତି ସାଧୁଚରଣ ବିଶ୍ୱାଳ, ନିମାପଡା କାକଟପୁର ଓ କୋଣାର୍କରୁ କାକଟପୁର ରାସ୍ତାକୁ ପ୍ରସସ୍ତିକରଣ କରିବା ପାଇଁ ବରିଷ୍ଠ ପରାମର୍ଶଦାତା ରାଜକିଶୋର ଆଚାର୍ଯ୍ୟ କହିଥିଲେ। ମଞ୍ଚ ପକ୍ଷରୁ ୫ଟି ଦାବି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଚରଣ ସ୍ୱାଇଁ, ପ୍ରସନ୍ନ ଘଡ଼େଇ, ରାଜକିଶୋର ପ୍ରଧାନ, ବିଜୟ ବରାଳ, ବୁନ୍ଦେଶ୍ୱର ବେହେରା, ଭ୍ରମରବର ସେଠ୍, ରଜନୀ ରଞ୍ଜନ ମଲ୍ଲିକ, ଆଦିତ୍ୟ ରାଉତ, କାଳିପ୍ରସାଦ ସ୍ୱାଇଁ, ସନ୍ତୋଷ ସ୍ୱାଇଁ ବରିଷ୍ଠ ସଭ୍ୟମାନେ ଯୋଗଦେଇଥିଲେ।

## ସେଣ୍ଟ୍ ଜୋସେଫ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ




**ମାହାଙ୍ଗା,୬/୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଣସପୁର ପଂଚାୟତ ସ୍ଥିତ ଅକରପଡା ଠାରେ ସେଣ୍ଟ ଜୋସେଫ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଭାଇସ ଚାନସେଲର କୁମାରବର ଦାସ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଅଧ୍ୟାପକ ସୁରେଶ ବାରିକ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ମଲିକ, ବାଲିଚନ୍ଦ୍ରପୁର ସିଆରସିସି ଏକାଦଶୀ ମଲିକ, ସାମ୍ବାଦିକ ପ୍ରତାପ ଚନ୍ଦ୍ର ଦାସ, ସଂପାଦିକା ପ୍ରେମଲତା ମଲିକ, ପ୍ରିନ୍ସିପାଲ ପ୍ରତାପ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନରେ ଶହ ଶହ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି ହୋଇ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିଛନ୍ତି। ତେଣୁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଭଲ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେବା ସହ ବାର୍ଷିକ ଉତ୍ସବର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଅଜୟ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, କଶିଷ ପଣ୍ଡା ଓ ସୁପ୍ରଭା ମିଶ୍ର ବିବରଣୀ ପାଠ କରିଥିବା ବେଳେ ସମିମ ଅକତର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉମେଶ ମଲିକ, ପ୍ରତାପ ସିଂ, ସଂଗ୍ରାମ କେଶରୀ ବେହେରା, ସୁବାଷ ମଲିକ, ମିହିର ସାମଲ, ପ୍ରମୋଦ ଦାସ, ବିପ୍ଳବ ଓଝା, ଦିନେଶ ରଞ୍ଜନ ରାଉତ, ସରୋଜିନୀ ଦାସ, କଳ୍ପନା ବିଶ୍ୱାଳ, ଭାସ୍କର ସାହୁ, ଶୁଭେନ୍ଦୁ ମଲିକ, ଶ୍ରୀମାନ ଅମିତ କୁମାରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଅସ୍ତରଙ୍ଗ,୬/୪/ଏନ୍ଏନ୍ଏସ୍:** ଅସ୍ତରଙ୍ଗ, କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ବିଦ୍ୟାଳୟ ରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପାଟସୁନ୍ଦରପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦାଶ ଆନୁଷ୍ଠାନିକ ଭାବେ ଶିଶୁବାଟିକା-୩ ଶ୍ରେଣୀକୁ ଉଦଘାଟନ କରିବା ସହିତ ନୂତନ ଭାବେ ଶିଶୁ ବାଟିକା-୩ ଓ ପ୍ରଥମ ଶ୍ରେଣୀରେ ଯୋଗଦେଇଥିବା ଶିଶୁମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରିଶ୍ ଚନ୍ଦ୍ର ଦଳାଇ ଏହି ପିଲାଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି କମିଟିର ସଭାନେତ୍ରୀ ଶକିନା କାଣ୍ଡି ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଚନ୍ଦନ ଓ ତିଳକ ଲଗାଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ନୂତନ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ପିଲାମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କ ପ୍ରବେଶ ଉତ୍ସବ ସମ୍ପର୍କିତ ବାର୍ତ୍ତାକୁ ପଢ଼ି ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଚାରିଦିନ ଧରି ଚାଲିବ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ଅଭିଭାବକଙ୍କୁ ନେଇ ନାମଲେଖା ଅଭିଯାନ ତଥା ଶିକ୍ଷା ସଚେତନତା ରଥ ଗ୍ରାମ ପରିକ୍ରମା କରିବ ବୋଲି ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷକ ଦିଲ୍ଲୀପ କୁମାର କାଣ୍ଡି ପରିଚାଳନା କରିବା ସହିତ ଅନ୍ୟାନ୍ୟ ପରିଚାଳନା କମିଟି ସଭ୍ୟ ସୁପ୍ରିୟା ସ୍ୱାଇଁ, କଲ୍ୟାଣୀ ଭୋଇ, ଅଙ୍ଗନବାଡ଼ି କର୍ମୀ ବୀଣାପାଣି ନାୟକ ଓ ମିଲିଲତା କାହାଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସଙ୍ଗସ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମାମିନା ବେହେରା, ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ସ୍ୱାଇଁ ଓ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ପିଏମଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



**ପୁରୀ,୬/୪/ଏନ୍ଏନ୍ଏସ୍:** ସାମଗ୍ରିକ ଶିକ୍ଷା ଓ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସଇପିଏ) ର ନିର୍ଦ୍ଦେଶକ୍ରମେ ପୁରୀସ୍ଥିତ ପିଏମଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ନୂତନ ଶିକ୍ଷାବର୍ଷ ପାଇଁ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷା ନୀତି ଅନୁଯାୟୀ ପ୍ରାଥମିକ ଶିକ୍ଷା ସହିତ 'ଶିଶୁ ବାଟିକା' ଶ୍ରେଣୀର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି ଯୋଗଦେଇ କୁନି କୁନି ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭଶ୍ରୀ ଦାଶଙ୍କ ସଭାପତିତ୍ୱ ଓ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଖଡିଛୁଆଁ ସହିତ ମିଷ୍ଟାନ୍ନ, ପୁଷ୍ପଗୁଚ୍ଛ ଓ ପାଠ୍ୟୋପକରଣ ଦେଇ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସଦସ୍ୟବୃନ୍ଦ ଏବଂ ଅଭିଭାବକମାନେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପାର୍ବତୀ ଦାଶ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରତାପ କୁମାର ସାହୁ, ରଶ୍ମିତା ଦାଶ ଓ ଟିକିନା ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଶ୍ରୀରାମ ନବମୀ ଯାତ୍ରାର ଶେଷ ସନ୍ଧ୍ୟାରେ ରାଜ୍ୟାଭିଷେକ ବେଶରେ ଶ୍ରୀଜିଉ



**ଓଡ଼ଗାଁ,୬/୪/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ଶ୍ରୀରାମନବମୀ ଯାତ୍ରାର ଅନ୍ତିମ ସଂଧ୍ୟା ବେଶ ଦେଖିବାକୁ ଆଜି ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ରାବଣ ନିଧନ ସହିତ ୧୪ ବର୍ଷର ବନବାସସାରି ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବାପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା। ରାଜ୍ୟାଭିଷେକ ବେଶ ଦର୍ଶନପାଇଁ ଲାଗିରହିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଅଯୋଧ୍ୟାର ପ୍ରଜାଙ୍କର ଉତ୍ସାହର ମୁହୂର୍ତ୍ତର ଭ୍ରମ ସୃଷ୍ଟି କରୁଥିଲା। ରତ୍ନବେଦୀରେ ଶାନ୍ତକାନ୍ତ ନବଦୁର୍ବାଦଳ ରୂପକାନ୍ତି ପ୍ରଭୁ ଶ୍ରୀରାମଙ୍କ ସହିତ ଜଗତ ଜନନୀ ମା' ସୀତା ବସିଥିବାବେଳେ ପଶ୍ଚାତରେ ଲକ୍ଷ୍ମଣ ଛତ୍ରଧରି ରହିଥିବା, ଭରତ ଚାମର ଦେଉଥିବା, ଶତ୍ରୁଘ୍ନ ଆଲଟ ପକାଉଥିବା, ହନୁମାନ ପାଦପଦ୍ମରେ ଆଣ୍ଠୁମାଡି ପ୍ରଣାମ କରୁଥିବାର ଦୃଶ୍ୟ ଏବଂ ବିଭୀଷଣ, ସୁଗ୍ରୀବ, ନଳ, ନୀଳ, ଅଙ୍ଗଦ, ସୁଷେଣ, ଜାମ୍ବବାନଙ୍କ ସମେତ ଇନ୍ଦ୍ର, ବ୍ରହ୍ମା, ଶିବ ଓ କୁଳଗୁରୁ ବଶିଷ୍ଠଙ୍କ ଉପସ୍ଥିତିର ଦୃଶ୍ୟ ଅଯୋଧ୍ୟାର ରାଜସିଂହାସନର ପ୍ରତୀୟମାନ ହେଉଥିଲା। ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ବିଜୟଥିଲା ଉତ୍ସବର ମୁଖ୍ୟ ବୈଶିଷ୍ଟ୍ୟ। ଆଜିର ପାଳିଆପଣ୍ଡା, ମନ୍ଦିର ପରିଚ୍ଛା, ସୁଆର ପରିଷଦ, ଦେବୋତ୍ତର ବିଭାଗ ଅଧିକାରୀ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଓଡ଼ଗାଁର ସମସ୍ତ ପ୍ରଶାସନିକ ଅଧିକାରୀ ଓ ଆଦର୍ଶ ଥାନା ପୁଲିସ ବାହିନୀ ଦୈନନ୍ଦିନ ଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମେଘପବନ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଆସନ୍ତାକାଲି ମଙ୍ଗଳବାର ଶ୍ରୀଜିଉଙ୍କ ପାଣିଖେଳ ଅନୁଷ୍ଠିତ ହେବବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି।

**ନିତି ଭାରତୀ** | ନିଃସ୍ୱାର୍ଥପର ସେବା ପ୍ରଦାନ କରିବାରେ ପୁରୁଷମାନେ କେବେହେଲେ ମହିଳାମାନଙ୍କ ସହିତ ସମାନ ହୋଇ ପାରିବେ ନାହିଁ, ଯାହା ସେମାନଙ୍କୁ ପ୍ରକୃତି ପ୍ରଦାନ କରିଛି। - ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ମଙ୍ଗଳବାର, ୭ ଏପ୍ରିଲ ୨୦୨୬

# ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ପରିବର୍ତ୍ତନ



ବିଦ୍ୟାଧର ମହାରଣା

ଆଗରୁ ଚିଠି ଖଣ୍ଡିଏ ପାଇବା ପାଇଁ ଡାକ ପିଅନକୁ ଅପେକ୍ଷା କରିବାକୁ ପଡୁଥିଲା। ଏହା ପରେ ଟେଲିଗ୍ରାଫ, ଟେଲିପ୍ରିଣ୍ଟର ଓ ଟେଲିଫୋନ୍ ହେବା ପରେ ସାଧାରଣ ଯୋଗାଯୋଗ ତ୍ୱରାନ୍ୱିତ ହେଲା। ଇଣ୍ଟରନେଟ୍ ଆସିବା ପରେ ପୃଥିବୀର ଯେ କୌଣସି ସ୍ଥାନରୁ ମାତ୍ର କେତେ ସେକେଣ୍ଡରେ ଯୋଗାଯୋଗ ହୋଇ ପାରୁଛି। ଏହା କେବଳ ପ୍ରଯୁକ୍ତିବିଦ୍ୟା ଯୋଗେ ସମ୍ଭବ ହୋଇ ପାରୁଛି। ପ୍ରଯୁକ୍ତିବିଦ୍ୟା ସମାଜର ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି, ଯାହା ମଧ୍ୟରେ ସାମାଜିକ ଗଣମାଧ୍ୟମ ଏକ ମୁଖ୍ୟ ଭୂମିକା ଗ୍ରହଣ କରି ପାରିଛି।

ଆଜି ବିଶ୍ୱର ଏକ ମୁଖ୍ୟ ଆବଶ୍ୟକତା ହେଉଛି ପ୍ରଯୁକ୍ତିବିଦ୍ୟା। ଯୋଗାଯୋଗଠାରୁ ସମୟ ପରିଚାଳନା, ସ୍ୱାସ୍ଥ୍ୟ ଓ ଶିକ୍ଷା ପରିଚାଳନା ଏବଂ ନିର୍ମାଣ କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟାର ବିଶେଷ ଅବଦାନ ରହିଛି। ପ୍ରଯୁକ୍ତିବିଦ୍ୟା ଆମକୁ କାର୍ଯ୍ୟ କରିବା, ଶିକ୍ଷା କ୍ଷେତ୍ରକୁ ଯିବା, ବଜାରକୁ ଯିବା, ଚିକିତ୍ସାଳୟ ଯିବା, କ୍ରୀଡ଼ାରେ ଭାଗ ନେବା ଓ ସାମ୍ପ୍ରତିକୀ ଘଟଣାବଳୀ ସହିତ ପରିଚିତ ହେବାରେ ସାହାଯ୍ୟ କରେ। କମ୍ପ୍ୟୁଟର ମାଧ୍ୟମରେ ଆମେ ବହୁତ କିଛି ଶିକ୍ଷାଲାଭ କରି ପାରୁଛେ ଓ ଗୁଗଲ ମାଧ୍ୟମରେ ଆମେ ଦୈନନ୍ଦିନ ଘଟଣାବଳୀ ସହିତ ପରିଚିତ ହୋଇ ପାରୁଛନ୍ତି। ଛାତ୍ରମାନେ ଘରେ ବସି ସହଜରେ ଶିକ୍ଷାଲାଭ କରି ପାରୁଛନ୍ତି। ଆମର ସାମାଜିକ ଜୀବନରେ ପ୍ରଯୁକ୍ତିବିଦ୍ୟା ଯୋଗୁଁ ଯୋଗାଯୋଗ ପ୍ରକ୍ରିୟାରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ଘରେ ବସି ଆନ୍ତର୍ଜାତିକ ବ୍ୟବସାୟ କରିବାରେ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ କରୁଛି। ଉତ୍ପାଦନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଦ୍ୱାରା ମାନବିକ ଶ୍ରମର ଆବଶ୍ୟକତା କମିଯାଉଛି ଏବଂ ମେସିନ୍ ଦ୍ୱାରା ଉତ୍ପାଦନ ଅଧିକ ତ୍ୱରାନ୍ୱିତ ହେଉଛି। ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ତଥ୍ୟଗୁଡ଼ିକ ସହଜରେ ଓ ସୁବିଧାରେ ମିଳି ପାରୁଛି ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରମାନଙ୍କୁ ସୁବିଧାରେ ଶିକ୍ଷାଦାନ କରି ପାରୁଛନ୍ତି।

ପ୍ରଯୁକ୍ତିବିଦ୍ୟା ଏବଂ ସମାଜ ନିବିଡ଼ ଭାବରେ ପରସ୍ପର ସହିତ ଜଡ଼ିତ। ସମାଜର ବିକାଶ ପାଇଁ ପ୍ରାଚୀନ ଉପକରଣରୁ ଆଧୁନିକ କୃତ୍ରିମ ମେଧା ପର୍ଯ୍ୟନ୍ତ ସମସ୍ତ ପ୍ରଯୁକ୍ତିବିଦ୍ୟା ସାମାଜିକ ଆବଶ୍ୟକତା ସହିତ ନବସୃଜନକୁ ପ୍ରେରଣା ଦେଇଥାଏ। ଏହି ପରସ୍ପର ନିର୍ଭରଶୀଳ ସମ୍ପର୍କ ଯୋଗାଯୋଗ, ସ୍ୱାସ୍ଥ୍ୟସେବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରଭାବିତ କରେ। ପ୍ରଯୁକ୍ତିବିଦ୍ୟା ମଧ୍ୟ ସାମାଜିକ ସଂସ୍କୃତି ଓ ସାମାଜିକ ଗଠନକୁ ପ୍ରଭାବିତ କରେ। ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ନିର୍ଭରଶୀଳତା ସଂଚାର, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସହାୟକ ହୋଇପାରେ। ଏହା ଫଳରେ ଉନ୍ନତ ଯୋଗାଯୋଗ ଓ ଉତ୍ପାଦକତା ସୁଦୃଢ଼ ହୋଇଥାଏ।

ପ୍ରଯୁକ୍ତିବିଦ୍ୟାର ଉଭୟ ଭଲ ଓ ମନ୍ଦ ଦିଗ ରହିଛି। ପ୍ରଯୁକ୍ତିବିଦ୍ୟାର କେତେକ ସକାରାତ୍ମକ ଦିଗ ହେଉଛି ଚିକିତ୍ସା କ୍ଷେତ୍ରରେ, ଶିକ୍ଷା କ୍ଷେତ୍ରରେ, କୃଷି କ୍ଷେତ୍ରରେ ଓ ବୈଶ୍ୱିକ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି। ଏହାଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ଓ ଚିରନ୍ତନ ବିକାଶ ପାଇଁ ସାଧନ ମିଳିଯାଏ। ଯୋଗାଯୋଗ କ୍ଷେତ୍ରରେ ଡିଜିଟାଲ ପ୍ଲାଟଫର୍ମ ଅପୂର୍ବ ସୁଯୋଗ ସୃଷ୍ଟି କରିବା ଯୋଗୁଁ ବ୍ୟକ୍ତିଗତ ଯୋଗାଯୋଗ ବିଶେଷ ଆବଶ୍ୟକ ହେଉନାହିଁ। ଏଣୁ ଆମର କାର୍ଯ୍ୟ ଦକ୍ଷତା ବହୁଗୁଣିତ ହୋଇ ପାରିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ରୋଗ ନିଦାନ ସଠିକ୍ ଓ ସହଜ ହେବା ଫଳରେ ମଣିଷ ଅଧିକ ଦିନ ବଞ୍ଚି ରହି ପାରିବ। ଆଜିକାଲି ରୋବୋଟିକ୍ ସର୍ଜରୀ ଦ୍ୱାରା ବହୁ ଜଟିଳ ରୋଗର ଚିକିତ୍ସା ହୋଇ ପାରୁଛି। ବିଶେଷଜ୍ଞ ଡାକ୍ତର ବହୁ ଦୂରରେ ରହି ମଧ୍ୟ ରୋବୋଟିକ୍ ଚିକିତ୍ସା କରି ପାରୁଛନ୍ତି। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନବସୃଜନ ଦ୍ୱାରା ମାନବିକ ମୂଲ୍ୟବୋଧ ଓ ସମାନତା ବିକାଶ ହୋଇ ପାରିବ। ଆଗାମୀ ଦଶନ୍ଧିରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ମାଧ୍ୟମରେ ବ୍ଲକ୍ ଚେନ୍, ମେଟାଭର୍ସ ଓ କୃତ୍ରିମ ବୁଦ୍ଧିମତ୍ତା ଅଧିକ ବିକଶିତ ହେବା ଆଶା କରାଯାଏ। ଏହାଦ୍ୱାରା ମଣିଷ କିପରି ବଞ୍ଚି ରହିଛି, କାର୍ଯ୍ୟ କରୁଛି ଓ ପରସ୍ପର ପ୍ରତିକ୍ରିୟା ପ୍ରକାଶ କରୁଛି, ସେ ବିଷୟରେ ଅଧିକ ତଥ୍ୟ ମିଳି ପାରିବ।

ପ୍ରଯୁକ୍ତିବିଦ୍ୟାଗୁଡ଼ିକର ସର୍ବଦା ସକାରାତ୍ମକ ଭୂମିକା ରହିବ ବୋଲି ଧରି ନିଆଯାଇ ପାରିବ ନାହିଁ। ଏହାର କେତେକ ନକାରାତ୍ମକ ପ୍ରଭାବ ମଧ୍ୟ ଦେଖା ଯାଇପାରେ। ସାମାଜିକ ନିଃସଙ୍ଗତା ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଗଭୀର ଭାବରେ ସମାଜରେ ଦେଖାଯିବା ନିଶ୍ଚିତ ମନେହୁଏ। କେତେକ କ୍ଷେତ୍ରରେ ସ୍ୱୟଂ କ୍ରିୟାତ୍ମକ ବିକାଶ ଯୋଗୁଁ କର୍ମଚାରୀ ଛଟେଇ ସମସ୍ୟାକୁ ଏଡ଼େଇ ଦିଆ ଯାଇ ନପାରେ। ସମାଜରେ ଡିଜିଟାଲ ବା ଅଙ୍କୀୟ ବିଭାଜନ ସୃଷ୍ଟି ହେବ। କାରଣ ସମାଜର ନିମ୍ନ ବର୍ଗର ବହୁ ଲୋକ ପ୍ରଯୁକ୍ତିବିଦ୍ୟା ସୁଯୋଗ ଲାଭ କରିବାରେ ଅସମର୍ଥ ହେବେ। ନୈତିକ ଦୃଷ୍ଟିରୁ ବିଚାର କଲେ କୃତ୍ରିମ ମେଧା ଓ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟକ୍ତିଗତ ଗୋପନୀୟତା, ସଂନୀରିକ୍ଷଣ ଓ ପକ୍ଷପାତିତା ସମ୍ବନ୍ଧରେ ନୈତିକ ପ୍ରହେଳିକା ସୃଷ୍ଟି କରିପାରେ। ପ୍ରଯୁକ୍ତିବିଦ୍ୟାର ଅତ୍ୟଧିକ ବ୍ୟବହାର ଫଳରେ ଆମେ ବିଶ୍ରାମ ନପାଇ ସର୍ବଦା ଚାପଗ୍ରସ୍ତ ଅବସ୍ଥାରେ ରହୁଥିବା ଦେଖାଯାଏ। ସର୍ବଦା କାର୍ଯ୍ୟରତ ମଣିଷକୁ କେବେ ବିଶ୍ରାମ ମିଳିବ ? ଦିବା ରାତ୍ରି ବ୍ୟସ୍ତତା ମଧ୍ୟରେ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯିବା ବିଚିତ୍ର ନୁହେଁ। ବହୁ ଲୋକ ଆଖି, ବେକ, ମେରୁଦଣ୍ଡ ଯନ୍ତ୍ରଣାରୁ ମୁକ୍ତି ପାଇଁ ଡାକ୍ତରଙ୍କ ଦ୍ୱାରସ୍ଥ ହେଉଛନ୍ତି। ସାମାଜିକ ନିଃସଙ୍ଗତା ଓ ସାଇବର ଠକାମି ଭୟ ସର୍ବଦା ମନକୁ ବିବ୍ରତ କରେ। କିଶୋର କିଶୋରୀମାନେ ମାନସିକ ଚାପରେ ବେଳେବେଳେ ବିପଥଗାମୀ ହୋଇ ପାରନ୍ତି। କେତେକ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେବାକୁ ଆଗଭର ହୋଇଥାନ୍ତି। ଆଭାସୀ କାର୍ଯ୍ୟକ୍ରମରେ ବହୁ ସମୟ ନିୟୋଜିତ ରହିଲେ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଏ। ସାମାଜିକ ଗଣମାଧ୍ୟମର ମିଥ୍ୟା ସମ୍ବାଦ ମନକୁ ଆନ୍ଦୋଳିତ କରେ। ସାଇବର ଚାପ ଯୋଗୁଁ ମନରେ ଉତ୍କଣ୍ଠା, ଉଦାସୀନତା ଓ ଅବସାଦ ଭାବ ସୃଷ୍ଟି ହୋଇଥାଏ, ଯାହା ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ବୟସ୍କ ବ୍ୟକ୍ତି ସହଜରେ ସାଇବର କ୍ରାଇମର ଶିକାର ହୁଅନ୍ତି ଓ ଡିଜିଟାଲ ଆରେଷ୍ଟ ହୋଇ ବହୁ ସମ୍ପତ୍ତି ହରାଇ ବସନ୍ତି। ଏହା ସହିତ ସାମାଜିକ ବିଚ୍ଛିନ୍ନତା ଆମକୁ ବିଚଳିତ କରେ। କୃତ୍ରିମ ମେଧାର ବ୍ୟବହାର ବହୁ ଯୁବକ ଯୁବତୀଙ୍କୁ କର୍ମକ୍ଷେତ୍ରରୁ ବିସ୍ଥାପନ କରିଥାଏ। ସମାଜ ଡିଜିଟାଲ ସାକ୍ଷର ଓ ଅସାକ୍ଷର ଭାବରେ ବିଭାଜିତ ହେବାଦ୍ୱାରା ବହୁ ଦୁର୍ବଳ ଶ୍ରେଣୀ ଏଥିରୁ ବାଦ୍ ପାଇ ଥାଆନ୍ତି। ବେଳେ ବେଳେ କୃତ୍ରିମ ମେଧା ଏବଂ ନୂତନ ପ୍ରଯୁକ୍ତିର ବିକାଶ ବ୍ୟକ୍ତିଗତ ଗୋପନୀୟତା, ପର୍ଯ୍ୟବେକ୍ଷଣ ପକ୍ଷପାତ ସମ୍ପର୍କରେ ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରେ।




ଆଜିର ଦୁନିଆରେ ପ୍ରଯୁକ୍ତିବିଦ୍ୟା ଏକ ଉପାଦେୟ ଉପାଦାନ ହିସାବରେ ପରିଗଣିତ। ଯୋଗାଯୋଗଠାରୁ ଆରମ୍ଭ କରି ମ୍ୟାନୁଫାକ୍ଚରିଂ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ କୃଷି କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା ପ୍ରଯୁକ୍ତିବିଦ୍ୟା ଆମ ଜୀବନରେ ବହୁଳ ଭାବରେ ପ୍ରଭାବ ବିସ୍ତାର କରି ସାରିଲାଣି ଏବଂ ଏହାକୁ କେବେ ବି ଅଣଦେଖା କରିହେବ ନାହିଁ। ଆଗାମୀ ଦଶନ୍ଧିରେ ବ୍ଲକ୍‌ଚେନ୍, ମେଟାଭର୍ସ ଏବଂ ଏଆଇ ଭଳି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମାଜରେ ଗଭୀର ପରିବର୍ତ୍ତନ ଆଣିବାର ଆଶା କରାଯାଉଛି, ଯାହା ମଣିଷ କିପରି ବଞ୍ଚିଥାଏ, କାମ କରେ ଏବଂ ପରସ୍ପର ସହିତ ପାରସ୍ପରିକ କ୍ରିୟା କରିଥାଏ, ତାହାର ସମସ୍ତ ତଥ୍ୟ ଲୋକଲୋଚନକୁ ଆଣି ପାରିବ।

ତେବେ ପ୍ରଯୁକ୍ତିବିଦ୍ୟାର ଅତ୍ୟଧିକ ବ୍ୟବହାର ପରିବର୍ତ୍ତେ ସନ୍ତୁଳିତ ବ୍ୟବହାର ଆବଶ୍ୟକ ମନେହୁଏ। ପ୍ରଯୁକ୍ତିବିଦ୍ୟାଗୁଡ଼ିକର ସନ୍ତୁଳିତ ବ୍ୟବହାର ପାଇଁ କେତେକ ଚମତ୍କାର ସାଧନ ରହିଛି। ଆମକୁ ଆମର ଆକାଉଣ୍ଟ୍ ଖାଲି କରିବାର କିମ୍ବା କମ୍ପ୍ୟୁଟର୍ ଫୋପାଡ଼ି ଦେବାର ଆବଶ୍ୟକତା ପଡ଼ିବ ନାହିଁ। ମୋବାଇଲ ଫୋନ ନିଜର ଶୋଇଲା ଘର ବାହାରେ ଚାର୍ଜ କରିବା ଆବଶ୍ୟକ, ଯାହାଦ୍ୱାରା ଆମକୁ ସକାଳୁ ଶଯ୍ୟାତ୍ୟାଗ ପରେ ସର୍ବପ୍ରଥମେ ମୋବାଇଲ ଦେଖିବାକୁ ପଡ଼ିବ ନାହିଁ। ସେହିପରି କମ୍ପ୍ୟୁଟର, ଟିଭି ଓ ଟାବଲେଟ ପାଇଁ ସମୟ ସୀମା ଧାର୍ଯ୍ୟ କରିବାକୁ ହେବ। ପ୍ରଯୁକ୍ତିବିଦ୍ୟା କେବେ ବି ସମ୍ପୂର୍ଣ୍ଣ ରୂପେ ଭଲ କିମ୍ବା ମନ୍ଦ ହୋଇ ନପାରେ। ଏହାର ମୂଲ୍ୟ ନିର୍ଭର କରେ ଏଗୁଡ଼ିକର ବ୍ୟବହାର ସମୟ ଓ ପରିସର ଉପରେ। ବୈଜ୍ଞାନିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିନିଯୋଗ କଲେ ଏହାର ନକାରାତ୍ମକ ପ୍ରଭାବ ଶରୀର ଓ ମନ ଉପରେ ପଡ଼େ। ଅତ୍ୟଧିକ କମ୍ପ୍ୟୁଟର ସ୍କ୍ରିନ୍ ଉପରେ ସମୟ ଅତିବାହିତ କରିବା ଦ୍ୱାରା ଶରୀର ଉପରେ କେତେକ ପ୍ରଭାବ ପଡ଼ିଲେ ମଧ୍ୟ ଆମେ ବହୁତ ନୂତନ ସମ୍ବାଦ ସହିତ ପରିଚିତ ହୋଇ ପାରିବା। ଅଧିକ ସମୟ ମୋବାଇଲ ବ୍ୟବହାର କରି ଗଣମାଧ୍ୟମ ବ୍ୟବହାର କରିବା ଦ୍ୱାରା ମାନସିକ ଅବସାଦ ଓ ଉଦାସ ଭାବ ମନରେ ସୃଷ୍ଟି ହୋଇପାରେ। ଏଣୁ ପ୍ରଯୁକ୍ତିବିଦ୍ୟାଗୁଡ଼ିକର ସକାରାତ୍ମକ ଦିଗ ପ୍ରତି ଆମେ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି। କିଶୋର କିଶୋରୀମାନେ ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରହିବା ଭଲ। ଅଷ୍ଟ୍ରେଲିଆ ସରକାର ୧୪ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ମନା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମ ସରକାର ଏହା ଉପରେ ଗଭୀର ଭାବରେ ବିଚାର କରିବାର ସମୟ ଉପନୀତ ହେଲାଣି।

କଳିଙ୍ଗନଗର, ୭/୪୫୨
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦
bidyadhar.m@gmail.com

# ମା' ମଙ୍ଗଳାଙ୍କ ଅନନ୍ୟ ଝାମୁଯାତ୍ରା



ସନ୍ତୋଷ କୁମାର ଦାଶ

ଚୈତ୍ର ମାସରେ ରାଜ୍ୟର ବିଭିନ୍ନ ଶକ୍ତି ପୀଠମାନଙ୍କରେ ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ବିଭିନ୍ନ ଶକ୍ତିପୀଠମାନଙ୍କରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଅନୁଷ୍ଠିତ ହୋଇ ନଥାଏ। ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ମା'ଙ୍କ ମନ୍ଦିରରେ ଏକ ମାସ ବ୍ୟାପି ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚୈତ୍ର ମାସର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ମଙ୍ଗଳବାର ମନ୍ଦିରରେ ପାଳିଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚମ ଅଥବା (ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ପ୍ରସିଦ୍ଧ ଅନନ୍ୟ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ମଙ୍ଗଳବାର ଦିନ ମନ୍ଦିରରେ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତି ମଙ୍ଗଳବାର ଦିନ ଘଣ୍ଟପାଟୁଆମାନେ ନିଜ ନିଜ ଘଟ କଳସ ଧରି ପହଞ୍ଚି ଯାଆନ୍ତି ମା' ମଙ୍ଗଳାଙ୍କ ମନ୍ଦିରରେ। ମନ୍ଦିର ସିଂହଦ୍ୱାର ସମ୍ମୁଖରେ ନିଜକୁ ଅର୍ଦ୍ଧନାରୀଶ୍ୱର ବେଶରେ ସଜ୍ଜିତ କରିଥାନ୍ତି। ସମସ୍ତ ପାଟୁଆ ଏକ ବିରାଟ ଶୋଭାଯାତ୍ରାରେ ପ୍ରାଚୀ ନଦୀର ଘଣ୍ଟ ତୋଳା ତୁଠକୁ ଯାଇ ପାଣି ତୋଳି ନିଜ ଘଟକୁ ସଜ୍ଜିତ କରି ମନ୍ଦିରକୁ ଫେରିଥାନ୍ତି। ଜଗତସିଂହପୁର ଅଞ୍ଚଳରୁ ଆସିଥିବା ପାଟୁଆମାନେ ମନ୍ଦିର ଭିତରେ ପ୍ରବେଶ କରି ମା'ଙ୍କୁ ସ୍ତୁତି କରନ୍ତି। ମା'ଙ୍କ ପୂଜାପଣ୍ଡା ତାଙ୍କୁ ଆଜ୍ଞାମାଳ ପ୍ରଦାନ କରିବା ପରେ ସେମାନେ ଆସି ଘଟ କଳସକୁ ମୁଣ୍ଡରେ ମୁଣ୍ଡାଇ ମନ୍ଦିର ସମ୍ମୁଖରେ ବେଢ଼ାରେ ନୃତ୍ୟ କରିଥାନ୍ତି। ଅପର ପକ୍ଷରେ, ସ୍ଥାନୀୟ ଅଞ୍ଚଳର ଭୋଇ ପାଟୁଆମାନେ ପ୍ରାଚୀ ନଦୀରୁ ପାଣି ତୋଳି ଆସି ସିଂହଦ୍ୱାର ସମ୍ମୁଖରେ ଛିଡ଼ା ହୋଇଥାନ୍ତି। ପାଳିଆ ପଣ୍ଡା ସେବକ ସେମାନଙ୍କୁ ମା'ଙ୍କ ଲାଗି ଆଜ୍ଞାମାଳ ପ୍ରଦାନ କରିବା ପରେ ସମସ୍ତେ ସିଂହଦ୍ୱାର ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିଥାନ୍ତି। ପ୍ରଥମରୁ ଚାରି ପାଳି ସମସ୍ତ ମଙ୍ଗଳବାର ଦିନ ପାଟୁଆ ନୃତ୍ୟ ପରିବେଷଣ ହୋଇଥାଏ। ଚୈତ୍ର ମାସ ପଞ୍ଚମ ଅବା ବୈଶାଖ ମାସ ପ୍ରଥମ ମଙ୍ଗଳବାର ଦିନ ପାଟୁଆମାନେ ମନ୍ଦିର ସମ୍ମୁଖରେ ନିର୍ମିତ ରଢ଼ ନିଆଁପୂର୍ଣ୍ଣ ଗର୍ତ୍ତ ମଧ୍ୟରେ ଖାଲି ପାଦରେ ମୁଣ୍ଡରେ ଘଟ କଳସ ମୁଣ୍ଡାଇ ଚାଲିଥାନ୍ତି। ଏହାକୁ ହିଁ ଝାମୁଯାତ୍ରା କୁହା ଯାଇଥାଏ। ଅପର ପକ୍ଷରେ, ମା'ଙ୍କ ଜନୈକ ଖମାରେଇ ସେବକଙ୍କ ଦ୍ୱାରା ତୃତୀୟ, ଚତୁର୍ଥ ଓ ପଞ୍ଚମ ମଙ୍ଗଳବାର ବିଳମ୍ବିତ ରାତିରେ କାଳୀକା ନୃତ୍ୟ ପରିବେଷଣ କରାଯାଇଥାଏ। ମା' ମଙ୍ଗଳାଙ୍କ ଝାମୁଯାତ୍ରା ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ପାଳନ ନ ହୋଇ ଚୈତ୍ର ମାସ ପଞ୍ଚମ ଅବା ବୈଶାଖ ମାସ ପ୍ରଥମ ମଙ୍ଗଳବାର ଦିନ ପାଳନ ହେବା ସମ୍ପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି।

ଯଯାତି କେଶରୀ ଯେଉଁ ସମୟରେ ରାଜା ଥିଲେ, ସେହି ସମୟର ଘଟଣା। ସେ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ସୁବର୍ଣ୍ଣପୁରଠାରେ ପାତାଳୀ ହୋଇଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମାଟି ତଳୁ ଉଦ୍ଧାର କରିବା ପରେ ଶ୍ରୀଜିଉମାନଙ୍କର ନବକଳେବରର ଆବଶ୍ୟକ ପଡ଼ିଥିଲା। ଶ୍ରୀଜିଉମାନଙ୍କ ନବକଳେବର ଉତ୍ସବ ପାଳନରେ ମା' ମଙ୍ଗଳାଙ୍କର ରହିଛି ସ୍ୱତନ୍ତ୍ର ଭୂମିକା। କେଉଁ ମହାଦାରୁରେ ଶ୍ରୀଜିଉମାନଙ୍କ ବିଗ୍ରହ ନିର୍ମାଣ ହେବ, ତାହା ଦଇତାପତି ସେବକମାନଙ୍କୁ ମା' ମଙ୍ଗଳା ସ୍ୱପ୍ନରେ ବତାଇ ଦେଇଥାନ୍ତି। ଏଣୁ ନବକଳେବର ଉତ୍ସବ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତ ହୋଇଥିଲେ। ସେହି ସମୟରେ ରାଜାଙ୍କୁ ଖବର ମିଳିଲା କି ମା' ମଙ୍ଗଳା ଦେଉଳି ମଠ ( ମା' ମଙ୍ଗଳାଙ୍କ ପ୍ରଥମ ପୂଜା ପାଉଥିବା ସ୍ଥାନ)ରେ ନାହାନ୍ତି। କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି। କ'ଣ କରାଯିବ ? ମା' ମଙ୍ଗଳାଙ୍କ ବିନା ଶ୍ରୀଜିଉମାନଙ୍କ ନବକଳେବର ଉତ୍ସବ ପାଳନ ହେବ କିପରି ? କିଏ ବତାଇ ଦେବ ମହାଦାରୁମାନଙ୍କ ଠିକଣା ? ଚିନ୍ତାରେ ପଡ଼ିଲେ ରାଜା! ରାଜ ପରିଷଦ ବୈଠକ ଡକାଗଲା। ଏ ବିଷୟରେ ସବୁ ପ୍ରକାରର ଆଲୋଚନା ହେଲା। ନିଷ୍ପତ୍ତି ନିଆ ଯାଇଥିଲା ଯେ ସେ ସମୟରେ ପୁରୀ ଶ୍ରୀକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ତାନ୍ତ୍ରିକ ହଟ ଦୀକ୍ଷିତ ଓ ବଟ ଦୀକ୍ଷିତ- ଦୁଇ ଭାଇଙ୍କୁ ମା' ମଙ୍ଗଳାଙ୍କ ସନ୍ଧାନର ଦାୟିତ୍ୱ ଦିଆଯିବ। ସେମାନେ ତୁରନ୍ତ କାକଟପୁର ଯାଇ ମା' ମଙ୍ଗଳାଙ୍କୁ ଠାବ କରିବାକୁ ରାଜା ନିର୍ଦ୍ଦେଶ ଦେଇଥିଲେ। ଏହି ତାନ୍ତ୍ରିକ ଦୁଇ ଭାଇ ହଟ ଦୀକ୍ଷିତ ଓ ବଟ ଦୀକ୍ଷିତ କାକଟପୁର ଆସି ପ୍ରାଚୀ ନଦୀ କୂଳ (ବର୍ତ୍ତମାନର ଘଣ୍ଟ ତୋଳା ତୁଠ, ଯେଉଁ ସ୍ଥାନରୁ ଘଣ୍ଟପାଟୁଆ କାଳେସୀ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ପାଣି ତୋଳି ଘଟ କଳସ ପୂଜା କରିଥାନ୍ତି)ରେ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଦିନ ଯଜ୍ଞ ଆରମ୍ଭ କରିଥିଲେ।

ଯଜ୍ଞ ଚାଲିଥାଏ। ଦୁଇ ଭାଇ ମା' ମଙ୍ଗଳାଙ୍କୁ ସ୍ତୁତି କରି ଚାଲିଥାନ୍ତି। ଏହିପରି ୪ ମଙ୍ଗଳବାର ଗତ ହୋଇଗଲା, କିନ୍ତୁ ମା' ମଙ୍ଗଳାଙ୍କ ସମ୍ପର୍କରେ କିଛି ବି ଜଣା ପଡ଼ିଲାନି। ସେ ବନ୍ୟାରେ ପ୍ରାଚୀ ନଦୀର ପ୍ରଖର ସ୍ରୋତରେ କେଉଁଆଡ଼େ ଭାସି ଯାଇଛନ୍ତି ନା ତାଙ୍କୁ କେହି ଚୋରାଇ ନେଇଛି- କିଛି ନ ଜାଣି ପାରି ଚିନ୍ତିତ ହୋଇ ପଡ଼ିଲେ ଦୁଇ ତାନ୍ତ୍ରିକ ଭାଇ। ସେପଟେ ରାଜା ବାରମ୍ବାର ଆଦେଶ ଜାରି କରୁଥାନ୍ତି ତୁରନ୍ତ ମା' ମଙ୍ଗଳାଙ୍କୁ ଠାବ କରିବାକୁ। ସାରା ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଯେଉଁ ସୁନାମ ରହିଛି, ତାହା ମାଟିରେ ମିଶିଯିବ। ଏତେ ଜ୍ଞାନ, ପୂଜାପାଠ, ତନ୍ତ୍ର ସାଧନା କରି ମଧ୍ୟ ସେମାନେ ମା' ମଙ୍ଗଳାଙ୍କୁ ଠାବ କରିବାରେ ବିଫଳ ହୋଇଛନ୍ତି। ଏହି ଶୋଚନା କରି ଦୁଇ ତାନ୍ତ୍ରିକ ଭାଇ ଏକ ଚରମ ନିଷ୍ପତ୍ତି ନେଇଥିଲେ। ସେମାନଙ୍କର ମାନ, ସମ୍ମାନ, ଇଜ୍ଜତ, ସୁନାମ ମାଟିରେ ମିଶିବା ଆଗରୁ, ଲୋକମାନେ ତାଙ୍କ ଉପରୁ ବିଶ୍ୱାସ ହରାଇବା ପୂର୍ବରୁ ସେମାନେ ଯଜ୍ଞର



ଅଗ୍ନିକୁଣ୍ଡରେ ଆତ୍ମବିସର୍ଜନ ଦେବାକୁ ଉଭୟ ସ୍ଥିର କରି ପଞ୍ଚମ ମଙ୍ଗଳବାର ଦିନ ଆତ୍ମବିସର୍ଜନ କରିବାକୁ ଉଦ୍ୟତ ହୁଅନ୍ତେ ଦୈବୀବାଣୀ ହୋଇଥିଲା- 'ମୁଁ ଦେବୀ ସର୍ବମଙ୍ଗଳା କହୁଛି, ତୁମ ଦୁଇ ଭାଇଙ୍କ ଭକ୍ତି, ନିଷ୍ଠା ଓ ପୂଜାର୍ଚ୍ଚନାରେ ମୁଁ ସନ୍ତୁଷ୍ଟ ହୋଇଛି। ଯଜ୍ଞ କୁଣ୍ଡର କଳସରେ ଯେଉଁ ମନ୍ଦାର ଫୁଲ ମାଳ ଲାଗି ହୋଇଛି, ସେହି ମାଳ ନେଇ ମତେ ସ୍ମରଣ କରି ପ୍ରାଚୀ ନଦୀ ଜଳରେ ଭସାଇ ଦିଅ। ମନ୍ଦାର ଫୁଲ ମାଳଟି ଭାସି ଯାଇ ଯେଉଁଠି ଭଉଁରୀ କାଟିବ, ସେହିଠାରେ ବୁଡ଼ ପକାଇଲେ ମୋ ମୂର୍ତ୍ତିକୁ ପାଇବ। ତୁମେ ଦୁଇ ଭାଇ ଆଉ ତୁମ ଅନ୍ତେ ତୁମ ପର ପିଢ଼ି ମୋ ପୂଜାର୍ଚ୍ଚନା କରିବେ।'

ତାନ୍ତ୍ରିକ ଦୁଇ ଭାଇ ହଟ ଆଉ ବଟ ଦୈବୀ ବାଣୀ ଅନୁସାରେ ମନ୍ଦାର ଫୁଲ ମାଳ ନେଇ ପ୍ରାଚୀ ନଦୀ ସ୍ରୋତରେ ଭସାଇ ଥିଲେ। ଫୁଲ ମାଳ ପ୍ରାଚୀ ନଦୀର ଯେଉଁଠି ଅଟକି ଥିଲା, ସେଠାରେ ଦୁଇ ଭାଇ ବୁଡ଼ପକାଇ ମା ଙ୍କ କମନୀୟ ବିଶାଳ ମୂର୍ତ୍ତିଙ୍କୁ ଉଦ୍ଧାର କରି ଥିଲେ। ଏହି ଖବର ପାଇ ରାଜା ତାନ୍ତ୍ରିକ ଦୁଇ ଭାଇଙ୍କ ଉପରେ ଖୁସି ହୋଇ ତାଙ୍କୁ ବହୁତ ପୁରସ୍କାର ପ୍ରଦାନ କରିବା ସହିତ ମା'ଙ୍କ ପୂଜାର୍ଚ୍ଚନାର ଦାୟିତ୍ୱ ନ୍ୟସ୍ତ କରିଥିଲେ। ମା' ମଙ୍ଗଳାଙ୍କ ସେବା ପୂଜା ପାଇଁ ନିଶୁଳ୍କ ଜମିବାଡ଼ି ଖଞ୍ଜା କରି ଦେଇଥିଲେ। ମହାପ୍ରଭୁଙ୍କ ନବକଳେବର ଉତ୍ସବ ଯଥାବିଧି ପାଳିତ ହୋଇଥିଲା। ତଦନୁସାରେ ସେହି ଦିନଠାରୁ ଦୀକ୍ଷିତ ପୂଜକମାନେ ବଂଶାନୁକ୍ରମେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ପରେ ଭୋଦର ଗ୍ରାମର ରାୟ ଚୂଡ଼ାମଣି ଜମିଦାର ମା'ଙ୍କ ପାଇଁ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ଏହିସବୁ କାରଣରୁ ଚୈତ୍ର ମାସରେ ପ୍ରତି ମଙ୍ଗଳବାର ମା'ଙ୍କ ମନ୍ଦିରରେ ଚୈତ୍ର ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚୈତ୍ର ମାସର ପଞ୍ଚମ ମଙ୍ଗଳବାର ଅବା ବୈଶାଖ ମାସର ପ୍ରଥମ ମଙ୍ଗଳବାର ମା' ମଙ୍ଗଳାଙ୍କ ଆବିର୍ଭାବ ଦିବସ ଅବସରରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ରାଜ୍ୟର ବିଭିନ୍ନ ଦେବୀ ପୀଠଠାରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ କେବଳ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଦୋଳ ପୂର୍ଣ୍ଣିମା ପର ପଞ୍ଚମ ମଙ୍ଗଳବାର ଦିନ ପ୍ରସିଦ୍ଧ ଝାମୁଯାତ୍ରା ପାଳିତ ହୋଇ ଆସୁଛି। ଏଣୁ ଚୈତ୍ର ମାସରେ ମା' ମଙ୍ଗଳାଙ୍କ ମନ୍ଦିରରେ ଘଣ୍ଟପାଟୁଆଙ୍କ ନୃତ୍ୟ ପରିବେଷଣ, କାଳୀକା ନୃତ୍ୟ ଓ ଝାମୁ ଉତ୍ସବ ପାଳନ ଏକ ଅନନ୍ୟ ପରମ୍ପରା ଭାବେ ପାଳିତ ହୋଇ ଆସୁଛି କାହିଁ କେତେ ଯୁଗରୁ। ଜୟ ମା' ମଙ୍ଗଳା।

ତୁଳସୀପୁର, ପୁରୀ
ମୋ: ୯୪୩୯୩୬୧୮୮

# ରାଜ୍ୟମାନଙ୍କର ସଂସଦରେ ଆସନ

ଗତ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ବିବୃତି ପ୍ରଦାନ କରିଛନ୍ତି ଯେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ହୋଇଥିବା ଆଇନର କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ପଦକ୍ଷେପ ନେଉଛନ୍ତି ଏବଂ ସେହି ଅନୁସାରେ ରାଜ୍ୟମାନଙ୍କ ପାଇଁ ଲୋକସଭାରେ ଉପଲବ୍ଧ ଆସନଗୁଡ଼ିକର ଭାଗରେ କୌଣସି ପ୍ରକାରର ଅଦଳ ବଦଳ ନ କରି ଆସନ ସଂଖ୍ୟା ବଢ଼ାଇବାକୁ ଯୋଜନା କରୁଛନ୍ତି, ତାହା ଅବଶ୍ୟ ସ୍ୱାଗତଯୋଗ୍ୟ। ପ୍ରଧାନମନ୍ତ୍ରୀଙ୍କର ଏହି ବିବୃତି ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ନାରୀଶକ୍ତି ବନ୍ଦନ ଆଇନ ଉପରେ ଆଲୋଚନା କରିବା ସହିତ ଏହାର ଅଗ୍ରଗତି ନିମନ୍ତେ ସଂସଦର ଅଧିବେଶନ ବସିବା ପରିପ୍ରେକ୍ଷୀରେ ଆସିଛି, ଯାହା ରିପୋର୍ଟଗୁଡ଼ିକ ଅନୁସାରେ ପରିବର୍ତ୍ତନ ନିମନ୍ତେ ବୈଧାନିକ ସମର୍ଥନ ଯୋଗାଇବ। ଶ୍ରୀଯୁକ୍ତ ମୋଦୀଙ୍କ ବକ୍ତବ୍ୟ ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କ ମନରେ ବସା ବାନ୍ଧିଥିବା ଆଶଙ୍କାଟିକୁ ଦୂର କରିବାରେ ସକ୍ଷମ ହେବ, ଯେଉଁମାନେ ଭାବୁଥିଲେ ଯେ ସେମାନେ ଗତ ପାଞ୍ଚ ଦଶନ୍ଧି ସଫଳତାର ସହିତ କାର୍ଯ୍ୟକାରୀ କରି ଆସିଥିବା ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୋଗୁଁ ଦଣ୍ଡିତ ହେବାକୁ ଯାଉଛନ୍ତି ଏବଂ କେବଳ ଜନସଂଖ୍ୟା ଉପରେ ଆଧାର କରି କାର୍ଯ୍ୟକାରୀ କରାଯିବାକୁ ଯାଉଥିବା ଆସନ ସଂଖ୍ୟା ନିର୍ଦ୍ଧାରଣ ବା ଡିଲିମିଟେସନ୍ ପ୍ରକ୍ରିୟା ସଂସଦର ନିମ୍ନ ସଦନରେ ସେମାନଙ୍କର ଆସନ ସଂଖ୍ୟାକୁ ଅତ୍ୟଧିକ ପରିମାଣରେ କମାଇ ଦେବ।

ସଂସଦ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଜନ ପ୍ରତିନିଧିମାନଙ୍କର ସଂଖ୍ୟା ଯେବେ ନିର୍ଦ୍ଧାରଣ କରାଯାଇଥିଲା, ସେବେଠାରୁ ୟା ଭିତରେ ନଦୀରେ ଅନେକ ପାଣି ବହି ଗଲାଣି, ଅର୍ଥାତ୍ ଦେଶର ଜନସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇ ସାରିଲାଣି ; ବସ୍ତୁତଃ ବିଗତ କେତେ ଦଶନ୍ଧି ଭିତରେ ଦେଶ ଜନସଂଖ୍ୟା ବିସ୍ଫୋରଣକୁ ପରିଲକ୍ଷିତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏସବୁ ସଦନରେ ଜନ ପ୍ରତିନିଧିଙ୍କ ସଂଖ୍ୟା ବଢ଼ାଇବା କାର୍ଯ୍ୟ ଦୀର୍ଘ ଦିନ ଧରି ବକେୟା ପଡ଼ି ରହିଛି। ୧୯୫୧ରେ ଦେଶର ଲୋକସଭା ମାତ୍ର ୩୬ କୋଟି ଜନସଂଖ୍ୟାଙ୍କ ପାଇଁ ୪୮୯ଟି ଆସନ ସହିତ ଆରମ୍ଭ ହୋଇଥିଲା। ୧୯୭୩ରେ ଯେତେବେଳେ ଜନସଂଖ୍ୟା ୫୯ କୋଟିରେ ପହଞ୍ଚିଲା, ସେହି ସମୟରେ ସମ୍ବିଧାନର ୩୧ତମ ସଂଶୋଧନର ଏକ ଅଂଶ ଭାବରେ ବର୍ତ୍ତମାନର ୫୪୫ଟି ଆସନ ସଂଖ୍ୟା ସ୍ଥିରୀକୃତ ହୋଇଥିଲା। ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୨ କୋଟି ବୋଲି ଅଟକଳ କରାଯାଉଛି। ଅତିରିକ୍ତ ଭାବରେ, ଆଧୁନିକ ଗଣତନ୍ତ୍ରଗୁଡ଼ିକ ମଧ୍ୟରେ ଏହାର ମୋଟ ଜନସଂଖ୍ୟା ପାଇଁ ବ୍ୟବସ୍ଥାପିକା ପ୍ରତିନିଧିତ୍ୱ ଦୃଷ୍ଟିରୁ ସର୍ବାଧିକ ଦୁର୍ବଳ ଅନୁପାତ ଯୋଗୁଁ ଭାରତ ଏକ ଦୁର୍ବଳ ରାଷ୍ଟ୍ର ଭାବରେ ପରିଗଣିତ ହେଉଛି। ଜନସଂଖ୍ୟାର ପ୍ରତିଫଳନ ଭାବରେ ଯାହା ବିବେଚିତ ହୋଇଥାଏ, ସେହି ଲୋକସଭାରେ ଆସନ ସଂଖ୍ୟା ବୃଦ୍ଧିକୁ କାର୍ଯ୍ୟକାରୀ କରାଯିବା ନିମନ୍ତେ ସବୁକିଛି ପ୍ରସ୍ତୁତ ହୋଇ ସାରିଥିବା ବେଳେ, ଏହା ରାଜନୀତିକ ପ୍ରତିବନ୍ଧକକୁ ସାମ୍ନା କରିଛି। ରାଜ୍ୟମାନଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଏକ ସାମ୍ବିଧାନିକ ସଂଶୋଧନ ରୂପରେ ଏକ ଆଶ୍ୱାସନା ପ୍ରଦାନ କରାଯାଇଥିଲା ଯେ ଜନସଂଖ୍ୟା ନିୟନ୍ତ୍ରଣକାରୀ ପଦକ୍ଷେପଗୁଡ଼ିକରେ ସକ୍ରିୟ ଅଂଶଗ୍ରହଣ ଏବଂ ଏହାର ପରିଣତି ସ୍ୱରୂପ ସ୍ୱଳ୍ପ ସଂଖ୍ୟକ ମୁଣ୍ଡ ଗଣନା ଆସନ୍ତା ୨୫ ବର୍ଷ ମଧ୍ୟରେ ସଂସଦର ନିମ୍ନ ସଦନରେ ସେମାନଙ୍କର ଆସନ ସଂଖ୍ୟାର ଭାଗ ଉପରେ କୌଣସି ପ୍ରକାରର ପ୍ରଭାବ ପକାଇବ ନାହିଁ। ଦକ୍ଷିଣ ଭାଗର ରାଜ୍ୟଗୁଡ଼ିକ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ବେଳେ ଦେଶର ଉତ୍ତର ଭାଗରେ ଅବସ୍ଥିତ ଅନେକ ସଂଖ୍ୟକ ରାଜ୍ୟ ତାହା କରିବାରେ ସମର୍ଥ ହୋଇ ନାହାନ୍ତି, ଯାହା ଏକ ଅସମଞ୍ଜସ ପରିସ୍ଥିତି ସୃଷ୍ଟି କରିଛି।

୨୦୨୬ ଜନଗଣନା ରିପୋର୍ଟ ଆଧାରରେ ଲୋକସଭାରେ ଆସନ ସଂଖ୍ୟା ବୃଦ୍ଧି କରିବାର ପ୍ରସ୍ତାବ କିଛି ସତର୍କତାର ଘଣ୍ଟି ଶୁଣାଇ ଥିଲା। ଏହି ସଂଖ୍ୟାର ପୁନଃକାର୍ଯ୍ୟକ୍ଷମତା ପାଇଁ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରାଯିବାର ଦାବି ମଧ୍ୟ ଏଥିପାଇଁ ଏକ ପୃଷ୍ଠଭୂମି ଯୋଗାଇ ଥିଲା। ସେମାନଙ୍କର ମୋଟ ଆସନର ଭାଗ ଦାବି ଦୃଷ୍ଟିରୁ ରାଜ୍ୟମାନଙ୍କ କୋଟା ଅପ୍ରଭାବିତ ରଖିବା ପାଇଁ ସରକାରଙ୍କର ଇଚ୍ଛା ରହିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମ୍ପ୍ରତି କହିବା ତେଣୁ ଏଭଳି ଏକ କଷ୍ଟକର ପ୍ରଶ୍ନର ସାମୟିକ ସମାଧାନ ଆଣି ପାରିଛି। ସଙ୍ଗେ ସଙ୍ଗେ ଭବିଷ୍ୟତରେ ଭାରତର ଜନସଂଖ୍ୟା ବୃଦ୍ଧିର ଆକାର କେଉଁ ଭଳି ରୂପ ନେବାକୁ ଯାଉଛି, ସରକାର ସେ ସମ୍ବନ୍ଧରେ ମଧ୍ୟ ସତର୍କତାର ସହିତ ଏକ ଯୋଜନା କରିବା ଉଚିତ। ବର୍ତ୍ତମାନ ସମୟରେ ଭାରତ ସମଗ୍ର ବିଶ୍ୱରେ ସର୍ବାଧିକ ସଂଖ୍ୟକ ଯୁବ ଜନସଂଖ୍ୟାର ଅଧିକାରୀ, କିନ୍ତୁ ଏହା ସେହି ଅବସ୍ଥାରେ ଦୀର୍ଘ ଦିନ ରହିବ ନାହିଁ। ଜନସଂଖ୍ୟାର ବୃଦ୍ଧି ଏବଂ ବାର୍ଦ୍ଧକ୍ୟାବସ୍ଥାରେ ଉପନୀତ ହେବାକୁ ଯାଉଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧି ଘଟିବାର ଆଶଙ୍କା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ଯଥେଷ୍ଟ କଷ୍ଟକର। ଏହା ଯେଉଁ ଭଳି ଜଟିଳ ଅବସ୍ଥାମାନ ସୃଷ୍ଟି କରିବ, ସଂସଦୀୟ ପ୍ରତିନିଧିତ୍ୱ ସେଥି ମଧ୍ୟରୁ ଅନ୍ୟତମ। ତେଣୁ ଭବିଷ୍ୟତ ପାଇଁ ଏକ ସହମତିଭିତ୍ତିକ ସିଦ୍ଧାନ୍ତରେ ଉପନୀତ ହେବା ନିମନ୍ତେ ସରକାର ସମସ୍ତ ବର୍ଗର ହିତଧାରକଙ୍କ ସହିତ ଆଲୋଚନା ଆରମ୍ଭ କରିବା ଉଚିତ।

# ରାମ ନାମ ଓ ଭବିଷ୍ୟ ବିଚାର

ପ୍ରଭୁଙ୍କଠାରେ ଦୃଢ଼ ଭକ୍ତି ଓ ବିଶ୍ୱାସ ଥିଲେ ଅନେକ ଅସମ୍ଭବ କାମ ସମ୍ଭବ ହୁଏ। ଏହାର ଏକ ଉଦାହରଣ। ଗଛ ଛାଇରେ ବସି ଥାଆନ୍ତି ସମର୍ଥ ଗୁରୁ ରାମ ଦାସ। କିଛି ସମୟ ପରେ ସେଇଠି ପହଞ୍ଚିଲେ ଜଣେ ବ୍ୟକ୍ତି। ସେ ମଧ୍ୟ ବିଶ୍ରାମ ନେଲେ। ସେ ସାଧାରଣ ବ୍ୟକ୍ତି ନଥିଲେ; ଥିଲେ ଜଣେ ଖୁବ୍ ଜଣାଶୁଣା, ନାମକରା, ବିଶିଷ୍ଟ ଜ୍ୟୋତିଷ। ସମର୍ଥ ଗୁରୁ ରାମ ଦାସଙ୍କ ସହିତ କିଛି ସମୟ କଥାବାର୍ତ୍ତା ହେଲେ। କିଛି ସମୟ ପରେ ରାମ ଦାସ ଗୋଟିଏ ଜାତକ ଦେଖାଇ କହିଲେ- 'ଜ୍ୟୋତିଷ ମହାଶୟ, ଏହି ଜାତକକୁ ଟିକିଏ ଦେଖନ୍ତୁ। ଆଉ ନିର୍ଭୁଲ୍ ଭାବରେ ଗଣନା କରି କହନ୍ତୁ, ଏ ପିଲାର ଭବିଷ୍ୟତ କ'ଣ ?'

ଜ୍ୟୋତିଷ ଗଣନା ଆରମ୍ଭ କଲେ। ତାଙ୍କ ମୁହଁ ଫିକା ପଡ଼ିଗଲା। ଦୁଃଖ ଭରା ଆଖିରେ ଚାହିଁଲେ ଗୁରୁ ରାମ ଦାସଙ୍କୁ। ଅଳ୍ପ ସମୟ ପରେ କହିଲେ- 'ଆଜି ଏହି ପିଲାର ମୃତ୍ୟୁ ଯୋଗ ଅଛି। ଏହାକୁ କେହି ଟାଳି ପାରିବେ ନାହିଁ।'

କିଛି ସମୟ ପରେ ସମର୍ଥ ଗୁରୁ ରାମ ଦାସ ସେହି ଜାତକକୁ ଲେଉଟାଇ ରଖିଦେଲେ। ଭଗବାନଙ୍କ ନାମ ଭଜନ କରିବାକୁ ଲାଗିଲେ। କିଛି ସମୟ ଅତିକ୍ରାନ୍ତ ହେଲା। ଘୋଡ଼ା ଚଢ଼ି ଜଣେ ଯୁବକ ଆସି ସେଠାରେ ଓହ୍ଲାଇଲା। ସମର୍ଥ ଗୁରୁ ରାମ ଦାସଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ନେଲା। ପିଲାଟି ଜଣେ ଯୋଦ୍ଧା ଓ ସୈନିକ ଭଳି ମନେ ହେଉଥିଲା। ସଙ୍ଗେ ସଙ୍ଗେ ଅଶ୍ୱ ଝପଟାଇ ଯୁବକଟି ଫେରିଗଲା। ଘୋଡ଼ାର ବେଗ ଖୁବ୍ ଜୋର୍ ଥିଲା। ଚାହିଁଥିଲେ ସମର୍ଥ ଗୁରୁ ରାମ ଦାସ ଯୁବକଟି ଆଡ଼େ। କ୍ଷଣକରେ ଆଖି ଆଗରୁ ଅଦୃଶ୍ୟ ହୋଇଗଲା ଯୁବକଟି। ରାମ ଦାସ ଶ୍ରୀରାମଙ୍କ ନାମ ସ୍ମରଣ କରୁଥିଲେ। ଜ୍ୟୋତିଷ ମଧ୍ୟ ନିଜର କୌଣସି ଗ୍ରନ୍ଥ ପଢୁଥିଲେ।



ପଦାରବିନ୍ଦ

ଦୁଇ ଘଣ୍ଟା ପରେ ଯୁବକଟି ପୁଣି ଆସି ପହଞ୍ଚିଲା ଗୁରୁ ରାମ ଦାସଙ୍କ ନିକଟରେ। ପ୍ରଣାମ କଲା। ଦେହସାରା କ୍ଷତ। ରକ୍ତ ଝରୁଥିଲା। ରାମ ଦାସ ସେହି ଜାତକଟିକୁ ଜ୍ୟୋତିଷଙ୍କ ହାତକୁ ବଢ଼ାଇ ଦେଇ କହିଲେ- 'ଏବେ ଏହି ଜାତକକୁ ଦେଖନ୍ତୁ ତ!'

ଜ୍ୟୋତିଷ ଦେଖିଲେ ଜାତକକୁ। ଟିକିଏ ପୂର୍ବରୁ ଯେଉଁ ଜାତକକୁ ଦେଖି ମୃତ୍ୟୁ ସୁନିଶ୍ଚିତ ବୋଲି ଦୃଢ଼ କଣ୍ଠରେ ଘୋଷଣା କରିଥିଲେ, ସେହି ଜାତକକୁ କିଛି ସମୟ ବ୍ୟବଧାନରେ ଆଉ ଥରେ ଦେଖି ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ତହିଁରେ ମୃତ୍ୟୁର ସୂଚନା ନଥିଲା। ଥିଲା ରାଜ୍ୟ ଶାସନ କରିବାର ସୂଚନା।

ଜ୍ୟୋତିଷ ଗଦ୍‌ଗଦ କଣ୍ଠରେ କହିଲେ- 'ରାମ ଦାସ! ଆପଣ ବାସ୍ତବରେ ସମର୍ଥ ଗୁରୁ। ଶ୍ରୀରାମଙ୍କ ଭଜନ କରି ପିଲାର ଜାତକକୁ ବି ବଦଳାଇ ଦେଇ ପାରିଲେ!' ସେହି ଯୁବକ ଥିଲେ ଛତ୍ରପତି ଶିବାଜୀ।

# ଜେଏମ୍‌ଏଫ୍‌ସି କୋର୍ଟର ଆସୋସିଏସନ୍ ଓ କେଣ୍ଟିନ୍ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ



**ଝରିଗାଁ,୬।୪/ଏନ୍ଏନ୍ଏସ୍:** ବହୁ ପ୍ରତୀକ୍ଷିତ ଝରିଗାଁ ସ୍ଥାୟୀ ପ୍ରଥମ ଶ୍ରେଣୀ ନୂତନ କୋର୍ଟ ପରିସରରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ବାର୍ କମ୍ ଆସୋସିଏସନ୍ ଗୃହ ଓ କେଣ୍ଟିନ୍ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରେଜିଷ୍ଟ୍ରାର୍ ଶାଶ୍ୱତି ମିଶ୍ର, ଝରିଗାଁ ପ୍ରଥମ ଶ୍ରେଣୀ କୋର୍ଟ ବିଚାରପତି ସ୍ମିତା ଲକାରା, ବାର୍ ଏସୋସିଏସନ୍ ସଭାପତି ଅରୁଣ କୁମାର ପଟ୍ଟ ନାୟକ, ଉପସଭାପତି ଶଙ୍କର ଦେଓ, ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ସହସମ୍ପାଦକ ସୁମନ ସାମଲ, ଏପିପି ସୁବାସ ପଟ୍ଟନାୟକଙ୍କ ସମେତ ଆଇନଜୀବୀଙ୍କ ମଧ୍ୟରେ ଚନ୍ଦ୍ରଭାନୁ ନାୟକ, ମନୋଜ ମହାପାତ୍ର, ସଞ୍ଜୟ କୁମାର ନାୟକ, ଅରୁଣ ସିଂ ଓ ତମ୍ବୁଦାସ ପନକା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ଝରିଗାଁ ଥାନାଧିକାରୀ ରଚିତା ମାଡ଼କାମୀ, ଝରିଗାଁ ରେଞ୍ଜର୍ ଗୋବିନ୍ଦ ଚନ୍ଦ୍ର ନାୟକ, ଆର୍‌ଡିଏସ୍‌ଡିଓ କୃଷ୍ଣପ୍ରିୟା ଗୋମାଙ୍ଗ, ଏଇ ତିଲୋତ୍ତମା ପ୍ରଧାନ ଓ ଜେଇ ସୁଶୀଲ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

## ବାରିବାଞ୍ଚାରେ ଜବରଦଖଲ ଉଚ୍ଛେଦ ଅଭିଯାନ

# ୨୨ ଏକରରୁ ଅଧିକ ଜଙ୍ଗଲ ଜମି ଜବରଦଖଲମୁକ୍ତ



**ମାଲକାନଗିରି,୬।୪/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲା ମୋଟୁ ତହସିଲ୍ ଅନ୍ତର୍ଗତ ବାରିବାଞ୍ଚା ତଥା ଇସମାଇଲ୍ ନଗର ନାମରେ ନାମିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ପ୍ରାୟ ୨୨ ଏକରରୁ ଅଧିକ ଜଙ୍ଗଲ ଜମିକୁ ଜବରଦଖଲମୁକ୍ତ କରି ପ୍ରଶାସନ ନିଜ ଅଧୀନରେ ନେଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟାନୁଷ୍ଠାନ ଚାଲିଥିଲା। ଏହି କାର୍ଯ୍ୟରେ ନିୟୋଜିତ ୪ଟି ଜେସିବି, ଗୋଟିଏ ୨୧୦ ଏକ୍ସାଭେଟର୍, ହାଇଡ୍ରା ମେସିନ୍ ମାଧ୍ୟମରେ ବେଆଇନ ଭାବେ ନିର୍ମିତ ଏକ ୩ ମହଲା ବିଶିଷ୍ଟ ଘର, ଆୟୁର୍ବେଦିକ କ୍ଲିନିକ୍, ଗୋଦାମ୍ ଗୃହ ଓ ୨ଟି ଷ୍ଟୋର୍ ରୁମ୍‌କୁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଦୁର୍ଯ୍ୟୋଧନ ଭୋଇଙ୍କ ଉପସ୍ଥିତିରେ ଭଙ୍ଗାଯାଇଛି। ଏହାସହ ୧୧ଟି ପୋଖରୀକୁ ମଧ୍ୟ ପ୍ରଶାସନ ନିଜ ନିୟନ୍ତ୍ରଣକୁ ନେଇଛି। ଏହି ଜମିକୁ ଜବରଦଖଲ କରିଥିବା ତିନି ଭାଇ ମହମ୍ମଦ ମାସୁମ୍ ଖାନ୍, ମହମ୍ମଦ ହସନ୍ ଖାନ୍ ଓ ମହମ୍ମଦ ଜମାଲ ଖାନ୍‌ଙ୍କ ବିରୋଧରେ ପ୍ରଶାସନ କଡ଼ା ପଦକ୍ଷେପ ନେଇ ସମସ୍ତ ଜବରଦଖଲରେ ଥିବା ସମ୍ପତ୍ତିକୁ ଜବତ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାୟର୍ ହୋଇଥିବା ୩ଟି ପିଟିସନ୍‌କୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଥିଲେ। ବିଚାରପତି ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ରାୟରେ କହିଥିଲେ ଯେ ସରକାରୀ କିମ୍ବା ଜଙ୍ଗଲ ଜମି ଉପରେ ଦୀର୍ଘଦିନ ଧରି ଦଖଲ ରଖିବା ମାତ୍ରେ ମାଲିକାନା ଅଧିକାର ସ୍ଥାପିତ ହେବ ନାହିଁ।

ସୂଚନାଯୋଗ୍ୟ ଆବେଦନକାରୀମାନେ ଜୟପୁର ସଂସ୍ଥାନ ରାଜା ବିକ୍ରମ ଦେବଙ୍କ ପ୍ରଦତ୍ତ ୧୯୨୦ ମସିହାର ତାମ୍ରଫଳକ ସମ୍ବନ୍ଧୀୟ ଦାବି କରିଥିଲେ ମଧ୍ୟ ସେଥିପାଇଁ ଅଦାଲତରେ କୌଣସି ପ୍ରମାଣ ପ୍ରଦାନ କରିପାରି ନଥିଲେ। ସେମାନେ ଭୂମିହୀନ ନୁହନ୍ତି ବୋଲି ଯାଞ୍ଚରେ ପ୍ରକାଶ ପାଇବା ସହ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଅନ୍ୟ ପାରମ୍ପରିକ ବନବାସୀ ପାଇଁ ଆବଶ୍ୟକ ୩ ପିଢ଼ିର ପ୍ରମାଣ ଦେବାରେ ମଧ୍ୟ ବିଫଳ ହୋଇଥିଲେ। ହାଇକୋର୍ଟ ଏହି ଜମିକୁ ଗ୍ରାମ୍ୟ ଜଙ୍ଗଲ ଶ୍ରେଣୀରେ ଥିବା ସ୍ପଷ୍ଟ କରି କାହାକୁ ମଧ୍ୟ ଏହା ଲିଜ୍ ଦିଆଯିବ ନାହିଁ ବୋଲି କହିଥିଲେ। ଏହି ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପୁଲିସ୍ ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦଳେଇଙ୍କ ସହ କାଲିମେଲା ଆଇଆଇସି ଅର୍ଜୁନ କହଁରଙ୍କ ସମେତ ୧୦୦ରୁ ଅଧିକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା। ମୋଟୁ ତହସିଲଦାର୍ ଅର୍ଜୁନ ପ୍ରଧାନଙ୍କ ସମେତ ମାଜିଷ୍ଟ୍ରେଟ୍ ଭାବେ ଡେପୁଟି କଲେକ୍ଟର୍ ଲିପିନା ଦାସ, ସ୍ୱୟଂ ରାଉତ, ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ, ହର ମହାପାତ୍ର ଓ କାଲିମେଲା ତହସିଲଦାର୍ ସତ୍ୟ ନାରାୟଣ ରାଜଗୁରୁ ଉପସ୍ଥିତ ଥିଲେ। ମେଡିକାଲ୍ ଟିମ୍ ସହ ଅଗ୍ନିଶମ ଅଧିକାରୀ କମଲ ଗୌଡ଼, ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ଓ ଟିପିଏସ୍‌ଓଡିଏଲ୍ କର୍ମଚାରୀ ଉପସ୍ଥିତ ଥିଲେ।

# ଜମିବାଡ଼ି ବିବାଦରୁ ଆକ୍ରମଣ, ୨ ଗିରଫ

**ରେଢ଼ାଖୋଲ,୬।୪/ଏନ୍ଏନ୍ଏସ୍:** ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଚାରମାଳ ପୁଲିସ୍ ୨ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚାରମାଳ ଥାନା ଅନ୍ତର୍ଗତ ହେଲେଇ ଗ୍ରାମର ସୀତାଂଶୁ ପ୍ରଧାନ ଓ ସୁବାସ ପ୍ରଧାନ। ହେଲେଇ ଗ୍ରାମର ସୁକାନ୍ତି ପ୍ରଧାନ (୪୫)ଙ୍କ ସହ ଜମିବାଡ଼ି ବିବାଦକୁ ନେଇ ଅଭିଯୁକ୍ତଙ୍କ ଦୀର୍ଘଦିନରୁ ଶତ୍ରୁତା ରହିଥିଲା। ଏହି ତିକ୍ତତା ଶନିବାର ରାତିରେ ଚରମ ସୀମାରେ ପହଞ୍ଚିଥିଲା। ସୀତାଂଶୁ ଓ ସୁବାସ ମିଳିତଭାବେ ସୁକାନ୍ତିଙ୍କୁ ଅତର୍କିତ ଆକ୍ରମଣ କରିବା ସହ ମାଡ଼ ମାରିଥିବା ନେଇ ଚାରମାଳ ଥାନାରେ ଅଭିଯୋଗ ହୋଇଥିଲା। ଏହି ସମ୍ପର୍କରେ ମହିଳାଙ୍କ ପୁଅ ଲୋକେଶ ପ୍ରଧାନ ରବିବାର ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୨ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ୍ ପ୍ରକାଶ କରିଛି।

# ଝାରସୁଗୁଡ଼ା ଜୟହିନ୍ଦ୍ କ୍ଲବ୍‌ର ବନ୍ଧୁମିଳନ



**ଝାରସୁଗୁଡ଼ା,୬।୪/ଏନ୍ଏନ୍ଏସ୍:** ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ମଙ୍ଗଳ ବଜାରର ୧୯୮୦ ମସିହାରେ ସ୍ଥାପିତ ପୁରାତନ ଜୟହିନ୍ଦ୍ କ୍ଲବ୍‌ର ନୂତନ ଗୃହ ପ୍ରଦାନ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ପୁରାତନ ସଭ୍ୟ, ଫୁଟବଲ୍ ଖେଳାଳି ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜୟହିନ୍ଦ କ୍ଲବ୍ ପକ୍ଷରୁ ସଭାପତି ସୁରେଶ କୁମାର ବୁଦିଆ କ୍ଲବ୍‌ର ନୂତନ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାର ଚେକ୍ କ୍ଲବ୍‌ର ସମ୍ପାଦକ କାଜଲ ଗୁଆଙ୍କୁ ପ୍ରଦାନ କରିଥିଲେ। ଜୟହିନ୍ଦ୍ କ୍ଲବ୍ ପକ୍ଷରୁ ପୁରାତନ ସଭ୍ୟ ଓ ଫୁଟବଲ୍ ଖେଳାଳି ତାପସରାୟ ଚୌଧୁରୀ, ବାଲଗୋବିନ୍ଦ ମିଶ୍ର, କୁଳଦୀପ ହୋରା, ଦିନେଶ ଜଏନ, ହରିଶ ଠକର, ଜୀବନ ମହାନ୍ତି, ଅଶୋକ ଗାନ୍ଧି, ସନ୍ଦିପ ଅଗସ୍ତି, ସୁରେଶ କୁମାର ଓ ଲୋକ ନାନ୍ଦିନିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ସଭ୍ୟମାନେ କ୍ଲବ୍‌ର ଗୃହ ନିର୍ମାଣ ପାଇଁ ନିଜର ଶକ୍ତି ମୁତାବକ ସାହାଯ୍ୟ କରିବେ ବୋଲି ମତାମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ ମିଶ୍ର ପରିଚାଳନା କରିଥିବାବେଳେ କ୍ଲବ୍‌ର ସଭ୍ୟ ରାଜୁ ଶ୍ରୀବାସ୍ତବ, ରାଧେ ସିଂ ଓ ବସନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟାଧର ଓ ଉପାଧ୍ୟକ୍ଷା ମଞ୍ଜୁଳା





**ରାୟଗଡ଼ା,୬।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ କମିଟି ପକ୍ଷରୁ ଏସ୍‌ଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଘୋଷଣା ସହିତ କାର୍ଯ୍ୟକାରିତା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ତେବେ ରାୟଗଡ଼ା ଜିଲ୍ଲା ଏସ୍‌ଡିସି ଅଧ୍ୟକ୍ଷ ଭାବେ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ଭାବେ ମଞ୍ଜୁଳା ମିଣିଆକାଙ୍କୁ ମନୋନୀତ କରାଯାଇଛି। ଉଭୟ ବିଜେପି ଦଳର ତୁଙ୍ଗନେତା ହୋଇଥିବାବେଳେ ଦୀର୍ଘଦିନ ହେବ ଦଳରେ ରହି କାର୍ଯ୍ୟ କରୁଥିଲେ। ମଞ୍ଜୁଳା ବର୍ତ୍ତମାନ ରାୟଗଡ଼ା ପୌରପରିଷଦ କାଉନସିଲର୍ ଅଛନ୍ତି। ଦଳ ପକ୍ଷରୁ ଜିଲ୍ଲାର ଗୁଣୁପୁର ନିର୍ବାଚନମଣ୍ଡଳୀରୁ ବିଦ୍ୟାଧର ଓ ରାୟଗଡ଼ା ନିର୍ବାଚନମଣ୍ଡଳୀରୁ ମଞ୍ଜୁଳାଙ୍କୁ ଚୟନ କରିଥିବାବେଳେ ଆଗାମୀ ଦିନରେ ହେବାକୁ ଥିବା ନିଗମ ପଦବୀରେ ବିଷମକଟକ ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ ମିଳିବା ନେଇ ଦଳ ଭିତରେ ଆଲୋଚନା ଚାଲିଛି।

# ଜନଅଭିଯୋଗ ଶୁଣାଣି ଶିବିର

**ନବରଙ୍ଗପୁର,୬।୪/ଏନ୍ଏନ୍ଏସ୍:** ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଓ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ୍ ୩୭ ଜଣ ଆବେଦନକାରୀ ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଗୋଟିଏ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

# କୈଳାଶ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଦେବଗଡ଼,୬।୪/ଏନ୍ଏନ୍ଏସ୍:** ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ପକ୍ଷ ପାଳନର ଷଷ୍ଠଦିନରେ ତିଲେଇବଣି ବ୍ଲକ୍‌ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦିଲ୍ଲୀପ କୁମାର ପ୍ରଧାନ, ଜିଲ୍ଲା ପରିମଳ ପରାମର୍ଶଦାତା ହିମାଂଶୁ ପଟ୍ଟନାୟକ, ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ମଚାରୀ, ଟାଇନସର୍ ସରପଞ୍ଚ, ପିଓ, ପରିମଳ ସ୍ୱଚ୍ଛ ସାଥୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଯୋଗଦେଇ ଐତିହ୍ୟସ୍ଥଳୀ କୈଳାଶ ଓ ମନ୍ଦିରକୁ ସଫାସୁତୁରା କରିଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡ଼ା,୬।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ୍ ୬୮ଟି ଅଭିଯୋଗ ପ୍ରଶାସନ ନିକଟକୁ ଆସିଥିଲା। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ଥିଲା। ଏଥିରେ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋସେନ ବାର୍ଲା, ସିଡିଏମ୍‌ଓ ଡାକ୍ତର ବି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିର ପ୍ରତିଷ୍ଠା ଦିବସ



**ଭବାନୀପାଟଣା,୬।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସଭାପତି ଯୁଗଳ କିଶୋର ପୋଢ଼ଙ୍କ ନେତୃତ୍ୱରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ପାର୍ଟିର ପ୍ରତିଷ୍ଠା ଦିବସ ବିଷୟରେ ଅବଗତ କରିଥିଲେ। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ ପାର୍ଟିର ଇତିହାସ ଓ ଦଳର ନୀତି ଆଦର୍ଶ, ବିକଶିତ ଭାରତ ଓ ରାଷ୍ଟ୍ର ସୁରକ୍ଷା ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲ୍ଲା ଉପସଭାପତି ରୁପେଶ ଜୈନ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିଶି, ଜିଲ୍ଲା କୋଷାଧ୍ୟକ୍ଷ ପ୍ରମୋଦ ଜୈନ, ରାଜ୍ୟ କୋଷାଧ୍ୟକ୍ଷ ଅଳ୍ପସଂଖ୍ୟକ ମୋର୍ଚ୍ଚା ବିକ୍ରମଜିତ ସିଂ, ପୂର୍ବତନ ବିଧାୟକ ଅନାମ ନାଏକ, ବରିଷ୍ଠ ନେତା ଭବାନୀ ଶଙ୍କର ନିଆଲ, ବରିଷ୍ଠ ନେତା ପ୍ରଶାନ୍ତ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ମିଡିଆ ସଂଯୋଜକ ନରହରି ପଟ୍ଟନାୟକ, ଶୋଭାଙ୍ଗିନୀ ପାତ୍ର, ପ୍ରଦୀପ ଦାସ, ପ୍ରକାଶ ଧଙ୍ଗଡ଼ାମାଝୀ, ଅନିତା ବିଶ୍ୱାଳ, ରାକେଶ ଶର୍ମା, ଶଙ୍କର ସେନାପତି, ଶର୍ମିଷ୍ଠା ନାଏକଙ୍କ ସହିତ ଦଳର ଅନେକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା ମଞ୍ଚ ପରିଚାଳନା କରିଥିବାବେଳେ ଭବାନୀପାଟଣା ନଗର ସଭାପତି ଚିତ୍ତରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

# ଗୁଞ୍ଜିତରା ସରକାରୀ ଉଚ୍ଚପ୍ରାଥମିକ ସ୍କୁଲ୍‌ରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ଟିଟିଲାଗଡ଼,୬।୪/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ସିରୋଲ୍ ଆଞ୍ଚଳିକ ସାଧନକେନ୍ଦ୍ର ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଞ୍ଜିତରାରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ଚଳିତ ଶିକ୍ଷାବର୍ଷରେ କୁନି କୁନି ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟ ପ୍ରବେଶ ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମୁରିବାହାଲ୍ ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପଢ଼ିହାରୀ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ନାଗ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ବରିଷ୍ଠ ଶିକ୍ଷୟିତ୍ରୀ ସଫଳା ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ଜୟମାଳିନୀ ପଟ୍ଟନାୟକ, ସରୋଜିନୀ ମିଶ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ସହକାରୀ ଶିକ୍ଷକ ନୀଳମଣି ଦୀପ୍‌ଙ୍କ ସହିତ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କୁନୁ ସାହୁ, ଗ୍ରାମ୍ୟ ୱାର୍ଡସଭ୍ୟ ପରମା ଧଙ୍ଗଡ଼ା ମାଝୀ, ପରିଚାଳନା ସମିତିର ଅନ୍ୟ ସଭ୍ୟ ଓ ଅଭିଭାବକଙ୍କ ଉପସ୍ଥିତିରେ ସମ୍ମାନିତ ଅତିଥିଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହିତ ଚନ୍ଦନ ତିଳକ ଲଗାଇ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନୂତନ ସିଲେଟ୍, ଚକ୍ ଖଡ଼ି ଓ ବର୍ଣ୍ଣବୋଧ ପ୍ରଦାନ କରିବା ସହିତ ମିଠା ମଧ୍ୟ ଖୁଆ ଯାଇଥିଲା।

# ସତୀଗୁଡ଼ାରେ ଦୂରହେଲା ପାନୀୟଜଳ ସମସ୍ୟା



**ମାଲକାନଗିରି,୬।୪/ଏନ୍ଏନ୍ଏସ୍:** ଜନସାଧାରଣଙ୍କ ସମସ୍ୟା ପ୍ରତି ପ୍ରଶାସନର ସମ୍ବେଦନଶୀଳତା ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ସତୀଗୁଡ଼ା ଅଞ୍ଚଳରେ ଦେଖାଦେଇଥିବା ପାନୀୟଜଳ ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ମାନବୀୟ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ଏବେ ଖୁସିର ବାତାବରଣ ଦେଖିବାକୁ ମିଳିଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଇଥିଲା। ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ୧୦ଟି ଷ୍ଟାଣ୍ଡ୍ ପୋଷ୍ଟ୍ ସ୍ଥାପନ କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଜନକ ବଳବନ୍ତରାୟଙ୍କ ସୂଚନାନୁଯାୟୀ ୫ଟି ଷ୍ଟାଣ୍ଡ ପୋଷ୍ଟ୍‌ରେ ସଫଳତାର ସହ ପାଣି ଛଡ଼ାଯାଇଛି। ମଙ୍ଗଳବାର ସୁଦ୍ଧା ସମସ୍ତ ୧୦ଟି ପୋଷ୍ଟରେ ପାଣି ପହଞ୍ଚିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ରାମ ପ୍ରଧାନ ଓ ଏଇଇ ରୋମାନ୍ କିଷାନ୍ ଉପସ୍ଥିତ ରହି ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥିଲେ। ପ୍ରଶାସନର ଏଭଳି ଦ୍ରୁତ ଓ ସକାରାତ୍ମକ କାର୍ଯ୍ୟଶୈଳୀ ପାଇଁ ସତୀଗୁଡ଼ାବାସୀ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ହଷ୍ଟେଲ୍‌ରୁ ଦଶମଶ୍ରେଣୀ ଛାତ୍ର ନିଖୋଜ



**ରାୟଗଡ଼ା,୬।୪/ଏନ୍ଏନ୍ଏସ୍:** ଗତ ୧୧ ଦିନ ହେବ ଜଣେ ଦଶମ ଶ୍ରେଣୀ ଛାତ୍ର ହଷ୍ଟେଲ୍‌ରୁ ନିଖୋଜ ହୋଇଯାଇଛି। ଖୋଜିବା ପରେ ମଧ୍ୟ ପରିବାର ଲୋକେ ପୁଅକୁ ନପାଇବାରୁ ଘଟଣା ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଜଣାଇଛନ୍ତି। ଏପରି ଘଟଣା ରାୟଗଡ଼ା ସହରର ଆମ୍ବାଗୁଡ଼ାରେ ଥିବା ଆର୍‌ଏସ୍‌ଇଡବ୍ଲୁସି ଉଚ୍ଚବିଦ୍ୟାଳୟରେ ଘଟିଛି। ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ ମଇଲିଗୁଡ଼ା ଗ୍ରାମର ସାଲୁ ମାଝୀଙ୍କ ପୁଅ ପ୍ରକାଶ ମାଝୀ ହଷ୍ଟେଲ୍‌ରେ ରହୁଥିଲା। ଗତ ମାର୍ଚ୍ଚ ୨୭ ତାରିଖ ବିଦ୍ୟାଳୟ ପକ୍ଷରୁ ଅବିଭାବକ ବୈଠକ ରହିଛି ବୋଲି ସମସ୍ତ ଅବିଭାବକଙ୍କୁ ଫୋନ୍ ଓ ଡାକ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା। ହେଲେ ଉକ୍ତ ଦିନ ପ୍ରକାଶ କିମ୍ବା ତାଙ୍କ ପରିବାର ଲୋକେ ବୈଠକକୁ ଆସିନଥିଲେ। ତେବେ ହଷ୍ଟେଲ୍ ୱାର୍ଡେନ୍‌ଙ୍କୁ ଘରକୁ ଯାଉଛି ବୋଲି ମୌଖିକ ଭାବେ କହି ପ୍ରକାଶ ଚାଲିଯାଇଥିଲା। ତେବେ ଦୀର୍ଘ ଦିନ ହେବ ପୁଅ ଘରକୁ ନଆସିବାରୁ ତାଙ୍କ ବାପା ପୁଅ ନିଖୋଜ ଥିବା ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୁତିଭୂଷଣ ରଥଙ୍କୁ ଭେଟି ଜଣାଇଛନ୍ତି। ଅଭିଯୋଗ ଆସିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଖୋଜାଖୋଜି ଆରମ୍ଭ କରିଛନ୍ତି। ଏନେଇ ପରିବାର କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇନଥିବାବେଳେ ପ୍ରଧାନଶିକ୍ଷକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଏସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ କହିଛନ୍ତି ଯେ କେଉଁଭଳି ଭାବେ ଛାତ୍ର ନିଖୋଜ ହେଲେ ତା'ର ତଦନ୍ତ କରାଯାଉଛି।

# ‘ଦିବ୍ୟାଲୋକ ସନ୍ଧାନେ’ ଉନ୍ମୋଚିତ

**ଫୁଲନଖରା,୬।୪/ଏନ୍‌ଏନ୍‌ଏସ୍:** ଆଧାତ୍ମିକ ପତ୍ରିକା ‘ଦିବ୍ୟାଲୋକ ସନ୍ଧାନେ’ ଏପ୍ରିଲ ସଂଖ୍ୟା ଉନ୍ମୋଚିତ ହୋଇଛି । ରାଜ୍ୟ ମହିଳା କମିସନ ପ୍ରାକ୍ତନ ଅଧକ୍ଷା ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥିଭାବେ ଏହି ନୂତନ ସଂଖ୍ୟାକୁ ଅନାବରଣ କରିଥିଲେ । ଏ ନେଇ ସଦର ଥାନା ଗଙ୍ଗେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ.ଶରତକୁମାର ରଥ, ସ୍ୱାମୀ ଆତ୍ମାନନ୍ଦ, ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ ଓ ବ୍ରାହ୍ମଣସରିଲୋ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବଂଶୀଧର ଦାଶ ସମ୍ମାନିତ ଅତିଥିରୂପେ ଉପସ୍ଥିତ ଥିଲେ । ସମ୍ପାଦକ ଶ୍ରୀ ସନ୍ନ୍ୟାସୀଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପରିଚାଳନା ସମ୍ପାଦକ ଇଂ.ବିପ୍ଳବକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା’ ମଉଁନେଇଁଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

**ସାକ୍ଷୀଗୋପାଳ,୬।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସାକ୍ଷୀଗୋପାଳ ବଡବଜାର ସ୍ଥିତ ସତ୍ୟବାଦୀର ଅଧିଷ୍ଠାତ୍ରୀ ଦେବୀ ମା’ ମଉଁନେଇଁ ଠାକୁରାଣୀଙ୍କ ତ୍ରିଦିନାତ୍ମକ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ମନ୍ଦିର ପରିସରରେ ସହସ୍ରାଧିକ ଭକ୍ତମାନଙ୍କ ଭକ୍ତିପୂତ ପରିବେଶ ମଧ୍ୟରେ ପବିତ୍ର ଚୈତ୍ରପୂର୍ଣ୍ଣିମୀ ଅବକାଶରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି । ତିନିଦିନ ବ୍ୟାପି ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିଲା । ଲବ୍ଧପ୍ରତିଷ୍ଠ କଣ୍ଠଶିଳ୍ପୀମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅଧିବକ୍ତା ଅଞ୍ଜନ ହୋତାଙ୍କ ସଞ୍ଚାଳନରେ ମନଛୁଆଁ ଭକ୍ତିସଂଗୀତ ଭେଟି ଦେଇଥିଲେ । ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ବିଧାୟକ ଓମ୍‌ପ୍ରକାଶ ମିଶ୍ର ମା’ ମଉଁନେଇଁଙ୍କ ଠାରେ ଭକ୍ତ ସମୁଦାୟଙ୍କ କଲ୍ୟାଣ ବାଞ୍ଛାକରି ପ୍ରାର୍ଥନା କଲା ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନିକୁନି କଳାକାରଙ୍କ ଗହଣରେ କିଛିସମୟ ଅତିବାହିତ କରିଥିଲେ । ଅନ୍ତିମଦିନ ମଧ୍ୟାହ୍ନରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ବେଳେ ବ୍ୟାପକ ଭକ୍ତ ସମାଗମ ଦେଖିବାକୁ ମିଳିଥିଲା । ନଟବର ଆଚାର୍ଯ୍ୟ ସହଧର୍ମିଣୀଙ୍କ ସହ କର୍ତ୍ତାର ଦାୟିତ୍ୱ ନିର୍ବାହକରି ତିନି ଗ୍ରାମ ଯଥା ଗୋପାଳପୁର ପାଟଣା, ରଙ୍ଗଣୀ ସାହି ଓ ମଠ ସାହିର ଆରାଧ୍ୟା ଗ୍ରାମ ଦେବତୀ ମା’ ଠାକୁରାଣୀ, ଜଗତଜନନୀଙ୍କ ନିକଟରେ ସାରା ଭକ୍ତ ସମାଜ ଏବଂ ବିଶ୍ୱଶାନ୍ତି ପାଇଁ ଗୁହାରି ଜଣାଇଥିଲେ ।

# ଟ୍ରାଭେଲ୍ ଏଜେଣ୍ଟ୍ ଆସୋସିଏସନ୍‌ର ବାର୍ଷିକ ରକ୍ତଦାନ ଶିବିର

**ପୁରୀ,୬।୪/ଏନ୍‌ଏନ୍‌ଏସ୍:** ଓମ୍ ଶ୍ରୀ ଶ୍ରୀ ତ୍ରିନାଥ ଦେବାୟ ଟ୍ରାଭେଲ ଏଜେଣ୍ଟ ଆସୋସିଏସନ୍ ପକ୍ଷରୁ ବାର୍ଷିକ ରକ୍ତଦାନ ଶିବିର ଷ୍ଟେସନ ପୂଜାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଆର୍‌ପିଏଫ୍ ଅଧିକାରୀ ହରିଦର୍ଶନ ଶର୍ମା,ଜି ଆର ପି ଥାନାଧିକାରୀ ସନ୍ତୋଷ । ବାହିନୀପତି, ସମାଜସେବୀ ଗିରିଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୮୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଆସୋସିଏସନ୍‌ର ଶତାଧିକ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଆସୋସିଏସନର ସଭାପତି ଅକ୍ଷୟ ପଟ୍ଟନାୟକ, ସମ୍ପାଦକ ଗୋପୀନାଥ ସ୍ୱାଇଁ, ସହ ସମ୍ପାଦକ ଚିତ୍ତରଞ୍ଜନ ସେଠୀ, କୋଷାଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାନସ ଖଟୋଇ, ମୁକେଶ ସୁନ୍ଦର, ପ୍ରଶାନ୍ତ ନାୟକ, ଅଜିତ୍ ସାହୁ, ରାଜେଶ୍ ସୁନ୍ଦର, ଏମ୍ ଗୋବିନ୍ଦ ରେଡ୍ଡୀ, ସୁକାନ୍ତ ବରାଳ, ପର୍ଶୁରାମ ରେଡ୍ଡୀ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।

# ଶ୍ରେଷ୍ଠ ରେକୀ ଚିକିତ୍ସକ ସମ୍ମାନିତ



**ବୟାଳିଶମୌଜା,୬।୪/ଏନ୍‌ଏନ୍‌ଏସ୍:** ୪୨ ମୌଜା ରେକୀ ମିଶନ ବିଦ୍ୟାଳୟର ସଂଯୋଜକ ତଥା ରେକୀ ମିଶନର ପ୍ରସିଦ୍ଧ ରେକୀ ଚିକିତ୍ସକ ଓ ରେକୀ ମିଶନ ଓଡ଼ିଶାର ପ୍ରତିଷ୍ଠାତା ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ତଙ୍କ ପ୍ରିୟ ଶିଷ୍ୟ ଭାରତ ଭୂଷଣ ରାୟଙ୍କୁ କଟକର ‘ଶ୍ରେଷ୍ଠ ରେକୀ ଚିକିତ୍ସକ’ ସମ୍ମାନରେ ସମ୍ମାନିତ କରାଯାଇଛି । କଟକ ଦେଉଳସାହି ସ୍ଥିତ ମା’ ସ୍ୱର୍ଣ୍ଣଦେବୀଙ୍କ ଚୈତ୍ର ପୂର୍ଣ୍ଣିମା ଅବସରରେ ଆୟୋଜିତ ୬୧ତମ ବାର୍ଷିକ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ବରିଷ୍ଠ ଚଳଚ୍ଚିତ୍ର କଳାକାର ବିରେନ ମିଶ୍ର, ସୁନାମଧନ୍ୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସଲାମ୍, କଳା ନିର୍ଦ୍ଦେଶକ ବନବିହାରୀ ବାରିକ, ‘କୃଷକ ବଜାର’ର ସମ୍ପାଦକ ମନୋଜ କୁମାର ସାହୁ ଓ କୁନି ନୃତ୍ୟ ନିର୍ଦ୍ଦେଶିକା ଗୁଡ଼ି ଉପସ୍ଥିତ ଥିଲେ । ମଞ୍ଚରେ ବିରେନ ମିଶ୍ର ଓ ବବି ଇସଲାମ୍ ଭାରତ ଭୂଷଣ ରାୟଙ୍କ ସେବାକୁ ଉଚ୍ଚ ପ୍ରଶଂସା କରି ସେ ଆମ ଅଞ୍ଚଳର ଗର୍ବ ଓ ଗୌରବ ବୋଲି କହିଥିଲେ । ତାଙ୍କ ରେକୀ ଚିକିତ୍ସା ଓ ଯୋଗ ଶିକ୍ଷା ମାଧମରେ ଅନେକ ଲୋକ ରୋଗମୁକ୍ତ ହୋଇଥିବା ସହ, ବହୁ ଯୁବଗୋଷ୍ଠୀ ତାଙ୍କ ପ୍ରେରଣାରେ ଭୁଲ ମାର୍ଗ ଛାଡି ସଠିକ୍ ପଥକୁ ଅନୁସରଣ କରୁଥିବା ଉଲ୍ଲେଖ କରାଯାଇଥିଲା । ଏହା ସହ ଯୋଗ ଶିକ୍ଷା ମାଧମରେ ସେ ବହୁ ବ୍ୟକ୍ତି ଓ ଛାତ୍ର ସମାଜକୁ ସଠିକ୍ ଦିଗ ଦେଇ ସ୍ୱାସ୍ଥ୍ୟ ସଚେତନ କରିବାରେ ସଫଳ ହୋଇଛନ୍ତି ।

# ଖୋର୍ଦ୍ଧାରେ ପାଇକ ବିଦ୍ରୋହ ଦିବସ



**ଖୋର୍ଦ୍ଧା,୬।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ପାଇକ ବିଦ୍ରୋହ ୧୮୧୭ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଦିନ ବାଣପୁରରୁ ପ୍ରଥମେ ବକ୍ସି ଜଗବନ୍ଧୁ ଓ ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ ଆରମ୍ଭ ହୋଇ ସମଗ୍ର ଖୋର୍ଦ୍ଧା ତଥା କୁଜଙ୍ଗ ହରିଶପୁର ଆଦି ଅଞ୍ଚଳକୁ ବ୍ୟାପୀ ଯାଇଥିଲା । ପାଇକ ବିଦ୍ରୋହର ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୨୯ ତାରିଖକୁ ମନେ ପକାଇବା ପାଇଁ ଖୋର୍ଦ୍ଧା ଦଳବେହେରା ଗଡ଼ାଧୀଶ ସଂଘ ପକ୍ଷରୁ ଆଜି ବିଜେବି ହାଇସ୍କୁଲ ଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା । ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟଙ୍କ ଅଧ୍ୟକ୍ଷତାରେ ବାଲିହୁଙ୍କା ଦଳବେହେରା ଅଜୟ କୁମାର ମାନଧାତା, ବଡ଼ପାରି ଦଳବେହେରା ସୌକତ ରଂଜନ ମାଳବିହାର, ଜୟମଙ୍ଗଳ ଦଳବେହେରାଙ୍କ ଦାୟାଦ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ଼ିହପୁର ଦଳବେହେରାଙ୍କ ଦାୟାଦ ସୁବାସ ଚନ୍ଦ୍ର ସାମନ୍ତରାୟ, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ବିନାୟକ ପାଇକରାୟ, ବେଲେଶ୍ୱର ଯୁଝାରସିଂ, ବୈଦ୍ୟନାଥ ବରାଳ, ବିଦ୍ୟାଧର ଲେଙ୍କା, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ସୂଚନାଯୋଗ୍ୟ ଯେ ପାଇକ ବିଦ୍ରୋହ ହେବା ପୂର୍ବରୁ ବକ୍ସି ଜଗବନ୍ଧୁ ନିଜ ଶ୍ୱଶୁର ସେରଗଡ଼ ରାଜା ହରିକୃଷ୍ଣ ସିଂହଦେଓ ଓ ମଳାଗୁର ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ସହ ଆଲୋଚନା କରି ଘୁମୁସର ଅଞ୍ଚଳରୁ ବଛା ବଛା କନ୍ଧ ସୈନ୍ୟଙ୍କୁ ବାଣପୁର ପଠାଇବା ବ୍ୟବସ୍ଥା କରିଥିଲେ । ସେ ନିଜେ ବାଣପୁର ଭାଟପଡ଼ାରେ ଅପେକ୍ଷା କରି ରହିଥିଲେ । କନ୍ଧ ସୈନ୍ୟମାନେ ଆସିବା ପରେ ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟ, ପଞ୍ଚୁପଲ୍ଲୀ ଦଳବେହେରା ଶ୍ରୀ ହରି ମାନସିଂହ, ଛତ୍ରଗଡ଼ ଦଳବେହେରା ରଥ ସାମନ୍ତସିଂହାର, କନ୍ଧ ସର୍ଦ୍ଦାର ବ୍ରଜାନନ୍ଦ ସିଂହ, ଅରାଙ୍ଗ ଦଳବେହେରା ଶ୍ୟାମସୁନ୍ଦର ପାଟ୍ଟଶାଣୀ ସୈନ୍ୟଙ୍କୁ ନେଇ ବିଦ୍ରୋହରେ ଯୋଗଦେଇଥିଲେ । ବାଣପୁରରେ ଥିବା ଇଂରେଜ ସେନା ପ୍ରାଣଭୟରେ ପଳାୟନ କରିଥିଲେ । ଏହାପରେ ବିଦ୍ରୋହୀମାନେ ଖୋର୍ଦ୍ଧା, ପାଞ୍ଚଗଡ଼ ଓ ଗଙ୍ଗପଡ଼ାରେ ଖଣ୍ଡଯୁଦ୍ଧ କରିଥିଲେ । ପାଇକ ବିଦ୍ରୋହର ବୀରତ୍ୱର କାହାଣୀ ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା ।

# ପୂଣ୍ୟାତ୍ମା ବାଳକୃଷ୍ଣ କରଙ୍କ ୧୩୯ତମ ଜୟନ୍ତୀ



**ନିଶ୍ଚିନ୍ତକୋଇଲି,୬।୪/ଏନ୍‌ଏନ୍‌ଏସ୍:** ଆଜି ବିଶିଷ୍ଟ ସାମ୍ବାଦିକ ଦୈନିକ ଖବରକାଗଜ ମାତୃଭୂମିର ପ୍ରତିଷ୍ଠାତା ଶିଶୁ ସାହିତ୍ୟିକ ପୂଣ୍ୟାତ୍ମା ବାଳକୃଷ୍ଣ କରଙ୍କ ୧୩୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ତାଙ୍କ ନାମରେ ନାମିତ ବିଦ୍ୟାଳୟ ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରେ ଥିବା ପ୍ରତିମୂର୍ତ୍ତିରେ ବିଭିନ୍ନ ସଂଗଠନ ତରଫରୁ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରାଯାଇଛି । ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ସହିତ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ସରପଞ୍ଚ ଜୟଦେବ ରାଉତ, ଅନୀଲ ଭୂୟାଁ, ପ୍ରାକ୍ତନ ଜିଲ୍ଲାପରିଷଦ ବିନୋଦ ସାମଲ, ରମାକାନ୍ତ ଓଝା, ଯୁବନେତା ମନୋଜ ସେଠୀ, ସମିତିସଭ୍ୟ ପ୍ରଦୋଶ ସାହୁଙ୍କ ସମେତ ଜିଗ୍ନିପୁର, ଜୟରାମପୁର, ଫଗୋଳ ପଞ୍ଚାୟତର ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ପରିଷଦର ସଭାପତି ଗୌତମ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ମାଲ୍ୟାର୍ପଣ କରିଥିଲେ । ତାଙ୍କ ସହିତ ପୁରାତନ ବିଦ୍ୟାର୍ଥୀ ତଥା ଅବସରପ୍ରାପ୍ତ ଆଇଏଏସ୍ ସୁଧାଂଶୁ ଶେଖର ଦାସ, କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ସଂଧାରାଣୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ତଥା ପରିଷଦର ସହସଂପାଦକ ମନୋଜ ଘଡାଇ, ପ୍ରାକ୍ତନ ଶିକ୍ଷକ ଉତ୍ସବ ଦାସ, ଯୋଗାଯୋଗ କମିଟି ଅଧକ୍ଷ ଦୀପକ ପରିଡା, ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅସ୍ତରଙ୍ଗ,୬।୪/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ବରୁଣେଇ ସରକାରୀ ଉପର ପ୍ରାଥମିକ ବିଦ୍ୟାଳୟ, ମୁତୁଣିଆର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟ ମନୋଜ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅଧକ୍ଷ ବିଭୂତି ନାୟକ, ସିଆରସିସି ଏକବାଲ ହୋସେନ ଖାନ, ଅବସରପ୍ରାପ୍ତ ଶିକ୍ଷକ, ବିକ୍ରମ କିଶୋର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ଦଳାଇ, ବିଜୟ କୁମାର ଦଳାଇ, ପୂର୍ବତନ ସିଆରସିସି ଦୁର୍ଗା ପ୍ରସାଦ ଦାଶ, ଶିକ୍ଷାବିତ ଅଶୋକ ପାଢିଆରୀ ଓ ସମାଜସେବୀ ଦିବାକର ସାହୁ ଉପସ୍ଥିତ ଥିଲେ । ଅତିଥିମାନେ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୈତିକ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୃନ୍ଦାବନ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଯଶୋବନ୍ତ ଦଳାଇ,ପଦ୍ମ ଚରଣ ମଲ୍ଲିକ,ପାଣ୍ଡୁ ସିଂହ, ସରସ୍ୱତୀ ପରିଡା ଓ ମଧୁମିତା ସ୍ୱାଇଁ ସହଯୋଗ କରିଥିଲେ । ନୃତ୍ୟ ପରିଚାଳନା ସୌମ୍ୟରଞ୍ଜନ ସ୍ୱାଇଁ କରିଥିଲେ । ଉତ୍ସବରେ ଛାତ୍ର ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ ।

# ଦିବ୍ୟାଙ୍ଗଙ୍କ ବିକାଶ ପାଇଁ ପ୍ରଶିକ୍ଷଣ ଶିବିର

**ବାଲିପାଟଣା,୬।୪/ଏନ୍‌ଏନ୍‌ଏସ୍:** ସମଗ୍ର ଶିକ୍ଷା ଯୋଜନା ମାଧ୍ୟମରେ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ପାଇଁ ବିଭିନ୍ନ ପଦ୍ଧତି ଅନୁସରଣ କରାଯାଉଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ସହିତ କିପରି ବ୍ୟବହାର କରିବେ ଓ ସେମାନଙ୍କୁ ଶିକ୍ଷିତ କରିବାକୁ କେଉଁ ପଦ୍ଧତି ଅନୁସରଣ କରିବେ ସେଥିପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ସ୍ଥାନୀୟ ପଞ୍ଚାୟତ ବାଳିକା ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଦୁଇ ପର୍ଯ୍ୟାୟରେ ୬୦ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ ପାଞ୍ଚଦିନ ଧରି ଏହି ପ୍ରଶିକ୍ଷଣ ନେବାକୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି । ଆଜିର ଉଦଘାଟନ କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର, ସତ୍ୟଭାମା ଦାଶ,ସମାଜସେବୀ ଅରୁଣ ଶତପଥୀ, ଏବିଇଓ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ସାଧନକର୍ମୀ ଶାକମ୍ଭରି ପଣ୍ଡା, ରାଧାରାଣୀ ମିଶ୍ର, ସସ୍ମିତା ନାୟକ, ଅନିତା ସାହୁ, ପ୍ରସନ୍ନ କୁମାର ପଟ୍ଟନାୟକ ଓ ସସ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

# ସତ୍ୟସାଇ ବିଦ୍ୟାମନ୍ଦିର ୧୧ତମ ବାର୍ଷିକ ଉତ୍ସବ

**ଗୋପ,୬।୪/ଏନ୍‌ଏନ୍‌ଏସ୍:** ଗୋପ ଶିକ୍ଷାବିଭାଗ ଅଧିନ ବେଗୁନିଆ ସ୍ଥିତ ସତ୍ୟସାଇ ବିଦ୍ୟାମନ୍ଦିରର ୧୧ ତମ ବାର୍ଷିକ ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ତପନ କୁମାର ଦାସ ଯୋଗଦେଇ ବିକଶିତ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସଭାପତି ରଂଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିଶୁ ପତ୍ରିକା ‘ବାନରସେନା’ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଶିଶୁମାନେ ହେଉଛନ୍ତି ମାଟି ସଦୃଶ ସେମାନଙ୍କୁ ଅଭିଭାବକ ଓ ଶିକ୍ଷକ ଯାହା ଶିକ୍ଷାଦେବେ ସେମାନେ ସେପରିଭାବେ ଭଲ ମଣିଷ ହେବେ, ହେଲେ ଆଜିର ଡିଜିଟାଲ ଦୁନିଆରେ ଶିଶୁମାନଙ୍କ ଠାରୁ ମୋବାଇଲ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ସଞ୍ଜୟ କୁମାର ବରାଳ, ବିଶିଷ୍ଟ ବ୍ୟବସାଇ ଜୟଦେବ ମହାପାତ୍ର, ଶିକ୍ଷାବିତ ଦୟାନିଧି ବେହେରା ସତ୍ୟସାଇ ବିଦ୍ୟାମନ୍ଦିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୋଇ, ସମ୍ପାଦିକା ସୁଧାମୟୀ ଖଟୋଇ ପ୍ରମୁଖ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମୋନାଲିସା ରଥ, ରୋଜାଲିନ ବଳିୟାରସିଂ, ଅନୁସୟା ଜେନା, ଦୀପାଞ୍ଜଳି କାଣ୍ଡି କୁମକୁମ ରାୟ, ଅଙ୍କିତା ପ୍ରିୟଦର୍ଶିନୀ, ସୁଷମା ସେନାପତି, କମ୍ପ୍ୟୁଟର ଶିକ୍ଷକ ସତ୍ୟବ୍ରତ ଭୋଇ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ସଂଗ୍ରାମ କେଶରୀ ଭୋଳ କାର୍ଯ୍ୟକ୍ରମଟିକୁ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ ।

# ମନମୋହିଲା ଐତିହାସିକ ରାମଲୀଳା ନାଟକ



**ମୁଣ୍ଡମୁହାଣ,୬।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଲା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ରୋମାଞ୍ଚକର ହେଉଛି । ଆଜି ଏକାଦଶ ସନ୍ଧ୍ୟାରେ ଶ୍ରୀଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି । ନାଟକର ଏକାଦଶ ସନ୍ଧ୍ୟାରେ ରାମନାଟକ ଛତ୍ରମୁକୁଟ ଓ ଅଙ୍ଗଦପଡ଼ି ପରିବେଷିତ ହୋଇଯାଇଛି । ସେତୁବନ୍ଧ ପ୍ରତିଷ୍ଠା ପରେ ବାନର ସେନାଙ୍କ ସହ ପ୍ରଭୁ ରାମଚନ୍ଦ୍ର ଲଙ୍କାକୁ ଯାଇ ରାବଣର ମକୁଟକୁ ଶିର ଦ୍ୱାରା ଅଲଗା କରିଦେଇଥିଲେ । ବିଭିନ୍ନ ଭୂମିକାରେ ଭରତ ବାରିକ(ରାମ), ସୁନୀଲ୍ ମଙ୍ଗରାଜ(ଲକ୍ଷ୍ମଣ), ମୁରଲୀ ପ୍ରଧାନ (ସୀତା), ସଙ୍କର୍ଷଣ ମଙ୍ଗରାଜ(ହନୁମାନ), ସନ୍ତୋଷ ପ୍ରଧାନ(ରାବଣ), ସଞ୍ଜୟ ପରିଡ଼ା(ମନ୍ଦୋଦରୀ), ସୁକାନ୍ତ ପରିଡା(ତ୍ରିଜଟା) କଳା ପ୍ରଦର୍ଶନ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ଆଜି ନାଟକରେ ଚରଣ ମଙ୍ଗରାଜ, ମିଟୁ ପ୍ରଧାନ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ ।

# ଲୋକନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ପୁରୀ,୬।୪/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ତେଣୁ ପୁରୀ ମହାନଗର ନିଗମ ଦ୍ୱାରା ପ୍ରସିଦ୍ଧ ଶ୍ରୀଲୋକନାଥ ମନ୍ଦିର ପରିସରରେ ଆଜି ପ୍ରତ୍ୟୁଷରୁ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା । ଏଥିରେ ପୁରୀ ମହା ନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ସାମାଜିକ ଅନୁଷ୍ଠାନ ହାପିନେସ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ ଦେଇ ସ୍ୱଚ୍ଛତା ରେ ସାମିଲ ଥିଲେ । ଏହା ସହ ସମସ୍ତ ବ୍ଲକ ଓ ସହରାଞ୍ଚଳରେ ବିଭିନ୍ନ ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ ଆଦି ମାନଙ୍କରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।


## AFFIDAVIT

By virtue of affidavit no. 273/026 sworn before the Executive Magistrate, Ghatgaon, Keonjhar dtd. 02.04.2026 I, Raghunath Naik, S/o- Late Hari Naik, Vill - Nakajhari, Po- Rajabandha, Ps- Ghatgaon, Dist- Keonjhar, Odisha, Pin-758027 declare that I have changed my name from Raghunath Karjee to Rahhunath Naik. Henceforth I shall be known as **Raghunath Naik** for all future purpose.

## AFFIDAVIT

By virtue of an affidavit sworn before K. Venkataswar Roy, Nimapara, dated 04.04.2026 I, Subodha Patra, Address Vill - Godaitapokhari, Po- Nuapatana, Ps- Charichhak, Dist- Puri, Odisha, Pin-752113 declare that I have changed the name of my daughter from Jizalin Patra to Dijalin Patra. Henceforth, she shall be know as Dijalin Patra for all purposes.

**Sd/- Subodha Patra**

## AFFIDAVIT

By virtue of an Affidavit sworn before the Executive Magistrate, Gop, dtd-04.04.26, I Pradip Nayak, aged about 43 years, S/O- Pandab Charan Nayak, At- Otarsasan, Po-Desthali, P.s-Gop, Dist-Puri, Odisha, Pin-752107, declare that I have changed my minor daughter name from Jagyaneseni Nayak (Old name) to Jangyaseni Nayak (New name). Henceforth she shall be known as Jangyaseni Nayak for all purposes.

**Sd/- Pradip Nayak**

## AFFIDAVIT

By virtue of an Affidavit sworn before the Executive Magistrate, Nabarangpur, dtd-30.03.2026, I Sri Narendra Takri, At/Po- Maidalpur, Ps-Maidalpur,Dist- Nabarangpur, Odisha, Pin-764071, do hereby declare that actual name of my minor daughter is Khusi Takri which is mentioned in her Aadhaar card bearing No:3955 0106 9004, but her name has been wrongly mentioned as Khusi Harijan, D/o-Narendra Harijan (Father) & Rina Harijan (Mother) in her birth Certificate. That this affidavit is required to be produce before the concern Register of Birth & Deaths, District Headquarter Hospital, Nabarangpur, to rectify my daughter's name as Khusi Takri, D/o-Narendra Takri (Father) & Rina Takri (Mother).

**Sd/- Sri Narendra Takri**

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO. II: CUTTACK
## GOVERNMENT OF ODISHA “e” Procurement Notice

E-mail I.D.- eepwdcuttack2@gmail.com,
Tal/Fax No. (0671) - 2973399

**e-procurement Notice for Building work**
**Bid Identification No. S.E. CTC (R&B)-II-22 of 2025-26**

1. Name of the work : 12 No of Building Work
2. Estimated Cost : Rs.7,57,981/- to Rs.24,18,685/-
3. Period of completion : 1 (One) - 2 (Two) calendar months
4. Date & time of sale & receipt of bid docuement : From 06.04.2026 to 5PM of 15.04.2026
5. Last date / time of receipt of bids : 5 PM of 15.04.2026
6. Date & time of opening of Bids : 11AM of 16.04.2026
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in
Any addendum / corrigendum / cancellation of tender can also be seen in the said website.

**Sd/- Superintending Engineer**
OIPR-34001/34137/1/26-27/0001 34001/20/2627 **Bhadrak (R&B) Division**

## PANCHAYAT SAMITI, GUMMA, DIST-GAJAPATI (ODISHA) PIN-761207

Advt. No-01/2026-27 Date : 06.04.2026

19001/14/2627

## TENDER CALL NOTICE

Sealed tenders (Percentage rate) are invited for 04 nos of works from the interested "B"/ "C" / "D" Class Contractors registered with the Govt. for execution of civil, works under Panchayat Samiti, Gumma, Dist- Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before 3.00 PM of 21.04.2026 through Regd/Speed post and the same will be opened on 11.00 AM of 22.04.2026. The undersigned reserves the right to reject any or all the tender(s) without assigning any reason thereof.

**Sd/- Block Development Officer, Gumma Gajapati**
OIPR-19001/19347/1/26-27/0001

## ODISHA HYDRO POWER CORPORATION LTD.,
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-199/ 2190 Date : 04.04.2026

**TENDER CALL NOTICE NO. HHEP-31/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from reputed manufacturers / authorized dealers / suppliers for supply of following materials to HHEP,Burla as mentioned below

| Description of work | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of Electrical consumable items for Residential and Non-Residential Buildings of HHEP, Burla | Rs 4720/- (Rs. 4000 + GST @ 18%) | 6200/- |

- Sale of tender paper : 09.04.2026 (10.00AM) to 21.04.2026 upto 11.30AM
- Receipt of tender paper : 21.04.2026 upto 12.00Noon
- Date & time of opening of tender : 21.04.2026 at 12.30PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpcltd.com.

**C&P Head, HHEP, Burla**
OIPR-4001/4007/1/26-27/0001 4001/9/2627

OFFICE OF THE
## MUNICIPAL COUNCIL, KEONJHARGARH
13001/50/2627
At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail-keonjharm.hud@rediffmail.com

**Letter No. 5505/KGM** **Date- 30.03.2026**

**QUOTATION CALL NOTICE FOR HIRING OF VEHICLES**

The Executive Officer, Keonjhargarh Municipality on behalf of Keonjhargarh Municipal Council, Dist- Keonjhar invites sealed quotations from the intending Lorry / truck owners/ transporters/ transport agencies having valid GST Registration number, PAN Card, fast tracking bank facility etc for engagement of Lorry / trucks in Wealth Centers' of Keonjhargarh Municipality for transportation of "Non- Saleable Plastic Waste" to Dalmia Cement factory, Rajgangpur . The Quotations papers can be obtained from the office of the Municipal Council, Keonjhargarh during office hours from **dt. 13.04.2026 to Dt.16.04.2026 up to 11.00 AM** (expect Government Holidays) or can be downloaded from the office website ( www.keonjhargarhmc.in ) on payment of Rs 5,000/- ( Rupees Five Thousand ) only ( Non- Refundable ) as cost of Bid Documents in form of DD and Rs 10,000/- (Rupees Ten Thousand)only as EMD in shape of D.D / F.D / TDR duly pledged in favour of Executive Officer, Keonjhargarh Municipality from any Nationalized Scheduled Bank to be drawn at Keonjhar . The Quotations in the prescribed format (in ANNEXURE I) accompanied with all documents will be received from **Dt.13.04.2026 to Dt.16.04.2026 up to 11:00 AM** (expect Government Holidays) in the office of the undersigned by only Speed Post /Courier. The Quotations will be opened on **Dt.16.4.2026 at 12:30** PM in the presence of the tenderers or their authorized representatives, who wish to be present at the time of opening of the tender. In case this date happens to be closed for any reason, the tender will be opened on the immediate next working day at the same designated place and time. The rates should be quoted clearly both in words and figure including all taxes, all charges, loading and unloading etc. but excluding GST. The GST will be paid as per present rate as declared by the Government time to time. No quotation will be entertained after scheduled date & time. The authority will not be held responsible for any postal delay or any reason for non-submission of bid document in the office. **The bidders may also quote their rates on own letter pad in prescribed formats.**

The undersigned reserves the right to reject any or all tenders without assigning any reasons thereof. The ender can be seen in the office website of Keonjhargarh Municipality i.e. www.keonjhargarhmc.in

Sd/- Executive Officer, Keonjhargarh Municipality
OIPR-13001/13115/1/26-27/0001

34001/3/2627

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com

E-Procurement Notice-24
No. 1673 Date 31.03.2026
Invitation For Bids
Bid Identification No. SER&BKHR - 24 /2025-26

| | | |
|---|---|---|
| 1 | The Superintending Engineer, Kharíar (R&B) Division, Khariar on behalf of Governor of Odisha, invites percentage rate bids in Single Cover system in ONLINE MODE only. The Office Memorandum of Govt. of Works Department No.07764600022025-173/W Bhubaneswar Dt.03.01.2026 of Principal Secretary to Govt. Sub- Amendment of Codal & Contractual Provisions to be followed scrupulously. | |
| 2 | Nature of work | Construction of Boundary wall |
| 3 | No. of work | 01 No. work. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 10.04.2026 to 17.00 Hours of 20.04.2026 |
| 7 | Date of opening of Bid | Dt. 21.04.2026 at 11:00 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/-
Superintending Engineer,
Khariar (R&B) Division, Khariar
OIPR-34001/34062/1/26-27/0001

## ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଡିଗ୍ରୀଧାରୀ ଡାକ୍ତରଙ୍କ ପ୍ରତିବାଦ

**କଟକ,୬।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଖାଲି ଥିବା ଡାକ୍ତର ପଦବୀ ପୂରଣ ପାଇଁ ଗତବର୍ଷ ମେ ମାସରେ ଓପିଏସସି ଦ୍ୱାରା ନିଯୁକ୍ତି ପରୀକ୍ଷା ଓ ସାର୍ଟିଫିକେଟରେ ଯୋଗ୍ୟତା ଅର୍ଜନ ସତ୍ତ୍ୱେ ପାସ୍ ଧାରୀ ଡାକ୍ତରଙ୍କୁ ନିଯୁକ୍ତି ମିଳୁନଥିବା ଅଭିଯୋଗ ହୋଇଛି । ଓପିଏସସି ଦ୍ୱାରା ୫ହଜାର ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ନିଯୁକ୍ତି ପରୀକ୍ଷାରେ ୩ହଜାର ପ୍ରାର୍ଥୀ ପରୀକ୍ଷା ଦେଇଥିଲେ । ଏଥିରୁ ୧ହଜାର ୮୪୦ଜଣ ପ୍ରାର୍ଥୀ ପାସ କରିଥିଲେ । କୃତକାର୍ଯ୍ୟ ହୋଇଥିବା ସମସ୍ତ ଏମବିବିଏକ ଡିଗ୍ରୀଧାରୀ ଡାକ୍ତରଙ୍କ ସାର୍ଟିଫିକେଟ ଯାଞ୍ଚ ପରେ ପ୍ରାୟ ୮୨୨ଜଣଙ୍କୁ ନିଯୁକ୍ତି ମିଳିଥିଲା । ଆହୁରି ୧ହଜାର ୧୮ ଜଣଙ୍କୁ ନିଯୁକ୍ତିପତ୍ର ମିଳିପାରିନାହିଁ ବୋଲି ଆନ୍ଦୋଳନରତ ଡାକ୍ତରମାନେ ଅଭିଯୋଗ କରିଛନ୍ତି । ଡଃ. ଗୋବର୍ଦ୍ଧନ ପ୍ରଧାନ, ଡଃ ତୁଫାନ ସାହୁ, ଡଃ ଯୋଗେଶ ସାହୁ, ଡଃ ନିଖିଲ ପ୍ରସାଦ ପ୍ରମୁଖଙ୍କ ନେତୃତ୍ୱରେ ସୋମବାର ଡାକ୍ତରଛାତ୍ରମାନଙ୍କ ଏକ ପ୍ରତିନିଧି ଓପିଏସସି ଚେୟାରମ୍ୟାନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଡିଗ୍ରୀଧାରୀ ଶତାଧିକ ଡାକ୍ତର ଛାତ୍ରମାନେ ସେମାନଙ୍କ ଦାବି ନେଇ ସୋମବାର ମଧ୍ୟାହ୍ନରେ ଓପିଏସ୍‌ସି କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ଓଡ଼ିଶା ପକ୍ଷ ପାଳନର ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ

**କଟକ,୬।୪/ଏନ୍‌ଏନ୍‌ଏସ୍:** ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସରୁ ଆରମ୍ଭ କରି ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ କରାଯାଉଛି । ଏହି ସମାରୋହକୁ ଲୋକଙ୍କ ସହଭାଗିତାରେ ପାଳନ କରିବା ପାଇଁ ବ୍ଲକଠୁ ନେଇ ରାଜ୍ୟସ୍ତରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଧବଳେଶ୍ୱର ମନ୍ଦିରରେ ଏକ ସଫେଇ ଅଭିଯାନ କରାଯାଇଛି । ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ, ଦେବୋତ୍ତର, ଧବଳେଶ୍ୱର ମନ୍ଦିରର କର୍ମଚାରୀ ଏବଂ



ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଉପସ୍ଥିତିରେ ଏହି ସଫେଇ ଅଭିଯାନ କରାଯାଇଥିଲା । ସିଏମସି ମେୟର୍ ସୁବାସ ସିଂହ, କମିଶନର କିରଣଦୀପ କୌର ସହୋତା, କଟକ ମହାନଗର ନିଗମର ବିଭିନ୍ନ ଅଧିକାରୀ, ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଆଜି ବାରବାଟୀ ଦୁର୍ଗ, ଗଡ଼ଖାଇ ମନ୍ଦିର ଆଦି ଐତିହ୍ୟ ସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି ।

ଏଥିସହ ଚଣ୍ଡିମନ୍ଦିର, ନେତାଜୀ ଜନ୍ମସ୍ଥାନ ଏବଂ ସଂଗ୍ରହାଳୟ, ସ୍ୱରାଜ ଆଶ୍ରମ, ସାମୁଦ୍ରିକ ସଂଗ୍ରହାଳୟ, ଦୋଳମୁଣ୍ଡାଇ ସ୍ଥିତ ଜଗନ୍ନାଥ ମନ୍ଦିର, ଧାକୁଲାଇ ପୀଠ ପ୍ରତାପନଗରୀ ଏବଂ ଗାନ୍ଧୀ ସ୍ମୃତିପୀଠ ଭଳି ସ୍ଥାନଗୁଡ଼ିକରେ ମଧ୍ୟ ସ୍ୱଚ୍ଛତା ଅଭିଯାନ କରାଯାଇଛି । ଏହି ଅବସରରେ ସ୍ୱଚ୍ଛତାକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦିଆଯାଇଛି ।

## ଟ୍ରିମ୍ସ ପଲିଟେକ୍‌ନିକ କ୍ୟାମ୍ପସ୍ ଚୟନରେ ୪୧୯ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି



**କଟକ,୬।୪/ଏନ୍‌ଏନ୍‌ଏସ୍:** ଟ୍ରିମ୍ସ ପଲିଟେକ୍‌ନିକ(ସ୍ୱୟଂଶାସିତ) କ୍ୟାମ୍ପସ ଚୟନରେ ବିଭିନ୍ନ ବିଭାଗର ୪୧୯ଜଣ ଛାତ୍ରଛାତ୍ରୀ ଦେଶର ପ୍ରତିଷ୍ଠିତ ଉଦ୍ୟୋଗମାନଙ୍କରେ ନିଯୁକ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଲ୍ ଆଣ୍ଡ ଟି, ଏକ୍‌ଜିକମ୍ ଟେଲି ସିଷ୍ଟମ୍, କୁମୁନ୍ସ ଇଣ୍ଡିଆ, ୟୋକୋହାମା ଅଫ୍ ହାଇୱେ ଟାୟାର୍, ଶୋଭା ଲିମିଟେଡ୍, ଗ୍ରୀନ୍‌କୋ ଗ୍ରୁପ୍, ଆମ୍ପିନ୍ ସୋଲାର, ସେଷ୍ଟମ୍ ଇଲେକ୍‌ଟ୍ରୋନିକ୍ସ, ଥରର୍ମାକ୍ସ ଲିମିଟେଡ୍ ପ୍ରଭୃତି ଉଦ୍ୟୋଗରେ ଏହି ନିଯୁକ୍ତି ମିଳିଛି । ଏହି ଉପଲକ୍ଷେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ୍‌ଆମ୍ବାସଡର୍ ଭାବରେ ବର୍ଣ୍ଣନା କରି ବୃତ୍ତିଗତ ଜୀବନରେ ନିଜର ଦକ୍ଷତା ପ୍ରଦର୍ଶନ କରି ନିଜର ଶିକ୍ଷାନୁଷ୍ଠାନ ଏବଂ ପିତାମାତାଙ୍କ ଗୌରବ ବୃଦ୍ଧି କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ନିରନ୍ତର ପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ଆଧାରରେ ଏଭଳି ସଫଳତା ମିଳିପାରିଛି ବୋଲି କହିଥିଲେ । ଟ୍ରେନିଂ ଓ ପ୍ଲେସ୍‌ମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଉପଦେଷ୍ଟା ପ୍ରଫେସର୍ ସୁଶାନ୍ତ କୁମାର ଦାସ,'ଡିନ୍' (ଭାରପ୍ରାପ୍ତ) ଡ. ଶ୍ରୀକାନ୍ତ କୁମାର ଓଝା, ସିଡିସି ନିର୍ଦ୍ଦେଶକ ରମାକାନ୍ତ କାଷ୍ଠା, ଜିତେନ୍ଦୁ କୁମାର ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭାଗୀୟ ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ । ଅଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ବିକ୍ଷୋଭ

**କଟକ,୬।୪/ଏନ୍‌ଏନ୍‌ଏସ୍:** ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଦ୍ୱାରା ନବଗଠିତ ରାଜନୈତିକ ଦଳ ତଥା ଓଡ଼ିଶା ଜନତା କଂଗ୍ରେସ (ଓଜେସି) ଆଜି ସର୍ବପ୍ରଥମ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇଛି । ସର୍ବପ୍ରଥମେ ଏହି ଦଳର ଆନ୍ଦୋଳନ କଟକ ମହାନଗର ନିଗମ କାର୍ଯ୍ୟାଳୟରୁ ଆରମ୍ଭ ହୋଇଛି । କଟକ ମହାନଗର ନିଗମରେ ବିଭିନ୍ନ କ୍ଷେତ୍ରରେ ଅନିୟମିତତା ଏବଂ ଦୁର୍ନୀତିକୁ ବିରୋଧ କରି ଓଜେସି ପକ୍ଷରୁ ଆନ୍ଦୋଳନ କରାଯାଇଛି । ଦଳର ଶତାଧିକ କର୍ମୀମାନେ ସ୍ଥାନୀୟ ନୟାସଡ଼କରୁ ଏକ ଶୋଭାଯାତ୍ରାରେ ଆସି କଟକ ମହାନଗର ନିଗମ କାର୍ଯ୍ୟାଳୟଠାରେ ଦୁର୍ନୀତି ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦେଖାଦେଇଥିବା ଅନିୟମିତତା ସମ୍ପର୍କରେ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରତିବାଦ ଜଣାଇଥିଲେ । ଏଥିସହିତ ନିଗମରେ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗ କରି ସିଏମସି କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉକ୍ତ ସ୍ମାରକପତ୍ରରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କଟକ ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଏବଂ ବହୁ ଅନିୟମିତତା ରହିଛି । ଏ ସମ୍ପର୍କରେ ଉପଯୁକ୍ତ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ଓଡ଼ିଶା ଜନତା କଂଗ୍ରେସର କଟକ ଜିଲ୍ଲାର ନେତ୍ରୀ ଗିରିବାଳା ବେହେରା, ଶୈବାଳିନୀ ବେହେରା, ଗୌରୀ ଦାସ, କେଦାର ପୃଷ୍ଟି ଓ ନିକୁଞ୍ଜ ପଶାୟତ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଏହି ଅବସରରେ ଦଳ ପକ୍ଷରୁ ସିଏମସି କମିଶନରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।



## ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର

**କଟକ,୬।୪/ଏନ୍‌ଏନ୍‌ଏସ୍:** ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ଓ ଆଲୋଚନା ଚକ୍ର ଚାଉଳିଆ ଗଞ୍ଜ ସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ. ପଣ୍ଡିତ ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଆସରକୁ ଡ. କମଳାକାନ୍ତ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ମହେନ୍ଦ୍ର ପ୍ରସାଦ ମହାପାତ୍ର,ସମ୍ମାନୀୟ ଅତିଥି ଭାବେ ଡ. ସତ୍ୟ ରଞ୍ଜନ ଜେନା ଯୋଗ ଦେଇ ସାହିତ୍ୟ ସମାଜକୁ ଯୋଡ଼ିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଡ. ବସନ୍ତ କୁମାରୀ ନନ୍ଦ ଓ ସନ୍ଧ୍ୟା ଶତପଥୀଙ୍କ ସଂଯୋଜନାରେ ଡ. ଶୁଭଶ୍ରୀ ପଟ୍ଟନାୟକ, ପ୍ରଣତି ରାଉତ, ସଚ୍ଚିଦାନନ୍ଦ କର, ସସ୍ମିତା ପଟ୍ଟନାୟକ, ଅକ୍ଷୟ କୁମାର ସାହାଣୀ, ମୈତ୍ରୀ ଭୂଷଣ ଖୁଣ୍ଟିଆ, ନଳିନୀ ପ୍ରଭା ଦାଶ, ସୁରେନ୍ଦ୍ର ମହାପାତ୍ର, ଛବିରାମ୍ ସେଠୀ, ଉତ୍ତମ ଚରଣ ପ୍ରଧାନ, ମନୋଜ ବସନ୍ତ ରାୟ, ବସନ୍ତ କର ସାହୁ, ବିଧୁ ଭୂଷଣ ମହାନ୍ତି, ନିବେଦିତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୬।୪/ଏନ୍‌ଏନ୍‌ଏସ୍:** ଆଠଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୪ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା ଓ କୃଷି ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧୩ ତାରିଖରେ ମାହାଙ୍ଗା ବ୍ଲକଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।



## ମାଁ' ଜାଗେଶ୍ୱରୀଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

**ସାକ୍ଷୀଗୋପାଳ,୬।୪/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଜୟପୁର ପଞ୍ଚାୟତର ସେନାପତି ସାହି, ମଠ ସାହି ଓ କମାର ସାହିର ମିଳିତ ସହଯୋଗରେ ମାଁ' ଜାଗେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଯାଇଛି । ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରୁ ଏକ ୧୦୮ କଳସ ଶୋଭାଯାତ୍ରା ବାହାରି ଚନ୍ଦନ ପୋଖରୀଠାରେ ପୂଜାର୍ଚ୍ଚନା ପୂର୍ବକ କଳସ ବୁଡ଼ାଯାଇଥିଲା । ପରେ ଏହି ଶୋଭାଯାତ୍ରା ସାକ୍ଷୀଗୋପୀନାଥ ମନ୍ଦିର ସିଂହଦ୍ୱାର ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । କର୍ତ୍ତା ଭାବେ କୃପାସିନ୍ଧୁ ଜେନା ଓ ଧର୍ମିଣୀ, ରଶ୍ମିରଞ୍ଜନ ପଟ୍ଟନାୟକ ଓ ସହଧର୍ମିଣୀ ଗାୟତ୍ରୀ ପଟ୍ଟନାୟକ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପୂର୍ଣ୍ଣାହୁତି ଆସନ୍ତା ୯ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହେବ । ପଣ୍ଡିତ ପଦ୍ମନାଭ ଷଡ଼ଙ୍ଗୀ, ପଣ୍ଡିତ ରବିନାରାୟଣ ମହାପାତ୍ର, ଆଚାର୍ଯ୍ୟ ନାରାୟଣ ନନ୍ଦ, ପଣ୍ଡିତ ବସନ୍ତ କୁମାର ମହାପାତ୍ର, ପଣ୍ଡିତ ଶିବାଶିଷ ମହାପାତ୍ର, ପଣ୍ଡିତ ମନୋଜ ପାଣିଗ୍ରାହୀ ଓ ପଣ୍ଡିତ ରଶ୍ମିରଞ୍ଜନ ମିଶ୍ର ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି । ଏହି ମହୋତ୍ସବରେ ପବେଇ ସେନାପତି, ରବି ପ୍ରଧାନ, କେଦାର ସେନାପତି, ରାଜକିଶୋର ସେନାପତି, କାହ୍ନା ସେନାପତି, ନବକିଶୋର ଦଳାଇ, ସୌରଭ ପଟ୍ଟନାୟକ, ଜୟକୃଷ୍ଣ ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ପପୁ ମହାରଣା, ହାଡ଼ିବନ୍ଧୁ ପ୍ରଧାନ, ନବକିଶୋର ସେନାପତି, ସଞ୍ଜୟ ପାତ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଛନ୍ତି ।

## ବିଲଭାନି ୟୁନାଇଟେଡ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

**କଟକ,୬।୪/ଏନ୍‌ଏନ୍‌ଏସ୍:** ନୂଆପଡ଼ାସ୍ଥିତ ବିଲଭାନି କ୍ଲାସେସ୍ ତରଫରୁ ବିଲଭାନି ୟୁନାଇଟେଡ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଅନ୍ଦରପୁରସ୍ଥିତ ରେଡକ୍ରସ ଖେଳ ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଲଭାନି ୱାରିୟର୍ସ, ବିଲଭାନୀ ଇ ବ୍ଲାଡେସ, ବିଲଭାନୀ ପ୍ରାଇମ, ବିଲଭାନୀ ଚାଲେଞ୍ଜର, ବିଲଭାନୀ ସୌଲ, ବିଲଭାନୀ ଏସ ବ୍ଲାଡେସ ଆଦି ୬ଟି ଦଳ ଅଂଶଗ୍ରହଣ କରିଥିଲେ । ଉକ୍ତ ଅନୁଷ୍ଠାନରେ ୨୦୧୮ରୁ ୨୦୨୬ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପ୍ରାୟ ୮୦ଜଣ ଛାତ୍ରଙ୍କ ମଧ୍ୟରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା । ଫାଇନାଲ ମ୍ୟାଚଟି ବିଲଭାନି ୱାରିୟର୍ସ ବନାମ ବିଲଭାନି ଚାଲେଞ୍ଜର୍ସ ମଧ୍ୟରେ ହୋଇଥିବା ବେଳେ ବିଲଭାନି ୱାରିୟର୍ସ ଚମ୍ପିଆନ ହୋଇଥିବା ବେଳେ ପ୍ରଭୁ ପ୍ରସାଦ ମହାରଣାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଘୋଷଣା କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ଅନ୍ଦରପୁର ସାହି ଅଧିକାରୀ ତଥା ଶିକ୍ଷାବିତ ପ୍ରମୋଦ କୁମାର ଭୋଳ, ୱାର୍ଡ ସଭାପତି ସାରଙ୍ଗପାଣି ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଅମର ସାମନ୍ତରାୟ, ସମାଜସେବୀ ଡଃ ବ୍ୟୋମକେଶ କାନୁନ୍‌ଗୋ ପ୍ରମୁଖ ଅତିଥି ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ପ୍ରଭାକର ଶତପଥୀ ସଂଯୋଜନା କରିଥିବା ବେଳେ ବିଶ୍ୱପ୍ରିତ ମିଶ୍ର ପରିଚାଳନା କରିଥିଲେ । ରାଜୀବ ନାୟକ ଧନ୍ୟବାଦ୍ ଦେଇଥିଲେ ।




## ମର୍ଣ୍ଣିଂଷ୍ଟାର୍ ପକ୍ଷରୁ ବନ୍ଧୁମିଳନ



**କଟକ,୬।୪/ଏନ୍‌ଏନ୍‌ଏସ୍:** ଭୁଆସୁଣୀପୀଠରେ ମର୍ଣ୍ଣିଂଷ୍ଟାର ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାମୂଳକ ଖେଳ ଅନୁଷ୍ଠିତ ହୋଇଥିଲା । କୃତି ଖେଳାଳିମାନଙ୍କୁ ପୁରସ୍କାର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକ ସତ୍‌ସଙ୍ଗ ବିହାରର ପରିଚାଳକ ସନାତନ ନାୟକ ଯୋଗଦେଇଥିଲେ । ଶ୍ରୀକାନ୍ତ ରାଉତରାୟ, ବଂଶୀଧର ଶାସେନି, ବିକ୍ରମ ସାହୁ, ଅମିୟ ବେହେରା, ମନୋଜ ବାରିକ, ବ୍ରଜକିଶୋର ସିନା, ପୂର୍ଣ୍ଣଚନ୍ଦ୍ର ମହାମାନସିଂ, ଦିପେଶ ମହାମାନସିଂ, କୃଷ୍ଣାନନ୍ଦ ମହାମାନସିଂହ, ବିକାଶ ବେହେରା, ରଞ୍ଜନ ମହାରଣା, ସୁଶୀଲ ପଟ୍ଟନାୟକ, ନନ୍ଦକିଶୋର ସିନା, ପୂର୍ଣ୍ଣଚନ୍ଦ୍ର ବେହେରା, ଦୀପୁ ବେହେରା, ଶ୍ରୀନିବାସ ରଣା, ଉମେଶ ସାହୁ, ସଂକେତ କର, ପ୍ରଭାସ ପ୍ରଧାନ ଓ ସ୍ୱରୂପ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କଟକ ଜିଲ୍ଲାରେ ଖରିଫ ୨୦୨୫-୨୬ ବର୍ଷର ଧାନ ସଂଗ୍ରହ

**କଟକ,୬।୪/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲାରେ ଚଳିତ ଖରିଫ ୨୦୨୫-୨୬ ବର୍ଷର ଧାନ ସଂଗ୍ରହ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଦ୍ୟାବଧି ସମାପନ ହେବାକୁ ଯାଉଛି । ଗତବର୍ଷ ୬୬ହଜାର ୫୦୬ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୬୨ହଜାର ୮୮୮ଜଣ ଚାଷୀ ୧୯୭୧୩୯୦କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ । ଚଳିତବର୍ଷ ଚାଷୀ ପଞ୍ଜୀକରଣ ବୃଦ୍ଧି ହୋଇ ୭୨ହଜାର ୪୫୪ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି । ତନ୍ମଧ୍ୟରୁ ୭୧୩୮୪ ଜଣ ଚାଷୀ ୨୨୨୬୫୦୩ କ୍ୱିଣ୍ଟାଲ ଧାନ ୨୫୦ଟି ଧାନ ମଣ୍ଡିରେ ଅଦ୍ୟାବଧି ବିକ୍ରୟ କରିଛନ୍ତି । ସମବାୟ ବିଭାଗ ତରଫରୁ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସମସ୍ତ ମଣ୍ଡିରେ ବିଶ୍ରାମ ସ୍ଥାନ, ପାନୀୟଜଳ ଓ ଶୌଚାଳୟ ଆଦି ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଖରାପ ପାଗର ମୁକାବିଲା କରିବା ପାଇଁ ମଣ୍ଡିମାନଙ୍କରେ ଧାନ ସୁରକ୍ଷିତ ରଖିବା ପାଇଁ ଗୋଦାମ ଓ ଅସ୍ଥାୟୀ ଘରର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କଟକ ଜିଲ୍ଲାର ଧାନ ସଂଗ୍ରହ ପ୍ରକ୍ରିୟାର ବିବରଣୀ ପ୍ରତିଦିନ ନେବା ଓ ସୁବିଧା ଅସୁବିଧା ବୁଝିବା ସହ ସମାଧାନର ପ୍ରଚେଷ୍ଟା କରିଥିଲେ । ସମସ୍ତ ମଣ୍ଡି ସିସିଟିଭି ନିରୀକ୍ଷଣରେ ରହି ଧାନ ସଂଗ୍ରହ ପ୍ରକ୍ରିୟା ସମାପନ କରିଛନ୍ତି । ମଣ୍ଡି ସୁପରିଚାଳନା ଓ ତଦାରଖ କରିବା ପାଇଁ ସରକାରୀ ସ୍ତରରେ ମଣ୍ଡି ନୋଡ଼ାଲ ଅଫିସର, ମଣ୍ଡି ସୁପରଭାଇଜର୍, ଏରିଆ ଅଫିସର ଓ ତଦାରଖ ଦଳ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । କଟକ ଚାଷୀ ଓ ଚାଷକୁ ପ୍ରାଥମିକତା ଦିଆଯାଇ ଜିଲ୍ଲା କର୍ତ୍ତୃପକ୍ଷ, ସମବାୟ ବିଭାଗ, ଯୋଗାଣ ବିଭାଗ ଓ ମିଲର୍‌ମାନଙ୍କ ସାମୂହିକ ସହଯୋଗରେ ଚଳିତବର୍ଷ ଅଧିକ ପରିମାଣର ଧାନ ସଂଗ୍ରହ ହୋଇପାରିଛି ।

## ବିଜେପି ପ୍ରତିଷ୍ଠା ଉତ୍ସବରେ ବରିଷ୍ଠଙ୍କୁ ସମ୍ମାନିତ କଲେ ସ୍ମୃତି

**କଟକ,୬।୪/ଏନ୍‌ଏନ୍‌ଏସ୍:** ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ଆଜି କଟକ ସହରରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଗୌରିଶଙ୍କର ପାର୍କଠାରେ ପତକା ଉତ୍ତୋଳନ କରାଯିବା ସହ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଶ୍ରୀମତୀ ପଟ୍ଟନାୟକ ଦଳର ଇତିହାସ, ସଂଘର୍ଷ ଏବଂ ବର୍ତ୍ତମାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି ସ୍ମୃତି ପଟ୍ଟନାୟକ କହିଥିଲେ ଯେ '୧୯୮୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ଦଳ ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଛି । ବିନୋଦ ଦାଶ, ପ୍ରଦୀପ କୁମାର ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର, ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମିଶ୍ର, ଦେବାଶିଷ ରାୟ, ଶୁକାନ୍ତ ସାଁ, ଧୀରେନ କୁମାର ସେଠୀ, ପ୍ରବୀଣା ମହାପାତ୍ର, ସଂଯୁକ୍ତା ମିଶ୍ର, ଅମ୍ବିକା ଦାସ, ରୀତା ମହାପାତ୍ର, କର୍ପୋରେଟର୍ ଲକ୍ଷ୍ମୀଧର ବେହେରା, ପ୍ରତିଭାମଞ୍ଜରୀ ସାହୁ, ବିଜୟ ଦଲେଇ, ମଳୟ ଶଙ୍କର ରାୟ, ୱାଇ ବାଣୀ, ଭି. ସ୍ୱାତୀ, ସରୋଜ ରାଉତଙ୍କ ସହିତ ଜିଲ୍ଲାର ବହୁ ବରିଷ୍ଠ ନେତୃବୃନ୍ଦ, ମଣ୍ଡଳ ସଭାପତି ଏବଂ ଶତାଧିକ କର୍ମକର୍ତ୍ତା ଯୋଗ ଦେଇ ଦଳୀୟ ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

# ଛେଳି ଚୋରାଇ ନେଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ

## ଜଣେ ମହିଳା ଓ ଅଟୋ ଚାଳକ ଥାନାରେ ଅଟକ

**ଓଡ଼ଗାଁ,୬।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରୁ ଛେଳି ଚୋରିକରି ଆତଙ୍କ ଖେଳାଇଥିବା ଚୋରଙ୍କ ବୋଲେରୋ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ଘଟାଇବା ପରେ ୫ରୁ ୬ଜଣ ଯୁବକ ଖସି ଯାଇଥିବାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ଆସି ଜଣେ ମହିଳା ଓ ଅଟୋ ଚାଳକ ଥାନାରେ ଅଟକଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଓଡ଼ଗାଁ ଥାନା ଅଞ୍ଚଳର ଆଦିବାସୀ ଗାଁକୁ ଟାଗେର୍ଟ କରିଥିଲେ ଛେଳିଚୋର। ସେମାନେ ବ୍ୟବହାର କରୁଥିବା ବଲେରୋ ଗାଡ଼ିନଂ ଓଆର୦୭ପି ୯୮୫୬ ଏକ ଜାଲବୋଲି ଜଣାପଡ଼ିଛି। ଏହି ଛେଳି ଚୋରିପଛରେ ଏକ ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ଗତକାଲି ରାତି ପ୍ରାୟ ୨ଟା ସମୟରେ ଓଡ଼ଗାଁ ଥାନା ବାଣ୍ଟପୁର ପଞ୍ଚାୟତ ନିହଲପ୍ରସାଦ (ଗଡ଼ଗାଁ)ରେ ଏକ ବଲେରୋ ଗାଡ଼ି ପହଞ୍ଚିଥିଲା। ଗାଡ଼ି ଟିକେ ଦୂରରେ ରହିବାପରେ ସେଥିରୁ ୫ରୁ ୬ଜଣ ଯୁବକ ବାହାରି ନବକିଶୋର ଦଳବେହେରାଙ୍କ ଗୁହାଳରୁ ୪ଟି ଛେଳି ଓ ଓସ୍ତିଆମାଳ ସୁଦାମ ପ୍ରଧାନଙ୍କ ଗୁହାଳରୁ ୪ଟି ଛେଳି ଚୋରିକରି ବଲେରୋ ଗାଡ଼ିରେ ନେଇ ଯାଉଥିଲେ। ଏହି ଦୁଇ ଗାଁର ଗ୍ରାମବାସୀ ଛେଳିଚୋରି ସଂପର୍କରେ ସୂଚନା ପାଇ ସେମାନଙ୍କୁ ପିଛା କରିଥିଲେ। ଏହା ଜାଣିପାରି ବୋଲେରୋ ଗାଡ଼ିର ଡ୍ରାଇଭର ଅତି ଦ୍ରୁତଗତିରେ ଗାଡ଼ି ଚଲାଇବା ସମୟରେ ଏକ ବୁଲାଣି ରାସ୍ତାକୁ କାଟି ନପାରି ଆମ୍ବ ଗଛରେ ନେଇ ଧକ୍କା କରିଥିଲା। ଜଙ୍ଗଲିଆ ରାସ୍ତା ଓ ଅନ୍ଧାରିଆ ଜାଗାର ସୁଯୋଗ ନେଇ ଚୋରମାନେ ଖସିବାକୁ ଉଦ୍ୟମ କରିଥିଲେ। ସେହି ଜାଗାରୁ ଖସିବା ପାଇଁ ଚୋର ସେମାନଙ୍କ ସଂପର୍କୀୟଙ୍କୁ ଫୋନ୍ କରି ଜଣାଇଥିଲେ। ଏପଟେ ଉଭୟ ଗ୍ରାମର ଲୋକମାନେ ସେହି ଅଞ୍ଚଳକୁ ଚାରିପଟୁ ଘେରିରହିଥିଲେ ମଧ ଚୋରମାନେ ଖସିଯିବାରେ ସକ୍ଷମ ହୋଇଥିଲେ। ଏହି ଚୋରମାନଙ୍କୁ ନେବାକୁ ଜଣେ ମହିଳା ଏକ ଅଟୋଧରି ବୁଢାବୁଢିଆଣି ଡ୍ୟାମ୍ ନିକଟରେ ପଇନ୍ତରା ମାରୁଥିଲେ। ରାତିରେ ଅଟୋ ଗାଡ଼ିଦେଖି ସନ୍ଦେହ କରିଥିଲେ ଗ୍ରାମବାସୀ ଓ ଗାଡ଼ିକୁ ଅଟକାଇ ପଚରା ଉଚୁରା କରିଥିଲେ। କିନ୍ତୁ ମହିଳା ଜଣକ ଆଖପାଖ ଜାଗାକୁ ଯାଉଥିବା କହି ଜମା ମାନିନଥିଲେ। ଗାଡ଼ି ଚାଳକକୁ ପଚାରିବା ପରେ ସେ ମଧ ଜାଣିନଥିବା କହିଥିଲେ। ଶେଷରେ ଏକ ଶକ୍ତଚାପୁଡ଼ା ମାରିବାପରେ ସବୁ ସତକଥା ମାନି ଯାଇଥିଲା ଅଟୋଚାଳକ। ଗ୍ରାମବାସୀମାନେ ଏହି ଦୁଇଜଣଙ୍କୁ ପୁଲିସ ଜିମା ଦେଇଥିଲେ। ଖବରପାଇ ଓଡ଼ଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଗାଡ଼ିକୁ ଜବତକରି ଥାନାକୁ ଆଣିଥିବାବେଳେ ନୟାଗଡ଼ ଅଞ୍ଚଳର ଜଣେମହିଳା ଓ ଅଟୋଚାଳକ ଥାନାରେ ଅଟକଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଚୋରମାନେ ପ୍ରତିଦିନ ବୋଲେରୋ ଗାଡ଼ିର ନମ୍ବରକୁ ଅଦଳବଦଳ କରି ବିଭିନ୍ନ ଅଞ୍ଚଳକୁ ଯାଇ ଚୋରି କରିଥାନ୍ତି। ଆଗକୁ ବିଷୁବ ସଂକ୍ରାନ୍ତି ପରେ ମାଂସବିକ୍ରି କରିବାକୁ ଏହି ଚୋରମାନେ ଯୋଜନା କରିଥିବା ଆଲୋଚନା ହେଉଛି। ଓଡ଼ଗାଁ ପୁଲିସ ଅଧିକ ତଦନ୍ତ ଚଳାଇଥିବା ବେଳେ ଚୋରି ହୋଇଥିବା ଛେଳି ଗୁଡ଼ିକ ସାକ୍ଷୀମାନଙ୍କ ଜିମା ଚାଷୀମାନଙ୍କୁ ଦିଆଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଛେଳି ଚୋରର ମାଷ୍ଟର ମାଇଣ୍ଡ କିଏ ଓ ଏହାର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ପୁଲିସ ସେ ସବୁର ଖୋଳତାଡ଼ କରୁଥିବାରୁ ସମସ୍ତ ଘଟଣାକୁ ଗୁପ୍ତଭାବେ ରଖି ତଦନ୍ତ କରୁଥିବା ଜଣାପଡ଼ିଛି।




# ପ୍ରଥମ ପୃଷ୍ଠାରୁ

## ୯ ପୁଲିସ୍ ଅଧିକାରୀଙ୍କୁ ...

ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ଏହି ମାମଲାର ତଦନ୍ତ ହାତକୁ ନେଇଥିଲା। ଜଣେ ମହିଳା କନଷ୍ଟେବଲ ମଧ ବୟାନ ଦେଇଥିଲେ ଯେ, ଉଭୟ ବାପା-ପୁଅଙ୍କୁ ରାତି ତମାମ ଅଭିଯୁକ୍ତ ପୁଲିସ୍ କର୍ମଚାରୀମାନେ ପିଟିଥିଲେ ଏବଂ ଥାନାର ଟେବୁଲ୍ ଓ ଲାଠିରେ ରକ୍ତର ଦାଗ ଲାଗିଥିଲା। ଉକ୍ତ ମହିଳା କନ୍‌ଷ୍ଟେବଲଙ୍କ ବୟାନ୍ ଏହି ମାମଲାରେ ସବୁଠାରୁ ବଡ଼ ପ୍ରମାଣ ସାଜିଥିଲା। ତେବେ ଦଣ୍ଡିତ ହୋଇଥିବା ପୁଲିସ୍ କର୍ମଚାରୀଙ୍କ ମଧରେ ଇନ୍ସପେକ୍ଟର ଏସ୍. ଶ୍ରୀଧର, ସବ-ଇନ୍ସପେକ୍ଟର ପି. ରଘୁ ଗଣେଶ ଓ କେ. ବାଲକ୍ରିଷ୍ଣନଙ୍କ ସମେତ ୯ ଜଣ ସାମିଲ ଅଛନ୍ତି। ମାମଲାର ଅନ୍ୟତମ ଅର୍ଥାତ୍ ୧୦ମ ଅଭିଯୁକ୍ତ ସ୍ପେଶାଲ ସବ-ଇନ୍ସପେକ୍ଟର ପଲଦୁରାଇଙ୍କର ପୂର୍ବରୁ କୋଭିଡ୍‌ରେ ମୃତ୍ୟୁ ହୋଇସାରିଛି।

## ୨୩ ଜିଲ୍ଲାରେ ଅଧକ୍ଷ ...

ପାଇଁ ଡମରୁଧର କହଁର-ଅଧକ୍ଷ, ଝରଣା ଜାନି-ଉପାଧକ୍ଷ, ନୟାଗଡ଼ ଜିଲ୍ଲା ପାଇଁ ତ୍ରିନାଥ ମଲ୍ଲିକ-ଅଧକ୍ଷ, ସମିତା ଦେହୁରୀ- ଉପାଧକ୍ଷ, ନୂଆପଡ଼ା ଜିଲ୍ଲା ପାଇଁ ଇଂ ହୋମେସସିଂହ ମାଝୀ-ଅଧକ୍ଷ, ବେଲମାତି ମାଝୀ-ଉପାଧକ୍ଷ, ରାୟଗଡ଼ା ଜିଲ୍ଲା ପାଇଁ ବିଦ୍ୟାଧର ଶବର-ଅଧକ୍ଷ, ମଞ୍ଜୁଲା ମିନିଆକା-ଉପାଧକ୍ଷ ଏବଂ ସମ୍ବଲପୁର ଜିଲ୍ଲା ପାଇଁ ଭାଗିନ୍ଦ୍ର କିଶାନ ଅଧକ୍ଷ ଭାବେ ନିଯୁକ୍ତି ପାଇଥିବାବେଳେ ସୁଷମା ମୁଣ୍ଡା ଉପାଧକ୍ଷଭାବେ ନିଯୁକ୍ତ ହୋଇଛନ୍ତି।

## ୧୪ ନୂଆ କୁଳପତି ...

ଅବସ୍ଥାପିତ କରାଯାଇଛି। ସେହିପରି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କୁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଓ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି, ବିଭୂତିଭୂଷଣ ମଲ୍ଲିକଙ୍କୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଓ ହୃଷିକେଶ ସେନାପତିଙ୍କୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। ସେହିପରି କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସିବାରାମ ତ୍ରିପାଠୀ, ଭୁବନେଶ୍ୱରର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଜ୍ୟୋସ୍ନା କେବି ରାଉତ ଓ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଉଦ୍ଦିଷ୍ଟ ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟ କରିବେ ବୋଲି ଲୋକଭବନ ପକ୍ଷରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ନବ ନିଯୁକ୍ତ କୁଳପତିଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, 'କୁଳପତି ପଦବୀ ଖାଲି ଥିବା ରାଜ୍ୟର ସମସ୍ତ ୧୪ଟି ବିଶ୍ୱବିଦ୍ୟାଳୟ ନିମନ୍ତେ ନୂତନ କୁଳପତି ନିଯୁକ୍ତି କରିଥିବାରୁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମ୍ପାଟିଙ୍କୁ ଧନ୍ୟବାଦ ଜଣାଉଛି। ଏହି ନିଷ୍ପତ୍ତି ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କୁଳପତିମାନଙ୍କର ଅନୁଭବ, ଅଭିଜ୍ଞତା, ଦୂରଦର୍ଶିତା, ଦକ୍ଷତା ଓ ମାର୍ଗଦର୍ଶନରେ ଶିକ୍ଷାନୁଷ୍ଠାନଗୁଡ଼ିକ ଶିକ୍ଷା କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବେ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

## ଦୁଇ କାର୍ ମୁହାଁମୁହିଁ ...

ଯାଉଥିବା କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆଶୁତୋଷ ରଥ (୧୦), ଅରୁଣ ପଣ୍ଡା ଓ ସୁବ୍ରତ ଶତପଥୀ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଆଶୁତୋଷ ଓ ଅରୁଣ ପଣ୍ଡା ସମ୍ପର୍କରେ ଅଜା ନାତି ଅଟନ୍ତି। ବଂଶୀଧର ପଣ୍ଡା, ବିଶ୍ୱଜିତ ପଣ୍ଡା, ଗଜାନନ ଦାସ(୩୧), ଜିତେନ୍ଦ୍ର ସରାପ (୩୬)ସ୍ୱସ୍ତିକ କୋରାପ (୩୬) ଆହତ ହୋଇଛନ୍ତି। ଉମରକୋଟ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଛନ୍ତି।

## ଢାବା ଭିତରକୁ ପଶିଲା ...

ଯାଉଥିବା ବେଳେ ଭୋର୍ ପାଖାପାଖି ୩ଟାରେ ଗାଡ଼ିରୁ ନିୟନ୍ତ୍ରଣ ହରାଇ ଯମୁନାନାଖି ନିକଟରେ ଥିବା ସୋନୁ ଢ଼ାବା ଉପରକୁ ମାଡ଼ି ଯାଇଥିଲା। ଫଳରେ ଢ଼ାବାର କ୍ଷୟକ୍ଷତି ହେବା ସହ ଗାଡ଼ିରେ ଥିବା ତିନି ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର କୁନାଲ ଓ ମୋହିତ ଙ୍କୁ ମୃତ ଘୋଷଣା କରିଥିବା ବେଳେ ସମୀର ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଢ଼ାବା ବନ୍ଦ ଥିବାରୁ କର୍ମଚାରୀମାନେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି।

## ତଦନ୍ତ କରିବ ଏନ୍‌ଆଇଏ ...

ମଫି ଓ ତା' ମା'ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ଏନଆଇଏ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିଶନରେଟ ପୁଲିସ ଠାରୁ ହାତକୁ ନେଇଛି। ଏହି ତଦନ୍ତ ପ୍ରକ୍ରିୟା ବେଳେ ଜବତ ହୋଇଥିବା ବିସ୍ଫୋରକ ଆରଡିଏକ୍ସର ବ୍ୟବହାର, ଆନ୍ତରାଜ୍ୟ ଲିଙ୍କ, ପୂର୍ବର ଅପରାଧିକ ମାମଲା ସମ୍ପର୍କରେ ଅଧିକ ଖୋଳତାଡ ହୋଇପାରେ। ଠିକ ସେହିପରି ଏତେ ପରିମାଣର ଆରଡିଏକ୍ସ କେଉଁଠାରେ ବ୍ୟବହାର ହୋଇଥାନ୍ତା ଏ ସମ୍ପର୍କରେ ଅଧିକ ଖୋଳତାଡ଼ କରିବା ପାଇଁ ଏନଆଇଏ ଏକାଧିକ ଲୋକଙ୍କୁ ପଚରାଉଚରା ଜାରି ରଖିଛି। ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମୁଫିରର ଗାର୍ଲଫ୍ରେଣ୍ଡକୁ ଅଧିକ ପଚରାଉଚରା କରୁଛି ଏନଆଇଏ। ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଆଜାଦନଗରରେ ବୋମା ଭିତୁଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ ସେହେନଓ୍ୱାଜଙ୍କ ସମେତ ତାଙ୍କ ବାନ୍ଧବୀ, ମାଆ ଓ ବନ୍ଧୁ ଅମୀୟ ମଲ୍ଲିକ ଆହତ ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ସେହେନଓ୍ୱାଜ ଏବଂ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିଲା।

## ବାହାର ରାଜ୍ୟର ପୁରୁଣା ...

ପରିବର୍ତ୍ତନ, ମାଲିକାନା ହସ୍ତାନ୍ତର କିମ୍ବା କୌଣସି ପରିବହନ କର ଓ ଶୁଳ୍କ ଗ୍ରହଣ କରିବାକୁ ମଧ ନିଷେଧ କରାଯାଇଛି। ଏହାକୁ କଡ଼ା ଭାବେ ଲାଗୁ କରିବା ପାଇଁ ସମସ୍ତ ଆରଟିଓ ଏବଂ ଏଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ଟିଏ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଏହି ପଦକ୍ଷେପ ଦ୍ୱାରା ରାସ୍ତାରେ ଅଯୋଗ୍ୟ ଓ ପୁରୁଣା ବାହାନର ସଂଖ୍ୟା କମିବ। ଫଳରେ ଦୁର୍ଘଟଣା ହାର କମିବା ସହ ଯାତ୍ରୀ ସୁରକ୍ଷା ବଢ଼ିବ। ସେହିପରି ପୁରୁଣା ବାହାନ ଦ୍ୱାରା ସୃଷ୍ଟ ପ୍ରଦୂଷଣ ମଧ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତି ରାଜ୍ୟର ପରିବହନ ବ୍ୟବସ୍ଥାକୁ ଆଧୁନିକ ଓ ସୁରକ୍ଷିତ କରିବା ଦିଗରେ ଏକ ମୁଖ୍ୟ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ପରିବହନ ବିଭାଗ ସୂଚନା ଅନୁସାରେ ନିୟମ ଭଙ୍ଗ କରୁଥିବା ବାହନ ବିରୋଧରେ କଠୋର ପଦକ୍ଷେପ ନିଆଯି। ସୁସ୍ଥ ତଥା ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଗଠନ ପାଇଁ ଏହା ଏକ ଦୀର୍ଘମିଆଦି ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

## ଇରାନ୍‌ର ସାମରିକ ...

ଡିଫେନ୍ସ ସିଷ୍ଟମ ସମେତ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌ର ଅଣ୍ଡରଗ୍ରାଉଣ୍ଡ ଷ୍ଟୋରେଜ୍ ସବୁ ରହିଥିଲା। ଇରାନ୍‌ରେ ଥିବା ବିଶ୍ୱର ସବୁଠାରୁ ବଡ଼ ଗ୍ୟାସ୍ ଫିଲ୍ଡ 'ସାଉଥ୍ ପାର୍ସ' ଉପରେ ପୁଣି ଥରେ ହୋଇଥିବା ଏହି ଆକ୍ରମଣ ଯୋଗୁଁ ଇରାନର ଶକ୍ତି ଯୋଗାଣ ଏବଂ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଏହି ଘଟଣା ପରେ ସାରା ବିଶ୍ୱରେ ଉତ୍ତେଜନା ପ୍ରକାଶ ପାଇଛି। ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏହି ଆକ୍ରମଣ ପରେ ପଶ୍ଚିମ ଏସିଆରେ ଯୁଦ୍ଧର ବାଦଲ ଆହୁରି ଘନେଇବାରେ ଲାଗିଛି। ଆମେରିକା-ଇସ୍ରାଏଲ୍ ପକ୍ଷରୁ ସୋମବାର ଇରାନ୍ ଉପରେ ହୋଇଥିବା ମିଳିତ ଏୟାରଷ୍ଟ୍ରାଇକ୍‌ରେ ଇରାନ୍‌ର ଶକ୍ତିଶାଳୀ ସାମରିକ ସଂଗଠନ 'ଇସ୍‌ଲାମିକ ରିଭୋଲ୍ୟୁସ୍‌ନାରୀ ଗାର୍ଡ କର୍ପସ' (ଆଇଆରଜିସି)ର ଇଣ୍ଟେଲ୍ ବା ଗୁଇନ୍ଦା ବିଭାଗ ମୁଖ୍ୟ ମେଜର ଜେନେରାଲ ମାଜିଦ୍ ଖାଦେମି ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ ମାଜିଦ୍‌ଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ତୁରନ୍ତ ମିଳିତ ଆକ୍ରମଣ କରିଥିଲେ ଆମେରିକା ଏବଂ ଇସ୍ରାଏଲ୍। ମାଜିଦ୍ ଖାଦେମିଙ୍କ ମୃତ୍ୟୁ ସମ୍ପର୍କରେ ଆଇଆରଜିସି ପକ୍ଷରୁ ସେମାନଙ୍କ ଟେଲିଗ୍ରାମ ଚ୍ୟାନେଲ୍‌ରେ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ମାସରେ ଇସ୍ରାଏଲ ଆକ୍ରମଣରେ ଆଇଆରଜିସିର ପୂର୍ବତନ ଗୁଇନ୍ଦା ମୁଖ୍ୟ ମହମ୍ମଦ କାଜେମିଙ୍କ ମୃତ୍ୟୁ ପରେ ଖାଦେମି ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ସୋମବାର ହୋଇଥିବା ଏହି ବଡ଼ ଧରଣର ଆକ୍ରମଣରେ ଖାଦେମିଙ୍କ ସମେତ ପ୍ରାୟ ୨୫ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏମାନଙ୍କ ମଧରେ ଆଇଆରଜିସି କ୍ୱାର୍ଡ ଫୋର୍ସର ୟୁନିଟ୍-୮୪୦ ମୁଖ୍ୟ ଅସ୍‌ଘର ବକ୍ରୀ ଓରଫ୍ ୟାଜ୍‌ଦାଦ୍ ମିର୍ ଓରଫ୍ କମାଣ୍ଡର ବାଘେରୀ ମଧ ସାମିଲ ଥିବା ଜଣାପଡିଛି। ତେହରାନ୍ ଆକାଶରେ କଳା ଧୂଆଁର ବାଦଲ ଦେଖାଯିବା ସହ ଶରିଫ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ନିକଟରେ ଭୀଷଣ ବିସ୍ଫୋରଣ ହୋଇଥିବା ରିପୋର୍ଟ ମିଳିଛି। ଅନ୍ୟପକ୍ଷେ ଇରାନ୍ ମଧ ଏହାର ଜବାବରେ ଇସ୍ରାଏଲ ଏବଂ ପଡ଼ୋଶୀ ଆରବ ଦେଶଗୁଡ଼ିକ ଉପରେ ମିସାଇଲ ମାଡ଼ କରିଛି।

# ଖୋର୍ଦ୍ଧା ମଣ୍ଡଳ ବିଜେପିର ୪୭ତମ ସ୍ଥାପନା ଦିବସ



**ଖୋର୍ଦ୍ଧା,୬।୪/ଏନ୍‌ଏନ୍‌ଏସ୍:** ଦୀର୍ଘ ୪୬ବର୍ଷର ସୁଦୀର୍ଘ ଯାତ୍ରା ପରେ ଭାରତୀୟ ଜନତା ପାର୍ଟି ବିଶ୍ୱର ସର୍ବବୃହତ ଦଳର ମାନ୍ୟତା ପାଇଛି। ୧୯୮୦ ମସିହା ଅପ୍ରେଲ ୬ ତାରିଖରେ ଦଳର ମୁମ୍ବାଇ ଅଧିବେଶନରେ ଅଟଳ ବିହାରୀ ବାଜପେୟୀଙ୍କ ସଭାପତିତ୍ୱରେ ଭାରତୀୟ ଜନତା ପାର୍ଟି ଗଠନ ହେଲା। ଆଜି ଏହି ଉପଲକ୍ଷେ ସ୍ଥାନୀୟ ସାନପଲ୍ଲା ଦଳୀୟ କାର୍ଯ୍ୟାଳୟରେ ବିଜେପି ମଧ ଖୋର୍ଦ୍ଧା ମଣ୍ଡଳ ତରଫରୁ ପାର୍ଟିର ୪୭ ତମ ସ୍ଥାପନା ଦିବସରେ ପୂର୍ବତନ ଜିଲ୍ଲା ସଭାପତି ରଶ୍ମିରଂଜନ ମହାପାତ୍ରଙ୍କ ଦ୍ୱାରା ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ମଣ୍ଡଳ ସଭାପତି ରଂଜିତ କୁମାର ପଟ୍ଟଶାଣୀଙ୍କ ସଭାପତିତ୍ୱରେ ଏକ ଚିନ୍ତନ ବୈଠକରେ ଭାରତ ମାତା, ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଚିନ୍ତନ ବୈଠକରେ ବିଜେପି ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ରଞ୍ଜନ ମଙ୍ଗରାଜ ମୁଖ୍ୟ ବକ୍ତାଭାବେ ପାର୍ଟିର ୪୬ବର୍ଷର ସଂଘର୍ଷମୟ ଯାତ୍ରା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ରଶ୍ମି ମହାପାତ୍ର ଆଗାମୀ ଆହ୍ୱାନ ସମ୍ପର୍କରେ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବ ମଣ୍ଡଳ ସଭାପତି ପ୍ରଦୀପ୍ତ କୁମାର ପାଣି, ବିଧାୟକଙ୍କ ପ୍ରତିନିଧି ନଗେନ୍ଦ୍ର ନାଥ ସାହୁ ଯୋଗଦେଇଥିବା ବେଳେ ସାଧାରଣ ସମ୍ପାଦକ ରଶ୍ମି ମାନ୍ଧାତା ଓ କୁନି ଦାସ, ସଂସଦ ପ୍ରତିନିଧି ଇଂ.ବିଭୂପ୍ରସାଦ ବଳିୟାରସିଂହ, ଉପସଭାପତି କେଦାରେଶ୍ୱର ପୃଷ୍ଟି, ସମ୍ପାଦକ ଗଗନ ବଡ଼ଜେନା ଓ ସୁକାନ୍ତି ବେହେରା, ପଞ୍ଚାୟତ ଶ୍ରୀଧର ବେହେରା, ଦିବାକର ମହାରଥୀ, ସୁବାସ ସେନାପତି, ତପନ ପାତ୍ର, ନୟନ ପରିଡା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବରିଷ୍ଠ ଉପସଭାପତି ଗଗନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ପରିଷଦର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି



**ବୟାଳିଶମୌଜା,୬।୪/ଏନ୍‌ଏନ୍‌ଏସ୍:** ବୟାଳିଶମୌଜାର ଅଗ୍ରଣୀ ସାମାଜିକ ସଙ୍ଗଠନ ୪୨ ମୌଜା ବିକାଶ ପରିଷଦ ଚଳିତ ବର୍ଷ ତା'ର ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରିବା ଅବସରରେ କଳପଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ସଭାପତି ଆଡ଼ଭୋକେଟ କେଶବ ଚନ୍ଦ୍ର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ପରିଷଦର ସଭ୍ୟମାନେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ପତି ପୂର୍ବ ସଭାର ବିବରଣୀ ପାଠ କରିବା ପରେ ରୌପ୍ୟ ଜୟନ୍ତୀ ପାଇଁ ଗଠିତ ବିଭିନ୍ନ କମିଟିର କାଯ୍ୟ ସମୀକ୍ଷା କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ନାଗରିକ ସମ୍ମାନ ନିମନ୍ତେ ବ୍ୟକ୍ତି ବିଶେଷ ଚୟନ ପାଇଁ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯାଇଥିଲା। ପରିଷଦର ମୁଖପତ୍ର 'ପଲିଶ୍ରୀ' ର ଏକ ସ୍ୱତନ୍ତ୍ର ସଂଖ୍ୟା ବହୁ ବରିଷ୍ଠ ଲେଖକ ଲେଖିକାଙ୍କ ୫୦ରୁ ଉର୍ଦ୍ଧ ଲେଖା ହସ୍ତଗତ ହୋଇଅଛି ବୋଲି ପଲ୍ଲିଶ୍ରୀ କମିଟିର ଅଧକ୍ଷ ପ୍ରମୋଦ ମହାପାତ୍ର ସଭାରେ ପ୍ରକାଶ କରିଥିଲେ। ତେବେ ଧାର୍ଯ୍ୟ ସମୟ ମଧରେ ସମସ୍ତ ଲେଖା ସମ୍ପାଦକ ମଣ୍ଡଳୀ ନିକଟରେ ପହଞ୍ଚାଇବାକୁ ସାଧାରଣରେ ଅନୁରୋଧ କରିଥିଲେ। ପ୍ରତିଭା ସମ୍ବର୍ଦ୍ଧନା ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସଭାରେ ସ୍ଥିର କରାଯାଇଥିଲା। ସମସ୍ତ ସବ କମିଟିର କାମକୁ ତ୍ୱରାନ୍ୱିତ କରିବା ପାଇଁ ରଜତ ଜୟନ୍ତୀ କମିଟିର ବରିଷ୍ଠ ସଦସ୍ୟ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସତ୍ୟନାରାୟଣ ମହାନ୍ତି ଓ ସୁଧାକର ଦେବତାଙ୍କୁ ପରିଷଦର ନୂତନ ସଭ୍ୟ ଭାବେ ଗ୍ରହଣ କରାଗଲା। ଅନ୍ୟମାନଙ୍କ ମଧରେ ଉପସଭାପତି ଗୌତମ ଚରଣ ପରିଡା, ଅଧାପକ ଗଣେଶ୍ୱର ଦାଶ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ଧୀରେନ୍ଦ୍ର ବେହେରା, ପ୍ରମୋଦ ମହାପାତ୍ର, ବୁଲେଇ ବେହେରା, କୃଷ୍ଣ ଚନ୍ଦ୍ର ଦାଶ, ସୁଜନ କୁମାର ରାଉତ, ଭଜକୃଷ୍ଣ ଲେଙ୍କା, ସୁରେଶ ଚନ୍ଦ୍ର ଦେବତା, ନିକୁଞ୍ଜ କୁମାର ସ୍ୱାଇଁ, ସଞ୍ଜୟ ବେହେରା, ଅଶୋକ ମହାନ୍ତି, ଦୀପ୍ତିରଞ୍ଜନ ଶତପଥୀ, ଡ଼ଃ ଶୁଭାଶିଷ ଶତପଥୀ, ଶୁକଦେବ ମହାରଣା, ସୁବାସ ଦାସ, ତ୍ରିଲୋଚନ ସ୍ୱାଇଁ, ସ୍ମୃତିରଞ୍ଜନ ପତି, ସ୍ୱାର୍ଥମୁକ୍ତି ସେଠି, ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ ସାହୁ, ଜ୍ୟୋତିରଞ୍ଜନ ଭୋଳ, ଶରତ ଦାସ, ସତ୍ୟବ୍ରତ କର, ଚନ୍ଦନ କୁମାର ପ୍ରଧାନ, ନାରାୟଣ ଭୋଇ, ସଂଗ୍ରାମ ପତି, ରବିନ୍ଦ୍ର ଦେବତା, ଅକ୍ଷୟ ମୁଦୁଲି, ସୁଶ୍ରୀ ସ୍ମୃତି ମହାନ୍ତି, ପ୍ରସନ୍ନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଗୌତମ ଚରଣ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'




**ବୋଲଗଡ଼,୬।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ଉପସ୍ଥିତରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଅସରଳାଦଳ ପଞ୍ଚାୟତରେ 'ପଲ୍ଲୀରେ ପ୍ରସାଶନ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନା ସବୁର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗ ଶୁଣାଣି ଆୟୋଜନ ହୋଇଥିଲା। ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନସୁଧା କୁଣ୍ଡୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼ଃ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ, କର୍ମଚାରୀ ମାନେ ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟ କାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ସମିତିସଭ୍ୟା ସୁମିତ୍ରା ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ବରଦାକାନ୍ତ ସାହୁ ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୧୦୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୯୬ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବଳକା ୧୩ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇ ଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ମୁଖ୍ୟକିରାଣୀ ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ସଦର ମହକୁମାରେ ଜନଶୁଣାଣି

**ଖୋର୍ଦ୍ଧା,୬।୪/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ସମସ୍ତ ଅଭିଯୋଗଗୁଡ଼ିକୁ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣିରେ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୨ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୬ଗୋଟି ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୯ଗୋଟି ଅଭିଯୋଗର ସମାଧାନ କରିଥିବାବେଳେ ସୁଜାତା ସାହୁଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୦ ହଜାର ଟଙ୍କା ଅନୁମୋଦନ କରିଥିଲେ। ଅନ୍ୟ ଅଭିଯୋଗଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କର୍ଅଁର, ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ।

## ୪୫ ଦିନିଆ ଅସ୍ଥାୟୀ ...

ଯେକୌଣସି ବଡ଼ କାର୍ଯ୍ୟାନୁଷ୍ଠାନର ଜବାବ କେବଳ ସାମରିକ ଭାବରେ ନୁହେଁ, ବରଂ ବିଶ୍ୱ ଶକ୍ତି ଏବଂ ବାଣିଜ୍ୟକୁ ପ୍ରଭାବିତ କରିଦିଆଯିବ। ସେ କହିଛନ୍ତି ଯେ କେବଳ ହର୍ମୁଜ୍ ପ୍ରଣାଳୀ ନୁହେଁ, ବରଂ ବାବ୍-ଏଲ୍-ମାଣ୍ଡେବ ଭଳି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ମଧ ବିପଦରେ ପଡ଼ିପାରେ। କାରଣ ହୁତି ବିଦ୍ରୋହୀ ଗୋଷ୍ଠୀ ଏବେ ଇରାନ୍ ସମର୍ଥନରେ ଏହି ସାମୁଦ୍ରିକ ପଥକୁ ନିଜ ଅକ୍ତିଆରକୁ ନେବାକୁ ପ୍ରସ୍ତୁତ ରହିଛନ୍ତି। ଇରାନ୍‌ର ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ତୁରନ୍ତ ଖୋଲିବାକୁ ନଚେତ୍ ଏକ ଭୟଙ୍କର ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ପାଇଁ ଚେତାବନୀ ଦେଇଛନ୍ତି। ଇରାନ୍ ଯୁଦ୍ଧକୁ ରୋକିବା ପାଇଁ ପାକିସ୍ତାନ ମଧ୍ୟସ୍ଥି ସାଜିଥିଲା। ତେବେ ପାକିସ୍ତାନ ଉଭୟ ଆମେରିକା ଏବଂ ଇରାନ୍‌କୁ ଏକ ପ୍ରସ୍ତାବ ଦେଇଥିଲା ଯେ ଆଗାମୀ ୪୫ ଦିନ ପାଇଁ ଯୁଦ୍ଧବିରତି ଜାରି ରହିବ ଏବଂ ଏହି ସମୟ ସୁଦ୍ଧା ଇରାନ୍‌କୁ ବିଶ୍ୱ ଯୋଗାଣକୁ ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ହର୍ମୁଜ୍ ପ୍ରଣାଳୀକୁ ଖୋଲିବାକୁ ହେବ। ଟ୍ରମ୍ପ ମଧ ପାକିସ୍ତାନର ଏହି ୪୫ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବକୁ ଏକ 'ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ' ବୋଲି କହିଥିଲେ। ଟ୍ରମ୍ପ କହିଥିଲେ ଯେ ଏହା ଏକ ଭଲ ପ୍ରସ୍ତାବ ହୋଇଥିଲେ ମଧ ଯୁଦ୍ଧ ରୋକିବା ଦିଗରେ ଯଥେଷ୍ଟ ନୁହେଁ। ସେହିପରି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଥିଲା ଯେ, ଟ୍ରମ୍ପ ଏପର୍ଯ୍ୟନ୍ତ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିନାହାଁନ୍ତି ଏବଂ ଯୁଦ୍ଧ ଜାରି ରହିଛି। ତେବେ ଆଜି ବିଳମ୍ବିତ ରାତିରେ (ଭାରତୀୟ ସମୟ ଅନୁସାରେ) ଟ୍ରମ୍ପ ଏକ ସାମ୍ବାଦିକ ସମ୍ମିଳନୀ କରିବାର ଠିକ୍ କିଛି ସମୟ ପୂର୍ବରୁ ଏବଂ ଏସମ୍ପର୍କରେ ନିଜ ବିବୃତ୍ତି ରଖିବା ପୂର୍ବରୁ ହିଁ ଇରାନ୍ ମଧ୍ୟସ୍ଥି ପାକିସ୍ତାନ ଜରିଆରେ ଉପେରୋକ୍ତ ବିବୃତ୍ତ ଆଧାରରେ ନିଜ ଜବାବ ରଖିଛି। ଇରାନ୍ ଏହି ଅବସରରେ ଦୋହରାଇଛି ଯେ, ଏହା ଟ୍ରମ୍ପଙ୍କ ସର୍ତ୍ତ କିମ୍ବା ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ। ବରଂ ନିଜର ସର୍ତ୍ତ ପୂରଣ ଆଧାରରେ ହର୍ମୁଜ୍‌କୁ ଉନ୍ମୁକ୍ତ କରିବା ଉପରେ ବିଚାର କରିବ। ପ୍ରକାଶ, ଇରାନ୍‌ର କିଛି ପ୍ରମୁଖ ସର୍ତ୍ତ ମଧରୁ ପ୍ରଥମ ସର୍ତ୍ତ ହେଉଛି ଯୁଦ୍ଧକୁ ସ୍ଥାୟୀ ଭାବେ ବନ୍ଦ କରାଯିବା, ଇରାନ୍ ଉପରେ ଭବିଷ୍ୟତରେ ଯେପରି କୌଣସି ପ୍ରକାର ଆକ୍ରମଣ ନହୁଏ ସେନେଇ ପ୍ରତିଶ୍ରୁତି ଦିଆଯିବା, ଇରାନ୍ ଉପରେ ଲଗାଯାଇଥିବା ସମସ୍ତ ପ୍ରକାର କଟକଣାକୁ ପ୍ରତ୍ୟାହାର କରାଯିବା, ହର୍ମୁଜ୍ ଉପରେ ଇରାନ୍‌ର ଅଧିକାରକୁ ସ୍ୱୀକାର କରିବା ସହ ଇରାନ୍ ଆଗାମୀ ଦିନରେ ଏଠାରୁ ରାଜସ୍ୱ ସଂଗ୍ରହ କରିବା ଏବଂ ଯୁଦ୍ଧରେ ଇରାନ୍‌ର ହୋଇଥିବା କ୍ଷୟକ୍ଷତିର ଭରଣା ତଥା ପୁନର୍ନିର୍ମାଣ ପାଇଁ ଆର୍ଥିକ କ୍ଷତିପୂରଣ ପ୍ରଦାନ ଭଳି ୧୦ ଦାବି ସାମିଲ ରହିଛି। ଇରାନ କୌଣସି ପ୍ରକାରର ଡେଡ୍‌ଲାଇନ୍‌କୁ ଗ୍ରହଣ କରିବନାହିଁ ବୋଲି କହିବା ମଧରେ ଡୋନାଲ୍ଡ ଟ୍ରମ୍ପଙ୍କ ଅଲ୍ଟିମେଟମ୍ ସମୟ ସୀମା ଶେଷ ହେବାକୁ ଯାଉଛି। ସୁତରାଂ ଆଗାମୀ କିଛି ଘଣ୍ଟା ମଧରେ ପଶ୍ଚିମ ଏସିଆର ପରିସ୍ଥିତି କଣ ହେବ, ସେ ନେଇ ସାରା ବିଶ୍ୱ ଏବେ ଚିନ୍ତାରେ ରହିଛି। ଆମେରିକା ଏବେ ଇରାନ୍ ଉପରେ ଆକ୍ରମଣ କରିବା ପ୍ରାୟ ନିଶ୍ଚିତ ହୋଇଯାଇଛି। ଆମେରିକା ଯଦି ଇରାନ୍‌ର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରେ ତେବେ ଆଗାମୀ ଦିନରେ ତୈଳ ଏବଂ ଗ୍ୟାସ୍ ସଂକଟ ବିଶ୍ୱବ୍ୟାପୀ ଏକ ଭୟଙ୍କର ପରିସ୍ଥିତି ଉତ୍ପନ୍ନ କରିବ ବୋଲି ବିଶେଷଜ୍ଞମାନେ ଅନୁମାନ ଲଗାଉଛନ୍ତି।

## ଗୋଟିଏ ରାତିରେ ଇରାନକୁ ...

ସେହିପରି ଇରାନରେ ଫସି ରହିଥିବା ୨ ଆମେରିକୀୟ ପାଇଲଟମାନଙ୍କୁ ଉଦ୍ଧାର କରିଥିବା ସେନା ଅପରେସନ୍‌କୁ ଟ୍ରମ୍ପ ଐତିହାସିକ ବୋଲି କହିଛନ୍ତି। ଏହି ମିଶନରେ ପ୍ରାୟ ୧୫୫ଟି ସାମରିକ ବିମାନ ସାମିଲ ଥିଲା, ଯେଉଁଥିରେ ୩ଟି ହେଲିକପ୍ଟର, ୬୪ଟି ଫାଇଟର ଜେଟ୍ ଏବଂ ୪୮ଟି ଇନ୍ଧନ ଭରୁଥିବା ଟ୍ୟାଙ୍କର ବିମାନ ରହିଥିଲା ବୋଲି ସେ କହିଛନ୍ତି। ଏହାରି ମଧରେ ଟ୍ରମ୍ପ ପ୍ରଥମ ଥର ପାଇଁ ସ୍ୱୀକାର କରିଛନ୍ତି ଯେ, ତାଙ୍କ ସରକାର ଇରାନରେ ହେଉଥିବା ସରକାର ବିରୋଧୀ ପ୍ରଦର୍ଶନକାରୀଙ୍କ ନିକଟକୁ ଅସ୍ତ୍ରଶସ୍ତ୍ର ପଠାଇଥିଲେ। ଯଦିଓ ସେହି ଅସ୍ତ୍ର ସବୁ ଲୋକଙ୍କ ପାଖରେ ସଠିକ୍ ଭାବେ ପହଞ୍ଚି ପାରିନଥିଲା ବୋଲି ସେ କହିଛନ୍ତି।

## ନେଇପାରିବେ ୫ କେଜିଆ ...

ଯୋଗାଣ ମନ୍ତ୍ରୀ କହିଥିଲେ। ରବିବାର ସରକାର ଗ୍ୟାସ୍ କଳା ବଜାରୀ ବନ୍ଦ କରିବାକୁ ଖୋଲା ବଜାରରେ ୫କେଜି ଗ୍ୟାସ ବିତରଣ ଉପରେ କଟକଣା ଲଗାଇଥିଲେ। ଯଦି କେହି ବିକ୍ରି କରୁଥିବା ବେଳେ ଧରାପଡ଼ିବେ, ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗ୍ୟାସ ବିକ୍ରି ନେଇ ଇ-କେୱାଇସି କରାଯିବ। କେବଳ ଯାହା ନାଁରେ କାର୍ଡ ଥିବ, ଗ୍ୟାସ ଏଜେନ୍ସିରୁ ସେମାନେ ହିଁ ଗ୍ୟାସ ଟାଙ୍କି ନେଇପାରିବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଏହାକୁ ନେଇ ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଦେଖା ଦେଇଥିଲା।

## ଆଜିର ଇତିହାସ

- ୧୯୩୪-ଗାନ୍ଧିଜୀ ସବିନୟ ଅବଜ୍ଞା ଅଭିଯାନକୁ ସ୍ଥଗିତ ରଖିଦେଇଥିଲେ।
- ୨୦୦୦-ଦିଲ୍ଲୀ ପୁଲିସ୍ କୋଟି କୋଟି ଟଙ୍କାର କ୍ରିକେଟ୍ ମ୍ୟାଚ୍ ଫିକ୍ସିଂ ଓ ସଟ୍ଟାବାଜି ର୍ୟାକେଟ୍‌ର ପର୍ଦ୍ଦାଫାସ କରିଥିଲା।
- ୨୦୦୮-ଆସାମରେ ପ୍ରତିବନ୍ଧିତ ଉଗ୍ରବାଦୀ ସଂଗଠନ ଉଲ୍ଫା ତା'ର ୩୦ତମ ସ୍ଥାପନା ଦିବସ ପାଳନ କରିଥିଲା।
- ୧୯୨୦-ପ୍ରସିଦ୍ଧ ସିତାରାବାଦକ ପଣ୍ଡିତ ରବି ଶଙ୍କର ଜନ୍ମଗ୍ରହଣ କରିଥିଲେ।
- ୧୯୪୨-ଅଭିନେତା ଜିତେନ୍ଦ୍ରଙ୍କ ଆଜି ଜନ୍ମଦିନ।
- ୧୯୬୨-ବଲିଉଡ୍‌ର ପ୍ରସିଦ୍ଧ ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମା ଏହି ଦିନ ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ** – ଆଜି ଭଲ ଖବର ପାଇବେ। ଇଚ୍ଛା ମୁତାବକ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂରା ହେବ। କୌଣସି ବିଶେଷ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହୋଇପାରେ। ପ୍ରେମ ଜୀବନ ଖୁବ୍ ଭଲ ଚାଲିବ।

**ବୃଷ** – କିଛି ବଡ଼ ଖର୍ଚ୍ଚ ଆସିପାରେ। ଆର୍ଥିକ ବଜେଟ୍ ଦୋହଲିଯିବ। ସମୟର ସଠିକ୍ ଉପଚୟ କରନ୍ତୁ। ଭାବିଚିନ୍ତି ଖର୍ଚ୍ଚ କରିବା ଉଚିତ। ଶାରୀରିକ ଓ ମାନସିକ ସ୍ତରରେ ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**ମିଥୁନ** – ଅଫିସ୍‌ରେ ପ୍ରମୋଶନ ମିଳିପାରେ। ଦିନର ମଧ୍ୟ ଭାଗରେ ଗୁପ୍ତ ଶତ୍ରୁଙ୍କ ଭୟ ରହିଛି। ଏ ସମୟରେ ବଡ଼ ଖର୍ଚ୍ଚ ଆସିପାରେ। ଦାୟିତ୍ୱ ପୂରା କରିବାର ଦିନ। ଅର୍ଥ ଫେରି ପାଇବେ।

**କର୍କଟ** – ଆଜି ଦିନଟି ମିଶ୍ରିତ ଫଳ ଦେବ। ଦିନର ଆରମ୍ଭରେ ପରିଶ୍ରମର ପୂରା ଫଳ ପାଇବେ। ମାନ-ସମ୍ମାନ ବୃଦ୍ଧି ହେବ। ଦିନର ଶେଷ ଭାଗରେ ଅର୍ଥ ନେଣଦେଣ ନକଲେ ଭଲ। ବୈବାହିକ ଜୀବନରେ ଖୁସି ରହିବ।

**ସିଂହ** – ସୁଖ-ସୁବିଧା ମିଳିବ। କୌଣସି ଜିନିଷ ଉପରେ ଅର୍ଥ ଖର୍ଚ୍ଚ କରିବେ। ଦିନଟି ଉତ୍ଥାନ-ପତନ ଭରା ରହିବ। ଚାକିରିର ନୂଆ ଅବସର ମିଳିପାରେ। ବିରୋଧୀଙ୍କ ଉପରେ ପ୍ରଭାବ ପକେଇବେ।

**କନ୍ୟା** – ପାରିବାରିକ ଜୀବନ ସୁଖମୟ ରହିବ। ଶୁଭ ସମାଚାର ପାଇବେ। ଆୟର ସାଧନ ବୃଦ୍ଧି ହେବ। ବ୍ୟାପାରୀମାନେ ମନଇଚ୍ଛା ଧନ ଲାଭ କରିବେ। ନିବେଶ ମାମଲାରେ ସତର୍କ ରହିବା ଜରୁରୀ।

**ତୁଳା** – ଦିନର ଆରମ୍ଭରେ କିଛି ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ଏ ସମୟରେ ଛାତ୍ରଛାତ୍ରୀଙ୍କ ମନ ପାଠପଢ଼ାରୁ ହଟିଯିବ। ପରିଶ୍ରମର ଫଳ ପାଇବେ। ଅଟକିଥିବା ଧନ ମିଳିବ। ଧୈର୍ଯ୍ୟର ସହିତ କାମ କରନ୍ତୁ।

**ବିଛା** – ଦିନଟି ମିଶ୍ରିତ ଫଳ ଦେବ। ପ୍ରଥମ ଭାଗରେ ଚାକିରିର ଚାପ ରହିବ। ସଫଳ ହେବା ପାଇଁ ଅଧିକ ପରିଶ୍ରମ କରିବେ। ପ୍ରମୋଶନର ସଂକେତ ରହିଛି। ଅନ୍ୟକୁ ସାହାଯ୍ୟ କରି ଯଶ ପ୍ରାପ୍ତି କରିବେ।

**ଧନୁ** – ଆର୍ଥିକ ବଜେଟ୍ ବିଗିଡ଼ି ଯାଇପାରେ। ସନ୍ତାନର କୌଣସି କଥା ପାଇଁ ଚିନ୍ତିତ ରହିବେ। ଦିନର ମଧ୍ୟଭାଗରେ ବିଶେଷ କାମରେ ସଫଳତା ମିଳିପାରେ। ଆର୍ଥିକ ନେଣଦେଣରେ ସତର୍କ ରୁହନ୍ତୁ।

**ମକର** – ଉତ୍ଥାନ-ପତନ ଭରା ସମୟ। ସଫଳତା ପାଇବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ପ୍ରତିଯୋଗୀ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଜାତକମାନଙ୍କୁ ଭଲ ଖବର ମିଳିପାରେ।

**କୁମ୍ଭ** – ପରିଶ୍ରମର ପୂରା ଫଳ ପାଇବେ। ଚାକିରି କରୁଥିବା ପିଲାଙ୍କୁ ନୂଆ ଅବସର ମିଳିବ। କିଛି ଖର୍ଚ୍ଚର ସମ୍ମୁଖୀନ ହୋଇପାରନ୍ତି। ମନରେ ନକାରାତ୍ମକ ବିଚାରଗୁଡ଼ିକର ପ୍ରଭାବ ବି ରହିପାରେ।

**ମୀନ** – ସ୍ୱାସ୍ଥ୍ୟର ଖାସ୍ ଖିଆଲ ରଖିବେ। ସୁଖ-ସୁବିଧା ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆର୍ଥିକ ବଜେଟ୍ ବିଗିଡ଼ି ଯାଇପାରେ। ବ୍ୟାପାରୀମାନେ ଲାଭାନ୍ୱିତ ହେବେ। ଧର୍ମ-କର୍ମ ଓ ଦେବ ଦର୍ଶନର ଯୋଗ ରହିଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



ଅହଂକାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ।
ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ। (୧୬/୧୮)

ସାଧୁମାନଙ୍କର ଅସୂୟାକାରୀ ସେହି ଅସୁର ପ୍ରକୃତିର ଲୋକମାନେ ଅହଂକାର, ବଳ, ଦର୍ପ, କାମ, କ୍ରୋଧର ବଶୀଭୂତ ହୋଇ ନିଜ ଦେହ ଓ ପର ଦେହରେ ଅବସ୍ଥିତ ଆତ୍ମରୂପୀ ଆମ୍ଭକୁ ଦ୍ୱେଷ କରନ୍ତି। ଅର୍ଥାତ ଅହଙ୍କାରାଦି ଆଶ୍ରୟରେ ସେମାନେ ଦମ୍ଭ ପୂର୍ବକ ଯଜ୍ଞ ଅନୁଷ୍ଠାନ କରନ୍ତି। ମୁଁ ସମସ୍ତଙ୍କ ଦେହରେ ଅନ୍ତର୍ଯ୍ୟାମୀ ରୂପରେ ରହିଛି। ଶ୍ରଦ୍ଧା ଅଭାବରୁ ଦମ୍ଭ ଯଜ୍ଞରେ ଆତ୍ମପୀଡା ହୁଏ ଅର୍ଥାତ ତାଙ୍କ ନିଜ ଦେହ ସ୍ଥିତ ଆତ୍ମାକୁ ସେମାନେ କଷ୍ଟ ଦିଅନ୍ତି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ



ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ଦୁନିଆର ପରିସ୍ଥିତିରୁ ଆରମ୍ଭ ହୋଇଥିଲା ବିଶ୍ୱ ସ୍ୱାସ୍ଥ୍ୟ ଦିବସ। ସେ ସମୟରେ ଅନେକ ଦେଶ ମହାମାରୀ, କୁପୋଷଣ ଓ ସ୍ୱାସ୍ଥ୍ୟ ସେବାଗୁଡ଼ିକର ଅଭାବ ସହିତ ସଂଘର୍ଷ କରୁଥିବା ବେଳେ ଏକ ବୈଶ୍ୱିକ ସଂସ୍ଥାର ଆବଶ୍ୟକତାକୁ ବିଶ୍ୱ ଅନୁଭବ କରିଥିଲା ଯେଉଁଟି ସବୁ ଦେଶଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ନୀତିଗୁଡ଼ିକୁ ତିଆରି କରିପାରିବ। ଏହି ଆବଶ୍ୟକତାକୁ ପୂରଣ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯାହାର ସ୍ଥାପନା କରାଯାଇଥିଲା ୭ ଏପ୍ରିଲ୍, ୧୯୪୮ରେ। ଏହି ସ୍ମରଣୀୟ ଦିନଟିକୁ ମନେ ପକେଇବାର ପରମ୍ପରା ଆରମ୍ଭ ହୋଇଥିଲା ୧୯୫୦ରେ। ଆମର ସ୍ୱାସ୍ଥ୍ୟ କେବଳ ଡାକ୍ତରମାନଙ୍କ ଦାୟିତ୍ୱ ନୁହେଁ ଆମର ନିଜର ପ୍ରାଥମିକତା ହେବା ଉଚିତ ବୋଲି ଲୋକମାନଙ୍କୁ ଅନୁଭବ କରେଇବା ଥିଲା ଏହି ଦିବସର ମୂଳ ଲକ୍ଷ୍ୟ। ଏହା ଏକ ଔପଚାରିକତା ନୁହେଁ, ଏକ ବୈଶ୍ୱିକ ଆଲାର୍ମ ବେଲ୍ ଯାହା ଆମର ଦିନଚର୍ଯ୍ୟା, ଖାଦ୍ୟପେୟ, ମାନସିକ ସ୍ଥିତି ଓ ଜୀବନଶୈଳୀ ଆଡ଼କୁ ଧ୍ୟାନ ଆକର୍ଷିତ କରେ।

ଉଦ୍ଦେଶ୍ୟ-ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା। ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାଗୁଡ଼ିକ ଉପରେ ପବ୍ଲିକ ଡାଇଲଗ୍ ଆରମ୍ଭ କରିବା। ସରକାରମାନଙ୍କୁ ସ୍ୱାସ୍ଥ୍ୟ ସେବାଗୁଡ଼ିକରେ ସୁଧାର ଆଣିବା ପାଇଁ ପ୍ରେରିତ କରିବା। ନୂଆ ପିଢ଼ିଙ୍କୁ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରେରିତ କରିବା।

ପ୍ରତି ଥର ପରି ଏ ବର୍ଷର ଥିମ୍ ରଖାଯାଇଛି-ସ୍ୱାସ୍ଥ୍ୟ ପାଇଁ ଏକା ସହିତ, ବିଜ୍ଞାନ ସହିତ ଛିଡ଼ା ହୁଅନ୍ତୁ। ଏହି ଥିମ୍ ସ୍ୱାସ୍ଥ୍ୟଗତ ଆହ୍ୱାନଗୁଡ଼ିକ ସହିତ ସଂଘର୍ଷ କରିବା ପାଇଁ ବୈଜ୍ଞାନିକ ସହଯୋଗ, ସାକ୍ଷ-ଆଧାରିତ ନୀତି ଓ ୱାନ୍ ହେଲ୍ଥ ଦୃଷ୍ଟିକୋଣର ମହତ୍ତ୍ୱ ଉପରେ ଜୋର୍ ଦିଏ।

## ମଶାମାନେ କିପରି ଆମକୁ ଖୋଜନ୍ତି !



ରାତିରେ ମଶାମାନଙ୍କ ଗୁଣୁଗୁଣୁ ଶବ୍ଦ ଆମର ନିଦକୁ ଖରାପ କରିଦିଏ। ନିଜର ବିଭିନ୍ନ ପ୍ରକାରର ଉପାୟକୁ ଅବଲମ୍ବନ କରି ମଶାମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରି ବିଫଳ ହୋଇଥାନ୍ତି ସମସ୍ତେ। ଯେତେବେଳେ ମଶାମାନଙ୍କୁ ମାରିବାର ଔଷଧର ବ୍ୟବହାର କରନ୍ତି ସେମାନେ ଉଡ଼ି ପଳାଇ ଯାଆନ୍ତି। ପରେ ପୁଣି ଥରେ ସକ୍ରିୟ ହୋଇଯାନ୍ତି। ଲୋକମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ କିପରି ଏହି ଛୋଟ ଛୋଟ ପ୍ରାଣୀଗୁଡ଼ିକ ଅନ୍ଧାରରେ ଆମମାନଙ୍କୁ ଖୋଜି ପାରୁଛନ୍ତି। କେତେ ବି ଅନ୍ଧାର ହେଉ ନା କାହିଁକି ମଶାମାନେ ନିଜର ଶିକାରକୁ ଖୋଜିନିଅନ୍ତି। କିନ୍ତୁ ଏଥିପାଇଁ ଆମେ ଦାୟୀ କି ? ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆମ ନିଃଶ୍ୱାସ-ପ୍ରଶ୍ୱାସରୁ ବାହାରୁଥିବା କାର୍ବନ ଡାଇ-ଅକ୍ସାଇଡ୍ ଗ୍ୟାସ୍ ଓ ଆମ ଶରୀରର ଗନ୍ଧ ଏଥିପାଇଁ ଦାୟୀ ହୋଇଥାଏ। ନିଃଶ୍ୱାସରେ ଆମେ କାର୍ବନ ଡାଇ-ଅକ୍ସାଇଡ ଛାଡ଼ନ୍ତି। ଏହାପରେ ମଶାମାନେ ଆମର ଶ୍ୱାସର ମାତ୍ରା ଓ ଦିଗକୁ ସେନ୍ସର କରି ଆମ ପର୍ଯ୍ୟନ୍ତ ପହଞ୍ଚି ଯାଆନ୍ତି। ଏହା ବ୍ୟତୀତ ଇନ୍‌ଫ୍ରାରେଡ୍ ସେନ୍ସର ସାହାଯ୍ୟରେ ଶରୀରର ଗରମକୁ ଅନୁଭବ କରନ୍ତି। ଅନ୍ଧାରରେ ମଶାମାନେ ଗରମ ଶରୀର ଆଡ଼କୁ ଅଧିକ ଆକର୍ଷିତ ହୁଅନ୍ତି। ଆମର ସ୍କିନ୍‌ରୁ ବାହାରୁଥିବା ମାମୁଲି ଏସିଡ୍, ଆମୋନିଆ ଓ ଲ୍ୟାକ୍ଟିକ ଏସିଡ୍ ମଶାମାନଙ୍କୁ ଆକର୍ଷିତ କରେ। ବ୍ୟକ୍ତିଗତ ସ୍ତରରେ ପ୍ରତି ମଣିଷର ଦେହର ଗନ୍ଧ ଅଲଗା ଅଲଗା ଥାଏ। ଏଥିପାଇଁ କିଛି ମଶା ଅଧିକ ଆକର୍ଷିତ ହୁଅନ୍ତି। ଅନ୍ଧାରରେ ମଶାମାନଙ୍କର ଅନ୍ୱେଷଣ କରିବାର କ୍ଷମତା ସେମାନଙ୍କର ସମ୍ବେଦନଶୀଳ ଓସ୍ମୋରିସେପ୍ଟର୍ସ ଓ ଇନ୍‌ଫ୍ରାରେଡ୍ ରିସେପ୍ଟର୍ସ କାରଣରୁ ହୋଇଥାଏ। ଏହି ସେନ୍ସର ବହୁତ ଛୋଟ ସଂକେତକୁ ବି ଧରିପାରେ ଯେପରି ଶ୍ୱାସରେ କାର୍ବନ ଡାଇ-ଅକ୍ସାଇଡ୍‌ର ଅଳ୍ପ ବୃଦ୍ଧି ହେଉ ଅବା ସ୍କିନ୍‌ର ଗରମ। ମଶାମାନେ କାମୁଡ଼ିଲେ ଅନେକ ପ୍ରକାରର ରୋଗ ହୁଏ ଯଥା- ମ୍ୟାଲେରିଆ, ଚିକନଗୁନିଆ, ଡେଙ୍ଗୁ ଜ୍ୱର ଆଦି। ଏଥିପାଇଁ ଘରର ଆଖପାଖକୁ ପରିଷ୍କାର ରଖନ୍ତୁ ଓ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।



## କଳା ବିମାନର କାହାଣୀ

ଦୁନିଆର ଲୋକମାନେ କେବେ ବି ଦେଶ ହେଉ ଅବା ବିଦେଶକୁ ଯିବା ପାଇଁ ଚିନ୍ତା କରିଲେ ଖୁବ୍ ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବିମାନ ବା ଉଡ଼ାଜାହାଜର ସାହାଯ୍ୟ ନେଇଥାନ୍ତି। ବିମାନ ଯାତ୍ରା ଅନ୍ୟ କୌଣସି ଯାତ୍ରା ଅପେକ୍ଷା ସମୟସାପେକ୍ଷ ଓ ଆରାମଦାୟକ ହୋଇଥାଏ। ଏଥିପାଇଁ ସୋସିଆଲ୍ ମିଡିଆରେ ଭିନ୍ନ ଭିନ୍ନ ପ୍ରକାରର ବିମାନ ବିଷୟରେ ରୋଚକ ତଥ୍ୟ ଦେଖିବାକୁ ମିଳିଯାଏ। କିନ୍ତୁ ଅନେକ ଲୋକ ଜାଣିନଥିବେ ଯେ ଦୁନିଆରେ ରହିଛି ଏପରି ଏକ ଦେଶ ଯେଉଁଠାରେ କଳା ରଙ୍ଗର ବିମାନ ଉଡ଼େ। ସାଧାରଣତଃ ବିମାନର ରଙ୍ଗ ଧଳା ହୋଇଥାଏ ଓ କିଛି ବିମାନର ରଙ୍ଗ ଅଳ୍ପ ଅଲଗା ହୋଇଥାଏ। ତେବେ ଧଳା ରଙ୍ଗ ପଛରେ ରହିଥାଏ କିଛି କାରଣ ଯଥା- ବିମାନର ଧଳା ରଙ୍ଗ ସୂର୍ଯ୍ୟଙ୍କ ଆଲୋକକୁ ଖୁବ୍ ଭଲ ଭାବରେ ପରିବର୍ତ୍ତିତ କରିପାରେ। ଅନ୍ୟ ରଙ୍ଗ ତୁଳନାରେ ଏହା ଫିକା ରଙ୍ଗ। ନୂଆ ପେଣ୍ଟ ହୋଇଥିବା ବିମାନର ଓଜନ ଅଧିକ ହୋଇଥାଏ ଓ ଏହି ଓଜନ ପାଖାପାଖି ୫୫୦ କି.ଗ୍ରା ପର୍ଯ୍ୟନ୍ତ ବୃଦ୍ଧିପାଏ। ବିମାନର ଧଳା ରଙ୍ଗରେ ପକ୍ଷୀମାନେ ଆସି ବାଡ଼େଇହେବା ପରି ଘଟଣା କମ୍ ଘଟେ। ଏହା ବ୍ୟତୀତ ଧଳା ରଙ୍ଗରେ ବିମାନରେ ହୋଇଥିବା କ୍ଷତି ଶୀଘ୍ର ନଜର ଆସେ। ତେବେ ଏକ ପୋଷ୍ଟରେ ଦେଖିବାକୁ ମିଳିଛି ଯେ ନ୍ୟୁଜିଲ୍ୟାଣ୍ଡରେ କଳା ବିମାନ ଦେଖିବାକୁ ମିଳେ। ଏୟାର୍ ନ୍ୟୁଜିଲ୍ୟାଣ୍ଡର କଳା ବିମାନ ନା କେବଳ ଦେଖିବାକୁ ଆକର୍ଷଣୀୟ ତାହା ନୁହେଁ ଏହା ଦେଶର ଜାତୀୟ ଗୌରବ ଅଟେ। ସିଲଭର୍ ଫର୍ଣ୍ଣର ଲୋଗୋ ଦ୍ୱାରା ସଜ୍ଜିତ ନ୍ୟୁଜିଲ୍ୟାଣ୍ଡର କଳା ବିମାନ ଦେଶର ସାଂସ୍କୃତିକ ପରିଚୟକୁ ଦର୍ଶାଇଥାଏ ଓ ଏହା ଟୁରିଜିମ୍ ନ୍ୟୁଜିଲ୍ୟାଣ୍ଡ ତଥା ଅଲ୍ ବ୍ଲାକ୍ସ ପରି ଜାତୀୟ ଖେଳର ଦଳଗୁଡ଼ିକ ସହିତ ଭାଗୀଦାରୀକୁ ଦର୍ଶାଇଥାଏ। ୨୦୧୩ରେ ସେଠାରେ ବିମାନରେ ପ୍ରଥମ ଥର ପାଇଁ କଳା ରଙ୍ଗକୁ ପେଶ୍ କରାଯିବା ପରେ ଜଣାପଡ଼ିଲା ଯେ ଏହା ଧଳା ରଙ୍ଗ ଅପେକ୍ଷା ହାଲୁକା କିନ୍ତୁ ପ୍ରାଇମର୍‌ର ଅତିରିକ୍ତ ପରତଗୁଡ଼ିକ କାରଣରୁ ଏହା ଅଧିକ ଦାମୀ। ଏହା ସତ୍ତ୍ୱେ ବି ବିମାନର ଆକର୍ଷଣୀୟ କଳା ରଙ୍ଗ ଲୋକମାନଙ୍କୁ ଆକର୍ଷିତ କରୁଛି।

## ମାତ୍ର ପାଞ୍ଚ ପ୍ରତିଶତ



ମଣିଷ ବ୍ରହ୍ମାଣ୍ଡର କେବଳ ପାଞ୍ଚ ପ୍ରତିଶତ ଜିନିଷକୁ ଦେଖିପାରେ, ଶୁଣିପାରେ ବା ଅନୁଭବ କରିପାରେ। ବାକି ୯୫ ପ୍ରତିଶତ ବାସ୍ତବିକତା ଆମ ପାଇଁ ସମ୍ପୂର୍ଣ୍ଣ ଭାବରେ ଅଦୃଶ୍ୟ ହୋଇ ରହିଛି। ଆମ ଦୈନନ୍ଦିନ ଜୀବନରେ ଆମେ କାର୍ଯ୍ୟକ୍ଷମ ରହୁଛନ୍ତି, କିନ୍ତୁ ଆମର ଆଖି କେବଳ ଏକ ବହୁତ ଛୋଟ ଝରକା ଦ୍ୱାରା ବାହାରର ଦୃଶ୍ୟ ଦେଖିପାରୁଛି। ବାକି ସବୁକିଛି ଆମ ଇନ୍ଦ୍ରିୟଗୁଡ଼ିକ ବାହାରେ ରହିଛି। ବୈଜ୍ଞାନିକମାନଙ୍କ ଅନୁସାରେ ଆମର ବାୟୋଲୋଜିକାଲ୍ ସେନ୍ସିଟିଭିଟିର ମାତ୍ରା ବହୁତ ସୀମିତ। ଆମେ ଯାହାକୁ ବାସ୍ତବିକତା ବୋଲି ବୁଝନ୍ତି ତାହା ବ୍ରହ୍ମାଣ୍ଡର କେବଳ ଏକ ଛୋଟ ଭାଗ। ବାକି ସବୁ ଅଦୃଶ୍ୟ ଶକ୍ତି, ତରଙ୍ଗ ଓ କଣ ଆମ ଚାରିପାଖରେ ଘୂରି ବୁଲୁଛନ୍ତି କିନ୍ତୁ ଆମେ ସେଗୁଡ଼ିକୁ ଜାଣିପାରୁ ନାହାନ୍ତି। ଆମ ଆଖି କେବଳ ୩୮୦-୭୦୦ ନାନୋମିଟର ପର୍ଯ୍ୟନ୍ତ ଆଲୋକର ତରଙ୍ଗଗୁଡ଼ିକୁ ଦେଖିବାରେ ସକ୍ଷମ ହେଉଛି। ଏହାକୁ ଆମେ ଦେଖିପାରୁଥିବା ଆଲୋକ ବୋଲି କହନ୍ତି। ଏଥିରେ କମ୍ ଫ୍ରିକ୍ୱେନ୍ସି ଥିବା ବାଇଗଣି ରଶ୍ମି ଓ ଅଧିକ ଇନ୍‌ଫ୍ରାରେଡ୍ ଆମର ଆଖିକୁ ଦେଖାଯାଏ ନାହିଁ। ଏହିଭଳି ଭାବରେ ଆମର କାନ କେବଳ ୨୦ ହର୍ଟ୍‌ଜରୁ ୨୦,୦୦୦ ହର୍ଟ୍‌ଜ ପର୍ଯ୍ୟନ୍ତ ଧ୍ୱନି ତରଙ୍ଗକୁ ଶୁଣିପାରେ। ଏହାଠାରୁ କମ୍ ବା ଅଧିକ ଫ୍ରିକ୍ୱେନ୍ସି ଥିବା ସ୍ୱରଗୁଡ଼ିକୁ ଆମେ ଆଦୌ ଶୁଣିପାରନ୍ତି ନାହିଁ। ଏହି ସୀମା ମଣିଷର କାନର ସଂରଚନା କାରଣରୁ ହୋଇଥାଏ। ଅଲ୍ଟ୍ରାସୋନିକ୍ ୱେଭ୍‌ସ, ରେଡିଓ ୱେଭ୍‌ସ, ମାଇକ୍ରୋୱେଭ୍‌ସ ଓ ଏକ୍ସ-ରେ ପରି ଜିନିଷ ଆମ ଚାରିପାଖରେ ରହିଛି କିନ୍ତୁ ଆମେ ସେସବୁକୁ ଅନୁଭବ କରିପାରନ୍ତି ନାହିଁ। ପ୍ରତି ସେକେଣ୍ଡରେ ଆମ ଶରୀର ଦେଇ ବିଲିଅନ୍ସ ନ୍ୟୁଟ୍ରିନୋ କଣ ଅତିକ୍ରମ କରୁଛନ୍ତି। ବୈଜ୍ଞାନିକଙ୍କ ଅନୁସାରେ ସୂର୍ଯ୍ୟଙ୍କ ଠାରୁ ବାହାରୁଥିବା ପାଖାପାଖି ୬୦ ବିଲିଅନ ନ୍ୟୁଟ୍ରିନୋ ପ୍ରତି ବର୍ଗ ସେ.ମି ପ୍ରତି ସେକେଣ୍ଡ ଆମ ଶରୀର ଦେଇ ଅତିକ୍ରମ କରୁଛନ୍ତି। ଏହି କଣଗୁଡ଼ିକ ହାଲୁକା ଓ ବିନା ଚାର୍ଜବାଲା କଣ ଯେଉଁଗୁଡ଼ିକ ପୃଥିବୀ, ମଣିଷ ବା କୌଣସି ଜିନିଷ ସହିତ ଟକ୍କର ନହୋଇ ବାହାରି ଯାଆନ୍ତି। ଏହିଭଳି ଭାବରେ ପ୍ରତି ସମୟରେ ଏହିପରି ତତ୍ତ୍ୱଗୁଡ଼ିକ ଆମ ଆଖପାଖରେ ଘୁରି ବୁଲୁଥାନ୍ତି କିନ୍ତୁ ଆମ ଆଖି ସେଗୁଡ଼ିକୁ ଦେଖିପାରେ ନାହିଁ ଓ କାନ ଶୁଣିପାରେ ନାହିଁ।

## ଦୁବାଇରେ ସୁଟିଂ







ଦର୍ଶକମାନେ ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ 'ଭୂତ୍ ବଙ୍ଗଲା'କୁ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଏହା ମଧ୍ୟରେ ଅକ୍ଷୟଙ୍କ ଆଉ ଏକ ଫିଲ୍ମ 'ୱେଲକମ୍ ଟୁ ଦି ଜଙ୍ଗଲ୍' ପାଇଁ ମଧ୍ୟ ଦର୍ଶକମାନଙ୍କର ଆଗ୍ରହ ବୃଦ୍ଧି ପାଇଛି। ମଲ୍ଟିଷ୍ଟାର୍‌ର ଏହି ଫିଲ୍ମଟି ଏ ବର୍ଷ ରିଲିଜ ହେବ ଯାହାର ତାରିଖ ବିଷୟରେ ଘୋଷଣା କରାଗଲାଣି। ବିଗତ ଦିନରେ ଏହି ଫିଲ୍ମର ସୁଟିଂ ସିଡ୍ୟୁଲ୍‌କୁ କ୍ୟାନ୍ସେଲ୍ କରିଦିଆ ଯାଇଛି। ଏବେ ଏହାର ଦୁବାଇ ସିଡ୍ୟୁଲ୍ ଫାଇନାଲ୍ ହୋଇସାରିଲାଣି। ଅହମଦ ଖାନଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ସବୁଠାରୁ ବଡ଼ ଓ ମୁଖ୍ୟ ଦୃଶ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ ଏକ ଦୃଶ୍ୟର ସୁଟିଂ ୟୁଏଇରେ ହେବ। ଏହି ଦୃଶ୍ୟଟିରେ ହେବ ଏକ ଜବରଦସ୍ତ ଏଣ୍ଟ୍ରି ସିନ୍ ଯେଉଁଥିରେ ସୁନିଲ୍ ସେଟ୍ଟି ନଜର ଆସିବେ। ଏଥିରେ ସୁନିଲ୍‌ଙ୍କ ଗ୍ରାଣ୍ଡ ଏଣ୍ଟ୍ରି ପାଇଁ ନିର୍ମାତାମାନଙ୍କର ଏକ ବଡ଼ ଧରଣର ପ୍ରସ୍ତୁତି ଚାଲିଛି। ତେବେ ଏହି ଦୃଶ୍ୟଟି ସବୁଠାରୁ ବଡ଼ ଓ ଦାମୀ ଦୃଶ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ ହେବ। ୨୦୦୭ରେ ରିଲିଜ ହୋଇଥିବା ଫିଲ୍ମ 'ୱେଲକମ୍'ରେ ସୁନିଲ୍‌ଙ୍କ ଆଇକନିକ୍ ଏଣ୍ଟ୍ରି ଦ୍ୱାରା ଏହି ଦୃଶ୍ୟଟି ପ୍ରେରିତ ହେବ। ତିନି ଦିନର ଏହି ଦୃଶ୍ୟର ସୁଟିଂରେ ସୁନିଲ୍ ଜଣେ ଡନ୍ ଚରିତ୍ରରେ ନଜର ଆସିବେ। ସମୁଦ୍ର ମଝିରେ ଏକ ୨୦୦ ଫୁଟ୍ ଲମ୍ବା ଲଗଜରୀ ୟାଟ୍‌ରେ ଏକ ହେଲିପ୍ୟାଡ୍ ରହିଛି ଯେଉଁଠାରେ ବଡ଼ ଷ୍ଟାଇଲିଶ୍ ଅନ୍ଦାଜରେ ଏଣ୍ଟ୍ରି କରିବେ ସୁନିଲ୍ ସେଟ୍ଟି। ହେଲିକପ୍ଟରରେ ଅରଶାଦ୍ ୱାରସୀ ଓ ସୁନିଲ୍ ସେଟ୍ଟି ଆସିବେ ଯାହାପରେ ବାକି କଳାକାରଙ୍କ ଦଳରେ ସେମାନେ ସାମିଲ ହୋଇଯିବେ। ପରେଶ ରାୱଲ୍, ଜନି ଲିଭର୍ ଓ ରାଜପାଲ୍ ଯାଦବ ମଧ୍ୟ ଏହି ବଡ଼ ଦୃଶ୍ୟର ଅଂଶବିଶେଷ ହେବାକୁ ଯାଉଛନ୍ତି। ଫିଲ୍ମର ନିର୍ମାତା ଫିରୋଜ ନାଡ଼ିଆଦୱାଲା ଲଜିଷ୍ଟିକ୍ ଚ୍ୟାଲେଞ୍ଜ ସତ୍ତ୍ୱେ ଏହି ସିକ୍ୱେନ୍ସର ସୁଟିଂ ଦୁବାଇରେ କରିବା ଉପରେ ଜୋର୍ ଦେଉଛନ୍ତି। ତେବେ ଫିଲ୍ମର ଫିମେଲ୍ ଲିଡ୍‌ରେ ନଜର ଆସିବେ ଦିଶା ପାଟନୀ, ରବୀନା ଟଣ୍ଡନ, ଲାରା ଦତ୍ତ ଓ ଜ୍ୟାକଲିନ୍ ଫର୍ଣ୍ଣାଡିସ୍।

## ଅଧିକ ନଦୀର ଜିଲ୍ଲା

ଆମ ଦେଶରେ କୃଷି, ଅର୍ଥବ୍ୟବସ୍ଥା ଓ ଦୈନନ୍ଦିନ ଜୀବନରେ ନଦୀଗୁଡ଼ିକର ରହିଛି ମହତ୍ତ୍ୱପୂର୍ଣ୍ଣ ଭୂମିକା। ଏହି ନଦୀଗୁଡ଼ିକ ଜଳସେଚନ, ଉଦ୍ୟୋଗ ଓ ଘରୋଇ ଉପଯୋଗ ପାଇଁ ଜଳ ପ୍ରଦାନ କରନ୍ତି। ଦେଶରେ ରହିଛି ସମୁଦାୟ ୪୦୦ରୁ ଅଧିକ ନଦୀ ଯେଉଁଗୁଡ଼ିକ ମଧ୍ୟରେ ଗଙ୍ଗା, ଯମୁନା, ଗୋଦାବରୀ, କ୍ରିଷ୍ଣା ଓ କାବେରୀ ଅନ୍ୟତମ। ପ୍ରତ୍ୟେକ ନଦୀର ରହିଛି ନିଜର ଅଲଗା ମହତ୍ତ୍ୱ ଓ ଇତିହାସ। ସେହିପରି ଗଙ୍ଗା ନଦୀ ହେଉଛି ଦେଶର ପବିତ୍ର ନଦୀ। କିନ୍ତୁ ଦେଶରେ ରହିଛି ଏପରି ଏକ ଜିଲ୍ଲା ଯେଉଁଠାରେ ପ୍ରବାହିତ ହେଉଛନ୍ତି ୧୭ଟି ନଦୀ। ଏହି ଜିଲ୍ଲାଟିର ନାମ ଆଜମଗଡ଼ ଯେଉଁଟି ରହିଛି ଉତ୍ତରପ୍ରଦେଶ ରାଜ୍ୟରେ। ସେଠାରେ ପ୍ରବାହିତ ହେଉଛି-ଘାଘରା, ତମସା, ବେସା, ଗାଜି, ମଂଜୁସା, ଉଦନ୍ତୀ, କୁଓଁର, ସିଲନୀ, ମଙ୍ଗଇ, ଲୋନୀ, ଦୋନା, ଓରା, ବଗାଡ଼ି, ସୁକସୁଇ ଓ କୟାଡ଼ ନଦୀ। ଘାଘରା ନଦୀକୁ ଛୋଟ ସରୟୁ ନଦୀ ବୋଲି କୁହାଯାଏ। ଏହି ନଦୀଟି ଜିଲ୍ଲାର ଉତ୍ତର ସୀମା ଦେଇ ପ୍ରବାହିତ ହେଉଛି। ତମସା ନଦୀ ଜିଲ୍ଲାର ମଧ୍ୟଭାଗରେ ପ୍ରବାହିତ ହେଉଥିବାରୁ କୃଷି ପାଇଁ ବେଶ୍ ଜଣାଶୁଣା। ୧୬୬୫ରେ ସ୍ଥାପିତ ହୋଇଥିବା ଏହି ଜିଲ୍ଲାଟି ନିଜର ସମୃଦ୍ଧ ସାଂସ୍କୃତିକ ଓ ନିଜାମାବାଦର ପ୍ରମୁଖ ମାଟି ବାସନକୁସନ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିଛି। ଶିକ୍ଷା ଓ କଳା କ୍ଷେତ୍ର ପାଇଁ ମଧ୍ୟ ଜିଲ୍ଲାର ପ୍ରସିଦ୍ଧି ରହିଛି। ସେଠିକାର ଭାଷା, ଖାଦ୍ୟପେୟ ଓ ପରମ୍ପରା ପୂର୍ବାଞ୍ଚଳର ଖାସ୍ ପରିଚୟ। ଆଜମଗଡ଼ ଜିଲ୍ଲା ମଉ, ଗୋରଖପୁର, ଗାଜିପୁର, ଯୌନପୁର, ସୁଲତାନପୁର ଓ ଆମ୍ବେଦକର ନଗର ଦ୍ୱାରା ଘେରି ହୋଇ ରହିଛି। ପ୍ରଦେଶର ରାଜଧାନୀ ଠାରୁ ଆଜମଗଡ଼ର ଦୂରତା ୨୬୦-୨୭୦ କି.ମି ହେବ।





## ଆଜିର ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଗୁଆହାଟୀ



### କେଭିନ୍ ପିଟର୍ସନ୍‌ଙ୍କ ବଡ଼ ବୟାନ

# ଆଇପିଏଲ୍ ପାଇଁ କ୍ୟାରିୟର୍ ହରାଇଛି

**ନୂଆଦିଲ୍ଲୀ,୬।୪/ଏଜେନ୍ସି:** ପୂର୍ବତନ ଇଂଲଣ୍ଡ କ୍ୟାପ୍ଟେନ୍ କେଭିନ୍ ପିଟର୍ସନ୍ ଏକ ଚକିତ କରିବା ଭଳି ଦାବି କରିଛନ୍ତି। ପିଟର୍ସନ୍ କହିଛନ୍ତି, ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)କୁ ପ୍ରାଥମିକତା ଦେବା କାରଣରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ସହିତ ତାଙ୍କର ବିବାଦ ହୋଇଥିଲା, ଯାହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ବିରାମ ଲଗାଇଥିଲା। ରଣବୀର ଅଲ୍ଲାହବାଦିଆଙ୍କ ସହ କଥାବାର୍ତ୍ତା ବେଳେ କେଭିନ୍ ପିଟର୍ସନ୍ କହିଛନ୍ତି, ଯେତେବେଳେ ଇସିବି ନିଜର କେନ୍ଦ୍ରୀୟ ଚୁକ୍ତିରେ ଥିବା ଖେଳାଳିଙ୍କୁ ଆଇପିଏଲ୍ ଖେଳିବାକୁ ଅନୁମତି ଦେବା ପକ୍ଷରେ ନଥିଲା, ସେତେବେଳେ ସେ ବଡ଼ ରିସ୍କ ନେଇଥିଲେ। ସେ କହିଛନ୍ତି, 'ମୁଁ ବଡ଼ ତ୍ୟାଗ କରିଛି ଏବଂ ନିଜ କ୍ୟାରିୟର୍ ହରାଇଛି। ଏହି କାରଣରୁ ସିଷ୍ଟମ୍‌ର ଲୋକମାନେ ମୋ ବିରୋଧୀ ହୋଇଯାଇଥିଲେ।' ପିଟରସନ୍‌ଙ୍କ ଅନୁସାରେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍ ସମୟ ପୂର୍ବରୁ ଶେଷ କରିଦିଆଯାଇଛି। ସେ ଆହୁରି କହିଛନ୍ତି, 'ମୁଁ ଯେବେ ୩୩ ବର୍ଷ ବୟସର ଥିଲି ମୋ କ୍ୟାରିୟର୍ ଶେଷ ହୋଇଥିଲା। ମୁଁ



୧୦୪ ଟେଷ୍ଟ ଖେଳିଥିଲି, କିନ୍ତୁ ମୋତେ ୧୫୦-୧୬୦ ଟେଷ୍ଟ ଖେଳିବାର ଥିଲା।' ପିଟରସନ୍ ନିଜ ଟେଷ୍ଟ କ୍ୟାରିୟର୍‌ରେ ୮୧୮୧ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୨୩ ଶତକ ଏବଂ ୩୫ ଅର୍ଦ୍ଧଶତକ ସାମିଲ। ଆଇପିଏଲ୍ ଖେଳିବାର ତାଙ୍କ ନିଷ୍ପତ୍ତି ସେ ସମୟରେ ଇଂଲଣ୍ଡ କ୍ରିକେଟ୍‌ରେ ବଡ଼ ବିବାଦ ସୃଷ୍ଟି କରିଥିଲା। ପିଟରସନ୍ ଏବଂ ଇସିବି ମଧ୍ୟରେ ଏହି ଝଗଡ଼ା ଦୀର୍ଘ ସମୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ଅବଶ୍ୟ ପିଟରସନ୍‌ଙ୍କ ଅନୁସାରେ ତାଙ୍କର ଏହି ନିଷ୍ପତ୍ତିର ଲାଭ ଆଜିର ଖେଳାଳିମାନଙ୍କୁ ମିଳିଛି। ଏବେ ଇଂଲଣ୍ଡ ଖେଳାଳି ସହଜ ଭାବେ ଫ୍ରାଞ୍ଚାଇଜି ଲିଗ୍ ଖେଳିପାରୁଛନ୍ତି ବୋଲି ସେ କହିଛନ୍ତି। ପିଟରସନ୍ କହିଛନ୍ତି, 'ମୁଁ କିଛିଦିନ ତଳେ ଜୋସ୍ ବଟ୍‌ଲର୍‌ଙ୍କ ସାକ୍ଷାତକାର ନେଇଥିଲି। ସେ ବି ମୋତେ ଧନ୍ୟବାଦ ଜଣାଇଥିଲେ। ମୋ ତ୍ୟାଗ କାରଣରୁ ଆଜି ଏ ଖେଳାଳି ତା'ର ଲାଭ ଉଠାଉଛନ୍ତି।

ସେ ସମୟରେ ଏ ବିବାଦ କେତେ ବଡ଼ ଥିଲା, ପିଟରସନ୍ ତାହାର ମଧ୍ୟ ଖୁଲାସା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଇସିବି ମିଡିଆ ଜରିଆରେ ତାଙ୍କ ବିରୋଧରେ ପରିବେଶ ସୃଷ୍ଟି କରିଥିଲା। ଇଂଲଣ୍ଡ ଟିମ୍‌ରୁ ବାହାର ହେବାପରେ ପିଟରସନ୍ ସାରା ବିଶ୍ୱର ଟି-୨୦ ଲିଗ୍‌ରେ ଖେଳିଥିଲେ। ପିଟରସନ୍ ଆଇପିଏଲ୍‌ରେ ନିଜ ଡେବ୍ୟୁ ୨୦୦୯ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ଖେଳି କରିଥିଲେ। ତାଙ୍କର ଏହି ବୟାନ୍ ପୁଣିଥରେ ଦର୍ଶାଉଛି ଯେ ଆଇପିଏଲ୍ କ୍ରିକେଟ୍ ବିଶ୍ୱରେ କେତେ ଶକ୍ତି ହାସଲ କରିଛି। ଏଥିରେ ଖେଳିବାର ନିଷ୍ପତ୍ତି ଯେକୌଣସି ଖେଳାଳିଙ୍କ କ୍ୟାରିୟର୍‌ର ଦିଗ ବି ବଦଳାଇ ଦେଇଥାଏ।

# ବର୍ଷାରେ ଧୋଇଗଲା କୋଲ୍‌କାତା-ପଞ୍ଜାବ ମ୍ୟାଚ୍

### ଉଭୟ ଟିମ୍ ୧-୧ ପଏଣ୍ଟ ବାଣ୍ଟିଲେ; ରଦ୍ଦ ହେବାରେ ସିଜନ୍‌ର ପ୍ରଥମ

**କୋଲ୍‌କାତା,୬।୪/ଏଜେନ୍ସି:** କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଏବଂ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ସୋମବାର ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ଦ୍ୱାଦଶ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଛି। ଫଳରେ ଦୁଇଟି ଟିମ୍ ମଧ୍ୟ ୧-୧ ପଏଣ୍ଟ ବଣ୍ଟାଯାଇଛି। ବର୍ଷା ଯୋଗୁଁ ରଦ୍ଦ ହେବା ଏହା ଚଳିତ ଆଇପିଏଲ୍‌ର ପ୍ରଥମ ମ୍ୟାଚ୍। ସୋମବାର ସକାଳୁ କୋଲ୍‌କାତାରେ ରହି ରହି ବର୍ଷା ହେଉଥିଲା। ତେଣୁ ଏହି ମ୍ୟାଚ୍‌ର ଆୟୋଜନକୁ ନେଇ ପ୍ରଥମରୁ ସନ୍ଦେହ ସୃଷ୍ଟି ହୋଇଥିଲେ। ଇଡେନ୍ ଗାର୍ଡେନ୍ସରେ ଘରୋଇ କେକେଆର୍ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ତେବେ ଟିମ୍‌ର ଆରମ୍ଭ ବହୁ ନୈରାଶ୍ୟଜନକ ରହିଥିଲା। ଦ୍ୱିତୀୟ ଓଭର୍‌ରେ ଜାଭିୟର୍ ବାର୍ଟଲେଟ୍ ଅନ୍ୟତମ ଓପ୍ନର୍ ଫିନ୍ ଏଲନ୍ (୬ ରନ୍) ଏବଂ ପରେ କାମେରନ୍ ଗ୍ରୀନ୍ (୪ ରନ୍)ଙ୍କୁ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ କରାଇଥିଲେ। ଟିମ୍ ୩.୪ ଓଭର୍‌ରେ



ଦୁଇ ୱିକେଟ୍ ବିନିମୟରେ ୨୫ ରନ୍ କରିଥିବା ବେଳେ ସନ୍ଧ୍ୟା ୭.୪୬ ସମୟରେ ବର୍ଷା ହୋଇଥିଲା। ବର୍ଷା ଲାଗି ରହିବାରୁ ମ୍ୟାଚ୍ ବନ୍ଦ କରାଯାଇଥିଲା। ଫଳରେ କ୍ୟାପ୍ଟେନ୍ ଆଜିଙ୍କ୍ୟ (୮ରନ୍) ଏବଂ ଅଙ୍ଗକ୍ରିଷ ରଘୁବଂଶୀ (୭ ରନ୍)ଙ୍କୁ ଅପରାଜିତ ଫେରିବାକୁ ପଡ଼ିଥିଲା। ଏହାପରେ ବର୍ଷା ଲାଗି ରହିବାକୁ ମ୍ୟାଚ୍ ସମ୍ଭବ ହୋଇପାରି ନଥିଲା ଏବଂ ରାତି ୧୧.୧୪ ମିନିଟ୍‌କୁ କଟ୍‌ଅଫ୍ ଟାଇମ୍ ରଖାଯାଇଥିଲା। ଅର୍ଥାତ୍ ଏହି ସମୟରେ ମ୍ୟାଚ୍ ସମ୍ଭବ ହୋଇଥିଲେ ୫-୫ ଓଭର୍‌ର ଖେଳ ହୋଇଥାନ୍ତା। ନିର୍ଦ୍ଧାରିତ ସମୟକୁ ବର୍ଷା ଛାଡ଼ି ଯାଇଥିଲେ ମଧ୍ୟ ଆଉଟ୍ ଫିଲ୍ଡରେ ପାଣି ଭରି ରହିଥିବାରୁ ଦୁଇ ଅମ୍ପାୟାର୍ ପିଚ୍ ନିରୀକ୍ଷଣ ପରେ ଉଭୟ ଟିମ୍‌ର କ୍ୟାପ୍ଟେନ୍ ସହିତ ଆଲୋଚନା ପରେ ମ୍ୟାଚ୍ ରଦ୍ଦ ଘୋଷଣା କରିଥିଲେ।

ଚଳିତ ସିଜନ୍‌ରେ କେକେଆର୍ ଘରୋଇ ପଡ଼ିଆରେ ପ୍ରଥମ ବିଜୟ ଲକ୍ଷ୍ୟରେ ରହିଥିଲା। ମାତ୍ର ଟିମ୍‌କୁ ନିରାଶ ହେବାକୁ ପଡ଼ିଛି। ଏହି ମ୍ୟାଚ୍ ପୂର୍ବରୁ ଟିମ୍ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏବେ ୩ ମ୍ୟାଚ୍‌ରୁ ଗୋଟିଏ ପଏଣ୍ଟ ସହ କେକେଆର୍ ପଏଣ୍ଟ ଟେବଲ୍‌ର ୮ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବିଜୟ ହ୍ୟାଟ୍ରିକ୍ ଲକ୍ଷ୍ୟରେ ଥିବା ପଞ୍ଜାବ କିଙ୍ଗ୍ସ ଏହି ରଦ୍ଦ ମ୍ୟାଚ୍‌ରୁ ଗୋଟିଏ ପଏଣ୍ଟ ହାସଲ କରି ୩ ମ୍ୟାଚ୍‌ରେ ଦୁଇ ବିଜୟ ସହ ମୋଟ ୫ ପଏଣ୍ଟ ଜିତି ଟେବୁଲ୍ ଶୀର୍ଷରେ ପହଞ୍ଚିଛି।

# ବିସିସିଆଇ ସିଓଇ ହାଇ-ପରଫର୍ମାନ୍ସ କ୍ୟାମ୍ପ୍ ପାଇଁ ସମ୍ବିତ ମନୋନୀତ

**କଟକ,୬।୪/ଏଜେନ୍ସି:** ଓଡ଼ିଶା କ୍ରିକେଟ୍ ଟିମ୍‌ର ଅଲ୍‌ରାଉଣ୍ଡର୍ ସମ୍ବିତ୍ ଏସ୍ ବରାଳ ପ୍ରତିଷ୍ଠିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ) ହାଇ-ପରଫର୍ମାନ୍ସ କ୍ୟାମ୍ପ୍ (ଏମର୍ଜିଂ ଅଣ୍ଡର-୨୫ ପୁରୁଷ) ନିମନ୍ତେ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ୍ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସରେ ଚଳିତ ବର୍ଷ ଏପ୍ରିଲ୍ ୧୨ରୁ ମେ' ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। କ୍ୟାମ୍ପ୍ ପାଇଁ ମନୋନୀତ



ହୋଇଥିବାରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଆସୋସିଏସନ୍‌ର ସମସ୍ତ ପଦାଧିକାରୀ ସମ୍ବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ଭବିଷ୍ୟତ ପ୍ରୟାସରେ ସଫଳତା କାମନା କରିଛନ୍ତି।

ଜଣେ ବାମହାତୀ ବ୍ୟାଟର୍ ଏବଂ ଡାହାଣହାତୀ ମିଡିୟମ୍ ପେସର୍ ସମ୍ବିତ୍ ୨୦୨୪ ନଭେମ୍ବର ୨୫ରେ ରେଳବାଇ ବିପକ୍ଷରେ ଓଡ଼ିଶା ପାଇଁ ଟି-୨୦ ଡେବ୍ୟୁ କରିଥିଲେ। ସେହିପରି ୨୦୨୫ ଅକ୍ଟୋବର ୨୫ରେ ଉତ୍ତର ପ୍ରଦେଶ ବିପକ୍ଷରେ କାନପୁରରେ ପ୍ରଥମଶ୍ରେଣୀ ଡେବ୍ୟୁ କରିଥିବା ସମ୍ବିତ ସେହି ବର୍ଷ ଡିସେମ୍ବର ୨୪ ତାରିଖରେ ସୌରାଷ୍ଟ୍ର ବିପକ୍ଷରେ ପ୍ରଥମ ଲିଷ୍ଟ-ଏ' ମ୍ୟାଚ୍ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ସେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୬ ମ୍ୟାଚ୍‌ରେ ୧୧ ଇନିଂସ୍ ଖେଳି ମୋଟ ୧୮୫ ରନ୍ କରିଛନ୍ତି। ଏହି ଫର୍ମାଟ୍‌ରେ ତାଙ୍କ ନାମରେ ୧୫ ୱିକେଟ୍ ରହିଛି। ଏହା ବ୍ୟତୀତ ୭ ଲିଷ୍ଟ-ଏ' ମ୍ୟାଚ୍‌ରେ ସେ ୮୯ ରନ୍ ସଂଗ୍ରହ କରିଥିବା ବେଳେ ୯ ୱିକେଟ୍ ନେଇଛନ୍ତି। ୯ ଟି-୨୦ ମ୍ୟାଚ୍‌ରେ ସମ୍ବିତ ଓଡ଼ିଶାର ପ୍ରତିନିଧିତ୍ୱ କରି ୧୬୩ ରନ୍ କରିଥିବା ବେଳେ ଗୋଟିଏ ୱିକେଟ୍ ହାସଲ କରିଛନ୍ତି।

# ଆଇସିସି ପ୍ଲେୟାର୍ ଅଫ୍ ଦ ମନ୍ଥ ଦୌଡ଼ରେ ସଞ୍ଜୁ ଓ ବୁମ୍‌ରା

**ଦୁବାଇ,୬।୪/ଏଜେନ୍ସି:** ଟି-୨୦ ବିଶ୍ୱକପ୍ ବିଜେତା ଟିମ୍ ଇଣ୍ଡିଆର ଦୁଇ ଷ୍ଟାର୍ ଖେଳାଳି ସଞ୍ଜୁ ସାମ୍‌ସନ୍ ଓ ଜସ୍‌ପ୍ରୀତ୍ ବୁମ୍‌ରା ମାର୍ଚ୍ଚ ମାସ ପାଇଁ ଆଇସିସି ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ସେମାନଙ୍କ ବ୍ୟତୀତ ସାଉଥ୍ ଆଫ୍ରିକୀୟ ଯୁବ ବ୍ୟାଟର୍ କନୋର୍ ଏଷ୍ଟରହୁଇଜନ୍ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି।

ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ସଞ୍ଜୁ ୨୦୨୬ ପୁରୁଷ ବିଶ୍ୱକପ୍‌ର ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର୍-୮ ମ୍ୟାଚ୍‌ରେ ୯୭ ରନ୍‌ର ସ୍ମରଣୀୟ ଇନିଂସ୍ ଖେଳିଥଲେ। ଏହାପରେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ୍ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ୍‌ରେ ସେ ୮୯-୮୯ ରନ୍ କରିଥିଲେ। ତାଙ୍କର ଏହି ପ୍ରୟାସ ବଳରେ ଭାରତ ଘରୋଇ ପଡ଼ିଆରେ ଟାଇଟଲ୍ ଡିଫେଣ୍ଡ କରିବାରେ ସଫଳ ହୋଇଥିଲା ଏବଂ ସଞ୍ଜୁଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ସେହିପରି ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ବିଶ୍ୱକପ୍ ଫାଇନାଲ୍‌ରେ ୧୫ ରନ୍ ଦେଇ ୪ଟି ୱିକେଟ୍ ଅକ୍ତିଆର କରିବା ସହିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଏଷ୍ଟରହୁଇଜନ୍ ମୋଟ ୨୦୦ ରନ୍ କରିଥିଲେ। ନିର୍ଣ୍ଣାୟକ ମ୍ୟାଚ୍‌ରେ ତାଙ୍କ ୭୫ ରନ୍‌ର ଇନିଂସ୍ ଦମ୍‌ରେ ସାଉଥ୍ ଆଫ୍ରିକା ୩-୨ରେ ସିରିଜ୍ ଜିତିବାକୁ ସକ୍ଷମ ହୋଇଥିଲା।

# ଏସିଆନ୍ ବକ୍ସିଂ ଫାଇନାଲ୍‌ରେ ପ୍ରିୟା

### ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତାଙ୍କୁ ହରାଇଲେ

**ନୂଆଦିଲ୍ଲୀ,୬।୪/ଏଜେନ୍ସି:** ଉଦୀୟମାନ ଭାରତୀୟ ବକ୍ସର୍ ପ୍ରୀତି ପୱାର୍ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା କୋରିଆର ଏଜି ଇମ୍‌ଙ୍କୁ ହରାଇ ମଙ୍ଗୋଲିଆ ରାଜଧାନୀ ଉଲାନ୍‌ବାଟର୍‌ରେ ଚାଲିଥିବା ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତେବେ ନିକହତ୍ ଜରୀନ୍ ଓ ଲଭଲିନା ବୋରଗୋହେନ୍ ପରାଜିତ ହୋଇ ବାଦ୍ ପଡ଼ିଛନ୍ତି। ପ୍ରିୟା ଓ ଅରୁନ୍ଧତି ଚୌଧୁରୀ ମଧ୍ୟ ନିଜ ନିଜ ସେମିଫାଇନାଲ୍ ମ୍ୟାଚ୍ ଜିତିଛନ୍ତି। ବିଶ୍ୱ ଚାମ୍ପିଅନ୍‌ଶିପ୍ ପଦକ ବିଜେତା ପୂଜା ରାଣୀ ଓ



ଅଙ୍କୁଶିତା ବୋରୋ ସେମିଫାଇନାଲ୍‌ରେ ହାରି ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

ମହିଳା ୫୪ କିଲୋଗ୍ରାମ୍ ବର୍ଗର ସେମିଫାଇନାଲ୍‌ରେ ପ୍ରୀତି ତିନି ରାଉଣ୍ଡର ମୁକାବିଲାରେ ଇମ୍‌ଙ୍କୁ ୫-୦ରେ ହରାଇଛନ୍ତି। ଏବେ ତାଙ୍କ ମୁକାବିଲା ତିନି ଥରର ବିଶ୍ୱ ଚାମ୍ପିଅନ୍ ଏବଂ ଟୋକିଓ ଅଲିମ୍ପିକ୍ ୨୦୨୦ର ବ୍ରୋଞ୍ଜ୍ ପଦକ ବିଜେତା ଚୀନା ତାଇପେଇର ହୁଆଙ୍ଗ୍ ସିୟାଓ ୱେନ୍‌ଙ୍କ ସହ ହେବ। ମହିଳା ୬୦ କିଲୋଗ୍ରାମ୍ ବର୍ଗରେ ପ୍ରିୟା ସ୍ଥାନୀୟ ବକ୍ସର୍ ନାମୁନ୍ ମୋଙ୍ଖୋର୍‌ଙ୍କୁ ୫-୦ରେ ହରାଇ ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ଫାଇନାଲ୍‌ରେ ତାଙ୍କ ମୁକାବିଲା କୋରିଆର ଉନ୍ ଜିୟୋଙ୍ଗ୍ ଭୋନ୍‌ଙ୍କ ସହ ହେବ। ଅରୁନ୍ଧତି (୭୦ କିଗ୍ରା) ଉଜ୍‌ବେକିସ୍ତାନର ଓଇଶା ନୋଇରୋଭାଙ୍କୁ ୪-୧ରେ ମାତ୍ ଦେଇଥିବା ବେଳେ ଫାଇନାଲ୍‌ରେ ତାଙ୍କ ମୁକାବିଲା କଜାଖସ୍ତାନର ବୋକିତ ସେଇଦିଶଙ୍କ ସହ ହେବ। ଦୁଇଥରର ବିଶ୍ୱ ଚାମ୍ପିଅନ୍ ନିକହତ୍‌ଙ୍କୁ (୫୧ କିଗ୍ରା) ଚୀନ୍‌ର ଉ ୟୁ ୫-୦ରେ ମାତ୍ ଦେଇଥିବା ବେଳେ ଲଭଲିନାଙ୍କୁ ଉଜ୍‌ବେକିସ୍ତାନର ଅଜିଜା ଜୋକିରୋଭା ୫-୦ ହରାଇଛନ୍ତି।

## ଦେଶ ବିଦେଶ

# ଛୋଟ ସିଲିଣ୍ଡରର ଉପଲବ୍ଧତା ବୃଦ୍ଧି କରିବାକୁ କେନ୍ଦ୍ରର ନିଷ୍ପତ୍ତି

**ନୂଆଦିଲ୍ଲୀ, ୬।୪/ଏଜେନ୍ସି:** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଏବଂ ଯୋଗାଣ ଶୃଙ୍ଖଳା ସମସ୍ୟା ମଧ୍ୟରେ, କେନ୍ଦ୍ର ସରକାର ୫ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ବିକ୍ରୟ ପାଇଁ ନିୟମକୁ ସରଳ କରିଛନ୍ତି। ଏବେ, ଯେକୌଣସି ବ୍ୟକ୍ତି ବିନା କୌଣସି ଠିକଣା ପ୍ରମାଣରେ ମଧ୍ୟ ଏକ ଛୋଟ ଗ୍ୟାସ୍ ସିଲିଣ୍ଡର (୫ କିଗ୍ରା) କିଣିପାରିବେ। ପେଟ୍ରୋଲିୟମ ମନ୍ତ୍ରଣାଳୟ ଅନୁଯାୟୀ, ଏହି ପଦକ୍ଷେପ ପ୍ରବାସୀ ଶ୍ରମିକ ଏବଂ ସହରରେ ସ୍ଥାୟୀ ଠିକଣା ନଥିବା ଲୋକଙ୍କ ସୁବିଧା ତଥା ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଆଯାଇଛି। ଏବେ, ଗ୍ରାହକମାନଙ୍କୁ କେବଳ ଏକ ଅଧିକୃତ ବିତରକଙ୍କ ପାଖକୁ ଯାଇ ଯେକୌଣସି ଫଟୋ ପରିଚୟପତ୍ର ଦେଖାଇବାକୁ ପଡିବ ଏବଂ ସେମାନଙ୍କୁ ତୁରନ୍ତ ଏକ ୫କିଗ୍ରା ବିଶିଷ୍ଟ ସିଲିଣ୍ଡର ମିଳିଯିବ। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ୫ କିଲୋଗ୍ରାମ ମୁକ୍ତ ବାଣିଜ୍ୟ ଏଲ୍‌ପିଜି ସିଲିଣ୍ଡର ପାଇଁ ଆଉ ଏକାଧିକ ଡକ୍ୟୁମେଣ୍ଟର ଆବଶ୍ୟକ ନାହିଁ। ଗ୍ରାହକମାନେ ସେମାନଙ୍କର ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ଭୋଟର ପରିଚୟପତ୍ର ଭଳି ଡକ୍ୟୁମେଣ୍ଟ



ଉପସ୍ଥାପନ କରି ସିଲିଣ୍ଡର ପାଇପାରିବେ। ବର୍ଷସାରା ସେମାନେ ଯେତେଥର ଇଚ୍ଛା ତାହାକୁ ରିଫିଲ୍ କରିପାରିବେ।

ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଦେଶରେ ଶକ୍ତି ଲଜିଷ୍ଟିକ୍ସକୁ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି, ସରକାର ଛୋଟ ସିଲିଣ୍ଡରର ଉପଲବ୍ଧତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସିଧାଅର୍ଥରେ କହିଲେ ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁଁ ଛୋଟ ସିଲିଣ୍ଡର ଉପଲବ୍ଧତା ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୩ ମାର୍ଚ୍ଚ ପରଠାରୁ ପ୍ରାୟ ୬.୬ ଲକ୍ଷ ଛୋଟ ସିଲିଣ୍ଡର ବିକ୍ରି

**ଜାରି ରହିବ ଯୋଗାଣ**
**ବାଧାପ୍ରାପ୍ତକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ**

ହୋଇଛି। କେବଳ ୪ ଏପ୍ରିଲରେ ୯୦,୦୦୦ ୟୁନିଟ୍ ବିକ୍ରି ହୋଇଥିଲା। ଅଧିକାରୀମାନେ କହିଛନ୍ତି ଯେ ବଣ୍ଟନ ପଏଣ୍ଟରେ ଷ୍ଟକ୍‌ର କୌଣସି ଅଭାବ ନାହିଁ। ପ୍ରବାସୀମାନଙ୍କ ପାଇଁ ଏଚ୍‌ପିସିଏଲ୍ ଆଉଟ୍‌ଲେଟ୍‌ରେ ୧୧ଟି ସ୍ୱତନ୍ତ୍ର ସହାୟତା ଡେସ୍କ ସୃଷ୍ଟି ହୋଇଛି। ଏହି ଡେସ୍କଗୁଡ଼ିକ ଗ୍ରାହକମାନଙ୍କୁ ନିକଟତମ ବିତରକଙ୍କ ବିଷୟରେ ସୂଚନା ପ୍ରଦାନ କରିବ ଏବଂ ସେମାନଙ୍କୁ ଅସୁବିଧା ବିନା ସିଲିଣ୍ଡର ସୁରକ୍ଷିତ ରଖିବାରେ ସାହାଯ୍ୟ କରିବ।

ଦେଶରେ ସମ୍ପ୍ରତି ଦେଖାଦେଇଥିବା ରନ୍ଧନ ଗ୍ୟାସ ସଙ୍କଟକୁ ଏଡାଇବା ପାଇଁ ସରକାର ରନ୍ଧନ ଗ୍ୟାସ ଯୋଗାଣକୁ ପ୍ରାଥମିକତା ଦେଇଆସୁଛନ୍ତି। ଘରୋଇ ଗ୍ରାହକ ଏବଂ ହସ୍ପିଟାଲ ଏବଂ ସ୍କୁଲ ଭଳି ଅତ୍ୟାବଶ୍ୟକୀୟ ପ୍ରତିଷ୍ଠାନକୁ ପୂର୍ଣ୍ଣ ଯୋଗାଣ ଯୋଗାଇ ଦିଆଯାଉଛି। ସେହିପରି ଦେଶର ବିଭିନ୍ନ ରାଜ୍ୟରେ ଘରୋଇ ଯୋଗାଣ ବାଧାପ୍ରାପ୍ତ କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। କଳାବଜାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ବର୍ତ୍ତମାନ ସୁଦ୍ଧା ୫୦,୦୦୦ ସିଲିଣ୍ଡର ଜବତ, ୩୬ଟି ଏଜେନ୍ସି ନିଲମ୍ବିତ ହୋଇସାରିଲେଣି। ସରକାର ଯୋଗାଣ ଅଭାବର ସୁଯୋଗ ନେଇ ଲାଭଖୋରଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ନିୟମ ଉଲ୍ଲଂଘନ କରିଥିବାରୁ ୧୪୦୦ରୁ ଅଧିକ ବିତରକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

### ରାଷ୍ଟ୍ରପତିଙ୍କ ନିକଟରେ ପହଞ୍ଚିଲା ଅମରାବତୀ ବିଲ୍

# ଆନ୍ଧ୍ରପ୍ରଦେଶକୁ ମିଳିବ ସ୍ଥାୟୀ ରାଜଧାନୀ

**ନୂଆଦିଲ୍ଲୀ, ୬।୪/ଏଜେନ୍ସି:** ଆନ୍ଧ୍ରପ୍ରଦେଶର ସ୍ଥାୟୀ ରାଜଧାନୀ ଭାବେ 'ଅମରାବତୀ'କୁ ମାନ୍ୟତା ଦେବା ପ୍ରକ୍ରିୟା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଲୋକସଭା ଏବଂ ରାଜ୍ୟସଭାରେ ସଫଳତାର ସହ ଏହି ବିଲ୍ ପାରିତ ହେବା ପରେ, ଏବେ ଏହା ଦେଶର ରାଷ୍ଟ୍ରପତି ତଥା ପ୍ରଥମ ନାଗରିକ ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ଏହି ସଙ୍କଳ୍ପ ପତ୍ର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। କୌଣସି ବି କେନ୍ଦ୍ରୀୟ ଆଇନ ପାରିତ ହେବା ପାଇଁ ଉଭୟ ସଦନର ମଞ୍ଜୁରୀ ପରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ଏକ ଅନିର୍ବାର୍ଯ୍ୟ ସାମ୍ବିଧାନିକ ପ୍ରକ୍ରିୟା। ସଂସଦରେ ପ୍ରାୟ ୫ ଘଣ୍ଟାର ଦୀର୍ଘ ଆଲୋଚନା ପରେ ଏହି ବିଲ୍‌କୁ ଗ୍ରୀନ୍ ସିଗନାଲ୍ ମିଳିଥିଲା। ତେବେ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ସମର୍ଥନ ଥିବାରୁ, ରାଷ୍ଟ୍ରପତିଙ୍କ ଅନୁମୋଦନ କେବଳ ଏକ ଔପଚାରିକତା ବୋଲି ଧରାଯାଉଛି।



ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ହେବା ମାତ୍ରେ ଏହା ତୁରନ୍ତ କାର୍ଯ୍ୟକାରୀ ହେବ ଏବଂ ଅମରାବତୀ ଆନୁଷ୍ଠାନିକ ଭାବେ ଆନ୍ଧ୍ରପ୍ରଦେଶର ସ୍ଥାୟୀ ରାଜଧାନୀର ମାନ୍ୟତା ପାଇବ। ପ୍ରକାଶ, ସଂସଦରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ପ୍ରାୟ ଏକ ସପ୍ତାହ ସମୟ ଲାଗିଛି। ଏହି ଅବସରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଏବେ ଆଉ ରାଜଧାନୀ ବିହୀନ ରାଜ୍ୟ ହୋଇ ରହିବ ନାହିଁ। ୫ କୋଟିରୁ ଅଧିକ ଜନସାଧାରଣଙ୍କ ପାଇଁ ଅମରାବତୀ ଏକ ଗର୍ବର ରାଜଧାନୀ ଭାବେ ଉଭା ହେବ।

# ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅକୁ ଆଜୀବନ

**ରାୟପୁର, ୬।୪/ଏଜେନ୍ସି:** ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ୍ ଯୋଗୀଙ୍କ ପୁଅ ଅମିତ ଯୋଗୀଙ୍କୁ ରାଜ୍ୟ ହାଇକୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୨୦୦୩ର ଏକ ହତ୍ୟାକାଣ୍ଡ ଘଟଣାରେ ଅମିତ୍‌ଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ଏନ୍‌ସିପି ନେତା ରାମ ଅବତାର ଜଗିଙ୍କୁ ହତ୍ୟା କରାଯିବା ଘଟଣାରେ ଅମିତ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଅମିତ୍ ମଧ୍ୟ ରାଜନୀତି କ୍ଷେତ୍ରରେ ସମ୍ପୃକ୍ତ ଅଛନ୍ତି। ସେ ପୂର୍ବରୁ ବିଧାୟକ ମଧ୍ୟ ରହିସାରିଛନ୍ତି। ତେବେ ଆଜି ତାଙ୍କୁ ଏହି ହତ୍ୟାକାଣ୍ଡରେ ଦଣ୍ଡାଦେଶ ଶୁଣାଯାଇଥିବା ବେଳେ କୋର୍ଟ ତାଙ୍କୁ ୭ ଦିନ ଭିତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ରମେଶ ସିହ୍ନା ଏବଂ ଜଷ୍ଟିସ୍ ଅରବିନ୍ଦ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଗତ ଗୁରୁବାର ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ତେବେ ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଅମିତ ଯୋଗୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

ସିବିଆଇ ତଦନ୍ତ ରିପୋର୍ଟ ଅନୁସାରେ ବିଧାନସଭା ନିର୍ବାଚନ ପୂର୍ବରୁ ୨୦୦୩ ଜୁନ୍ ୪ରେ ଜଣେ ବ୍ୟବସାୟୀ ତଥା ଏନ୍‌ସିପି ନେତା ରାମ ଅବତାର ଜଗିଙ୍କୁ ରାୟପୁରରେ ଗୁଳି କରି ହତ୍ୟା କରାଯାଇଥିଲା। ସେହି ସମୟରେ ଅଜିତ୍ ଯୋଗୀ ଛତିଶଗଡର ମୁଖ୍ୟମନ୍ତ୍ରୀ ଥିଲେ। ଏହି ମାମଲାରେ ୨୦୦୭ରେ ସିବିଆଇ କୋର୍ଟ ଦ୍ୱାରା ୨୮ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କିନ୍ତୁ ଅମିତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଏହା ବିରୋଧରେ ସିବିଆଇ ଛତିଶଗଡ ହାଇକୋର୍ଟଙ୍କ ପାଖରେ ଆବେଦନ କରିଥିଲା। କିନ୍ତୁ ଏହାକୁ ବିଳମ୍ବ କାରଣରୁ ଖାରଜ କରାଯାଇଥିଲା। ଯାହା ପରେ ସିବିଆଇ ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କିନ୍ତୁ ଗତ ନଭେମ୍ବରରେ ସୁପ୍ରିମକୋର୍ଟ ଏହି ମାମଲାକୁ ହାଇକୋର୍ଟକୁ ପଠାଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ହାଇକୋର୍ଟ ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଏବଂ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଦୀର୍ଘ ୨୩ ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ଜଗିଙ୍କ ପରିବାରକୁ ଆଶ୍ୱସ୍ତି ଦେଇଛି। ଦିବଂଗତ ରାମ ଅବତାର ଜଗିଙ୍କ ପୁଅ ଖୁସିବ୍ୟକ୍ତ କରି କହିଛନ୍ତି, ଆଜି ତାଙ୍କ ବାପାଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ମିଳିଛି।

# ଦିଲ୍ଲୀ ବିଧାନସଭା ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି

**ନୂଆଦିଲ୍ଲୀ,୬।୪/ଏଜେନ୍ସି:** ଦିଲ୍ଲୀ ବିଧାନସଭା ପରିସରରେ ସୋମବାର ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଏଠାରେ ଗ୍ରହଣ କରାଯାଇଥିବା ବ୍ୟାପକ ତଥା କଡ଼ା ସୁରକ୍ଷା ବଳୟକୁ ଭେଦ କରି ଜଣେ ମୁଖାପିନ୍ଧା ଡ୍ରାଇଭର ଏକ କାର୍ ସହ ବିଧାନସଭା ଭିତରକୁ ପଶି ଆସିଥିଲା। ଯଦିଓ ଦିଲ୍ଲୀ ପୁଲିସ୍ ଏହି ମାମଲାରେ ଉତ୍ତର ପ୍ରଦେଶର ଜଣେ ଯୁବକ ସମେତ ୩ ଜଣଙ୍କୁ ଅଟକ ରଖିବା ସହ କାର୍‌ଟିକୁ ଜବତ କରିଛି, ତେବେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ୟୁପି ନମ୍ବର ଥିବା ଏକ ଟାଟା ସିଏରା କାର୍ ବିଧାନସଭାର ଭିଆଇପି ଏଣ୍ଟ୍ରି ଗେଟ୍ (ନମ୍ବର-୨) ର ବ୍ୟାରିକେଡ୍ ଭାଙ୍ଗି ଦ୍ରୁତ ଗତିରେ ଭିତରକୁ ପଶିଥିଲା। ମୁଖାପିନ୍ଧା ଡ୍ରାଇଭର ଜଣକ କାର୍‌ଟିକୁ ସିଧାସଳଖ ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ନେଇଯାଇଥିଲେ। ସେଠାରେ ସେ ଏକ ଫୁଲତୋଡ଼ା (ଗୁଲଦସ୍ତା) ରଖି ପୁଣି ସେହି କାର୍ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ପରେ ବିଧାନସଭା ପରିସରରେ ଆତଙ୍କ ଖେଳିଯାଇଥିଲା। ଦିଲ୍ଲୀ ପୁଲିସ୍ ତୁରନ୍ତ ତଦନ୍ତ ଆରମ୍ଭ କରି ଉତ୍ତର ପ୍ରଦେଶ ପିଲିଭିତର ବାସିନ୍ଦା ସରବଜିତ ଏବଂ ଅନ୍ୟ ଦୁଇଜଣଙ୍କୁ ହେପାଜତକୁ ନେଇଛି। ସୌଭାଗ୍ୟବଶତଃ, ସେହି ସ୍ଥାନରୁ କୌଣସି ବିସ୍ଫୋରକ କିମ୍ବା ସନ୍ଦେହଜନକ ବସ୍ତୁ ମିଳିନାହିଁ।

### ଆରପାରିରେ ଭାରତର 'ବ୍ରହ୍ମୋସ୍' ମିସାଇଲ୍ ପ୍ରକଳ୍ପର ସୂତ୍ରଧର

# ବିଶିଷ୍ଟ ରୁଷୀୟ ବୈଜ୍ଞାନିକ ଆଲେକ୍‌ଜାଣ୍ଡାର୍ ଲିଓନୋଭ୍‌ଙ୍କ ଦେହାନ୍ତ

**ମସ୍କୋ, ନୂଆଦିଲ୍ଲୀ, ୬।୪/ଏଜେନ୍ସି:** ଭାରତ ଏବଂ ରୁଷ୍‌ର ମିଳିତ ପ୍ରୟାସରେ ନିର୍ମିତ 'ବ୍ରହ୍ମୋସ୍' କ୍ଷେପଣାସ୍ତ୍ର ପ୍ରକଳ୍ପ ସହ ଜଡ଼ିତ ବିଶିଷ୍ଟ ରୁଷୀୟ ବୈଜ୍ଞାନିକ ଆଲେକଜାଣ୍ଡାର୍ ଲିଓନୋଭଙ୍କର ୭୪ ବର୍ଷ ବୟସରେ ନିଧନ ହୋଇଛି। ସେ ରୁଷ୍‌ର ଜଣେ ପ୍ରମୁଖ ମିସାଇଲ୍ ଡିଜାଇନର୍ ଭାବେ ବିଶ୍ୱବିଦିତ ଥିଲେ। ତେବେ ଯେତେବେଳେ ଭାରତ-ରୁଷ୍ ମଧ୍ୟରେ ଏପ୍ରକାର ଏକ ଘାତକ ମିସାଇଲ୍‌ର ମିଳିତ ଉତ୍ପାଦନ ନେଇ ସହମତି ପ୍ରକାଶ ପାଇଥିଲା



ସେତେବେଳେ ଲିଓନୋଭ୍ ଭାରତ ପାଇଁ ଏହି ମିସାଇଲ୍‌ର ଡିଜାଇନ୍ କରିଥିଲେ। ବ୍ରହ୍ମୋସ କ୍ଷେପଣାସ୍ତ୍ରର ବିକାଶ ଏବଂ ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବିବେଚନା କରାଯାଏ। ସମ୍ପ୍ରତି ସେ ନୂତନ ପିଢ଼ିର ବ୍ରହ୍ମୋସ-ଏନ୍‌ଜି (ନେକ୍ସଟ୍ ଜେନେରେସନ୍) କ୍ଷେପଣାସ୍ତ୍ରର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ। ଏହି ନୂଆ ମିସାଇଲ୍‌ଟି ହାଲୁକା ଏବଂ ଅଧିକ ଶକ୍ତିଶାଳୀ ହେବ ବୋଲି ତାଙ୍କର ଲକ୍ଷ୍ୟ ଥିଲା। ଲିଓନୋଭ 'ଏନ୍‌ପିଓ ମାସିନୋଷ୍ଟ୍ରୋଏନିଆ' ବା ଏନ୍‌ପିଓମାସ ନାମକ ଏକ କମ୍ପାନୀର ସିଇଓ ଏବଂ ମୁଖ୍ୟ ଡିଜାଇନର୍ ଭାବେ କାର୍ଯ୍ୟ କରୁଥିଲେ। ଏହି ସଂସ୍ଥା ହେଉଛି 'ଭାରତ-ରୁଷ୍ ବ୍ରହ୍ମୋସ ଏରୋସ୍ପେସ୍'ର ଏକ ପ୍ରମୁଖ ଅଂଶୀଦାର। ଉନ୍ନତ ମିସାଇଲ୍ ଟେକ୍ନୋଲୋଜି ପାଇଁ ପରିଚିତ ଲିଓନୋଭ 'ଜିର୍କନ' ହାଇପରସୋନିକ୍ କ୍ରୁଜ୍ ମିସାଇଲ୍ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ମଧ୍ୟ କାର୍ଯ୍ୟ କରିଥିଲେ। ଏତଦ୍‌ବ୍ୟତୀତ ସେ ଗ୍ରେନିଟ୍, ଭଲକାନ ଏବଂ ବାଷ୍ଟିଅନ୍ ଭଳି କ୍ଷେପଣାସ୍ତ୍ର ତଥା କୋଷ୍ଟାଲ୍ ଡିଫେନ୍ସ ସିଷ୍ଟମର ବିକାଶରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ବିୟୋଗ କେବଳ ରୁଷ ପାଇଁ ନୁହେଁ, ବରଂ ବିଶ୍ୱର ପ୍ରତିରକ୍ଷା ବିଜ୍ଞାନ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ବିବେଚନା କରାଯାଉଛି। ଅଲେକଜାଣ୍ଡାର୍ ଲିଓନୋଭଙ୍କ ବିୟୋଗ, କ୍ଷେପଣାସ୍ତ୍ର ଦୁନିଆରେ ଏକ ଯୁଗର ଅନ୍ତ ବୋଲି କୁହାଯାଉଛି। ତାଙ୍କର ଅସାଧାରଣ କାର୍ଯ୍ୟ ପାଇଁ ତାଙ୍କୁ ରୁଷ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ 'ହିରୋ ଅଫ୍ ଲେବର'ରେ ମଧ୍ୟ ସମ୍ମାନିତ କରାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra